CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

- Vol.- 46, Issue No. 212
- Tuesday,3 November 2026
- ମଙ୍ଗଳବାର,୩ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



ଦୁଇଦିନିଆ ଦିଲ୍ଲୀ ଗସ୍ତରେ ମୋହନ ମାଝୀ

ଭାରତ ଅକ୍ଷୟ ଶକ୍ତି ସମିଟ୍‌ରେ ହେବେ ସାମିଲ




ଭୁବନେଶ୍ୱର,୨।୧୧: ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆସନ୍ତାକାଲି ଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଭାରତ ଅକ୍ଷୟ ଶକ୍ତି ସମିଟ୍ ଓ ପ୍ରଦର୍ଶନୀ ୨୦୨୬' ଯୋଗ ଦେବେ ମୁଖ୍ୟମନ୍ତ୍ରୀ । ଓଡ଼ିଶାରେ ସବୁଜ ଓ ଅକ୍ଷୟ ଶକ୍ତି କ୍ଷେତ୍ରର ବିକାଶ ତଥା ନିବେଶ ବଢ଼ାଇବା ଏହାର ପ୍ରମୁଖ ଲକ୍ଷ୍ୟ । ମୁଖ୍ୟମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହାସହ ଏହି ଗସ୍ତ ବେଳେ ବାତ୍ୟା ଅର୍ଣ୍ଣବ ଓ ଏହା ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଉପୁଜିବା ଯୋଗୁଁ ହୋଇଥିବା ବ୍ୟାପକ କ୍ଷୟକ୍ଷତି ନେଇ କେନ୍ଦ୍ର ସରକାର ଏବଂ କେନ୍ଦ୍ର ମନ୍ତ୍ରୀ ମାନଙ୍କ ସହ ଆଲୋଚନା କରିପାରନ୍ତି ମୁଖ୍ୟମନ୍ତ୍ରୀ । ଏହାସହ କେନ୍ଦ୍ରୀୟ ସହାୟତା ଦାବି କରିପାରନ୍ତି ମୁଖ୍ୟମନ୍ତ୍ରୀ ।

ନବଜାତକକୁ ଝୁଣି ଝୁଣି ଖାଇଲା ବୁଲା କୁକୁର

କେନ୍ଦୁଝର,୨।୧୧: ରାସ୍ତା କଡ଼ରେ ନବଜାତକକୁ ଝୁଣି ଖାଇଲା କୁକୁର । ଏମିତି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ସହରରେ । ଗୋବିନ୍ଦମୁଣ୍ଡା ଛକ ନିକଟ ରାସ୍ତାକଡ଼ରେ ଏକ ବୁଲା କୁକୁର ଶିଶୁକୁ ଝୁଣି ଝୁଣି ଖାଇଛି । ସୂଚନା ଅନୁଯାୟୀ, ଶିଶୁକୁ ଝୁଣି ଖାଉଥିବାର ଦେଖି ସ୍ଥାନୀୟ ଲୋକେ ତୁରନ୍ତ କୁକୁରକୁ ଘଉଡ଼ାଇଥିଲେ ଏବଂ ଶିଶୁଟିର ଶରୀରକୁ ଘୋଡ଼ାଇ ଦେଇ ପୁଲିସକୁ ଖବର ଦେଇଥିଲେ। କେନ୍ଦୁଝର ଟାଉନ ଥାନା ପୁଲିସ ଖବର ଘଟଣାସ୍ଥଳରେ ପହଞ୍ଚି ମୃତ ନବଜାତକକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ କିଏ କେଉଁ ପରିସ୍ଥିତିରେ ନବଜାତ ଶିଶୁକୁ ରାସ୍ତାକଡ଼ରେ ଛାଡ଼ି ଚାଲିଗଲା ? ଶିଶୁଟି ଜୀବିତ ଅବସ୍ଥାରେ ରାସ୍ତାକଡ଼ରେ ପଡିଥିଲା ନା ମୃତ ଅବସ୍ଥାରେ। ତାହା ତଦନ୍ତକୁ ଅପେକ୍ଷା ରଖୁଛି । ଏହି ହୃଦୟବିଦାରକ ଘଟଣା କିନ୍ତୁ ସମଗ୍ର ଅଞ୍ଚଳରେ ଚହଳ ପକାଇଛି ।

ଭୀଷଣ ବାତ୍ୟାରେ ପରିଣତ ହେଲା 'ମୁରାସୁ'

ନେଲୋର ଓ ନରସାପୁର ମଧ୍ୟରେ ଲ୍ୟାଣ୍ଡଫଲ



ଭୁବନେଶ୍ୱର,୨।୧୧: ବଙ୍ଗୋପସାଗରରେ ଭୀଷଣ ବାତ୍ୟାରେ ପରିଣତ ହୋଇଛି 'ମୁରାସୁ' । ସୋମବାର ଚେନ୍ନାଇଠାରୁ ୨୬୦ କିମି ଦୂରରେ ରହିଛି ବାତ୍ୟା। ନେଲୋରରୁ ୨୯୦, ମଛଲିପଟନମଠାରୁ ୩୨୦ କିମି ଦୂରରେ ବାତ୍ୟା 'ମୁରାସୁ' ରହିଛି। ମଧ୍ୟରାତ୍ରିରୁ କାଲି ଭୋର ମଧ୍ୟରେ ଆନ୍ଧ୍ର ଉପକୂଳ ଅତିକ୍ରମ କରିବ। ଏହି ବାତ୍ୟା ଧିରେ ଧିରେ ସମୁଦ୍ରରୁ ବଳ ଗୋଟାଇ ଘଣ୍ଟାପ୍ରତି ୨୦ କି.ମି. ବେଗରେ ଆଗକୁ ବଢ଼ି ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି। ନେଲୋର ଓ ନରସାପୁର ମଧ୍ୟରେ ଓଙ୍ଗୋଲ ନିକଟରେ ଲ୍ୟାଣ୍ଡଫଲ କରିବ। ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ୧୦୦ରୁ ୧୧୦ କିମି ରହିବା ସହ ଝଟ୍‌କା ପବନର ବେଗ ସର୍ବାଧିକ ୧୨୦ କି.ମି. ପର୍ଯ୍ୟନ୍ତ ରହିପାରେ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୁରାସୁ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପୁଣି ବର୍ଷା ଭୟ ଦେଖାଦେଇଛି। ବିଶେଷକରି ନଭେମ୍ବର ୩ ଓ ୪ ତାରିଖ ଦକ୍ଷିଣ ଓଡ଼ିଶା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ସମୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାକୁ ଅଧିକ ବିପଦ ରହିଥିବା ସେ ସୂଚନା ଦେଇଛନ୍ତି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ଗଜପତି ଓ ଗଞ୍ଜାମ ଜିଲାକୁ ପ୍ରବଳ ବର୍ଷା ଏବଂ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ନୟାଗଡ଼କୁ ଝଡ଼ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଏହି ସମୟରେ ପବନର ବେଗ ସର୍ବାଧିକ ଘଣ୍ଟାପ୍ରତି ୬୦ କି.ମି. ରହିବ। ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଏହିଦିନ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପୁରୀ ଓ ଖୋର୍ଦ୍ଧାକୁ ଝଡ଼ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ସେହିପରି କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗୀର ଜିଲାକୁ ଝଡ଼ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର ୪ ତାରିଖରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପ୍ରଭାବ ଲାଗି ରହିବ। ତେବେ ପାହାଡ଼ିଆ ଓ ଭୂସ୍ଖଳନ ପ୍ରବଣ ଅଞ୍ଚଳରେ ରହୁଥିବା ଲୋକେ ବିଶେଷ ସାବଧାନ ରହିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

ରାୟଗଡ଼ାରୁ ଗଞ୍ଜାମ ଯାଏଁ ବର୍ଷା ଚେତାବନୀ

ଭୁବନେଶ୍ୱର,୨।୧୧: ବାତ୍ୟା ମୁରାସୁର ବିଶେଷ ପ୍ରଭାବ ଓଡ଼ିଶା ଉପରେ ନାହିଁ । ଏହାର ପ୍ରଭାବ ଦକ୍ଷିଣ ଆନ୍ଧ୍ରରେ ପଡିବ । ତେବେ ସୋମବାର ରାତି ୧୧ଟା ୩୦ରୁ ମଙ୍ଗଳବାର ଭୋର ୪ଟା ମଧ୍ୟରେ ଭୀଷଣ ବାତ୍ୟା ସ୍ଥଳଭାଗ ଛୁଇଁବାକୁ ନେଇ ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ୧୦୦ରୁ ୧୧୦ ଓ ଝଟକା ପବନ ୧୨୦ କିଲୋମିଟର ପ୍ରବାହିତ ହେବାର ସମ୍ଭାବନା ରହିଛି । ତେବେ ଏହାର ପ୍ରଭାବରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା ରାୟଗଡା, କୋରାପୁଟ, ମାଲକାନଗିରି, ଗଂଜାମ, ଗଜପତିର ଗୋଟେ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ୟେଲୋ ଅଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ସେହିଭଳି ୩ ତାରିଖରେ ମଧ୍ୟ ଏହି ୫ଟି ଜିଲ୍ଲାରେ ଗୋଟେ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ୟେଲୋ ଆଲର୍ଟ ଦିଆଯାଇଛି । ୪ ତାରିଖରେ କୋରାପୁଟ ଓ ମାଲକାନଗିରିର ଗୋଟେ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାକୁ ନେଇ ଚେତାବନୀ ଦିଆଯାଇଛି । ଏହାସହ ୨ରୁ ୪ ତାରିଖ ୩ ଦିନ ଧରି ଉପକୂଳ ଓଡ଼ିଶାରେ ମଧ୍ୟ ଘଡଘଡି ସହ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ରହିଛି ।

ଭିଜିଲାନ୍ସ ଜାଲରେ ରେଳ ଲାଇନ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ


କଟକ,୨।୧୧(ନିପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସମ୍ବଲପୁର-ତାଳଚେର ରେଲୱେ ଲାଇନ୍ ଦୋହରୀକରଣ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅଜୟ କୁମାର ଗଡ଼ନାୟକ। ସେ ଜଣେ ଜମି ମାଲିକଙ୍କଠାରୁ ୩ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଧରାପଡ଼ିଛନ୍ତି। ଏହି ରେଳ ପ୍ରକଳ୍ପ ପାଇଁ କ୍ଷତିପୂରଣ ବାବଦକୁ ସେ ୮୪ ଲକ୍ଷ ୬୨ ହଜାର ୨୮୮ ଟଙ୍କା ପାଇବେ। କ୍ଷତି ପୂରଣ ଟଙ୍କା ପ୍ରଦାନ କରିବା ସହିତ ଆଗାମୀ ଦିନରେ ତୃତୀୟ ରେଳ ଲାଇନ ହେଲେ କ୍ଷତିପୂରଣ ପ୍ରଦାନରେ ତାଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯିବାର ଲୋଭ ଦେଖାଇ ଶ୍ରୀ ଗଡ଼ନାୟକ ତାଙ୍କୁ ୫ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅକ୍ଟୋବର ୨୭ ତାରିଖରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଶ୍ରୀ ଗଡ଼ନାୟକ ସଂପୃକ୍ତ ଜମି ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଇଥିଲେ। ୩ ଲକ୍ଷ ଟଙ୍କା ନଦେଲେ ଭବିଷ୍ୟତରେ ତୃତୀୟ ରେଳ ଲାଇନ ହେଲେ ତାଙ୍କୁ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ରାଶି ପାଇବାରେ ସମସ୍ୟା ହେବ ବୋଲି ସେ ଧମକ ଦେଇଥିଲେ। ଏଥିରେ ଜମି ମାଲିକ ଭିଜିଲାନ୍ସକୁ ଜଣାଇବାରେ ଯୋଜନା ପ୍ରକାରେ ଜମି ମାଲିକ ଆଜି ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଶ୍ରୀ ଗଡ଼ନାୟକଙ୍କୁ ଭେଟି ଆଉ ୩ ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା।

ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା: ଜେଲ୍ ଗଲେ ବିଦ୍ୟାଭାରତୀ



ପାରଳାଖେମୁଣ୍ଡି,୨।୧୧(ନିପ୍ର): ପାଞ୍ଚ ବର୍ଷ ଧରି ରାଜ୍ୟବ୍ୟାପୀ ଚର୍ଚ୍ଚାରେ ଥିବା ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ସୋମବାର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। କୋର୍ଟ ଜାମିନ ଆବେଦନକୁ ଖାରଜ କରିବା ପରେ ତାଙ୍କୁ ୧୩ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ବିଦ୍ୟାଭାରତୀଙ୍କ ଓକିଲ ଶିଶିର କୁମାର ଜେନାଙ୍କ ସୂଚନାନୁସାରେ, ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଖାରଜ ହେବା ପରେ ସୋମବାର ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତରେ ବିଦ୍ୟାଭାରତୀ ଆତ୍ମସମର୍ପଣ କରିଥିଲେ। ଏହାପରେ ବିଦ୍ୟାଭାରତୀୟଙ୍କ ନିୟମିତ ଜାମିନ ଆବେଦନ ନାମଞ୍ଜୁର କରି କୋର୍ଟ ତାଙ୍କୁ ୧୩ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ଏହାପରେ ପୁଲିସ ହେଫାଜତରେ ତାଙ୍କୁ ପାରଳାଖେମୁଣ୍ଡି ଉପ କାରାଗାରକୁ ନିଆଯାଇଛି। ଏହି ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭ ମଧ୍ୟ ଏହି କାରାଗାରରେ ଅଛନ୍ତି।

ଆରପାରିରେ ପଦ୍ମଶ୍ରୀ ଡା.ଅଶୋକ ମହାପାତ୍ର




ଭୁବନେଶ୍ୱର,୨।୧୧: ଆଉ ନାହାନ୍ତି ବିଶିଷ୍ଟ ଡାକ୍ତର ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର । ଚିକିତ୍ସାଧୀନ ଅବସ୍ଥାରେ ନୂଆଦିଲ୍ଲୀ ଏମସରେ ସୋମବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକ ଖବର ପ୍ରଚାର ହେବା ମାତ୍ରେ ସବୁ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । କିଛିଦିନ ତଳେ ଡା.ମହାପାତ୍ର ମସ୍ତିଷ୍କ ଯନ୍ତ୍ରଣାରେ ଅସୁସ୍ଥ ହୋଇ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ । ଅଧିକ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ ନୂଆଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତରମାନଙ୍କର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ତାଙ୍କର ପରଲୋକ ହୋଇଯାଇଛି। ଯୋଡ଼ା ମୁଣ୍ଡ ଶିଶୁ ଜଗା-ବଳିଆଙ୍କ ଅସ୍ତ୍ରୋପଚାର ପାଇଁ ଚର୍ଚ୍ଚିତ ଡା. ମହାପାତ୍ରଙ୍କୁ ଭାରତ ସରକାର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଛନ୍ତି । ପୂର୍ବରୁ ସେ ଏମ୍ସର ନିର୍ଦ୍ଦେଶକ ରହିବା ସହ ନୂଆଦିଲ୍ଲୀ ଏବଂ ଭୁବନେଶ୍ୱରରେ ଦକ୍ଷତାର ସହ ଦାୟିତ୍ୱ ତୁଲାଇ ଉଦାହରଣ ସୃଷ୍ଟି କରିଛନ୍ତି । ଓଡ଼ିଶା ନୁହେଁ ସାରା ଦେଶରେ ଶ୍ରୀ ମହାପାତ୍ର ଥିଲେ ଜଣାଶୁଣା ସର୍ଜନ । ନିଜର ଆମାୟିକ ବ୍ୟବହାର ଓ କର୍ତ୍ତବ୍ୟ ପ୍ରତି ନିଷ୍ଠାପଣ ତାଙ୍କୁ ଭିନ୍ନ ପରିଚୟ ଦେଇଥିଲା । ଶେଷ ପର୍ଯ୍ୟନ୍ତ ନିୟମିତ ରୋଗୀଙ୍କ ଚିକିତ୍ସା ସହ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ । ପ୍ରଫେସର ମହାପାତ୍ର ବିଭିନ୍ନ ଉପାଦେୟ ମୂଳକ ପୁସ୍ତକ ରଚନା ସହ ଚିକିତ୍ସା ଓ ଆଧ୍ୟାତ୍ମିକତାର ଅପୂର୍ବ ସଂଯୋଗ ତଥା ସମନ୍ୱୟ ବିଷୟରେ ସର୍ବଦା ସମସ୍ତଙ୍କୁ ଅବଗତ କରି ଆସୁଥିଲେ । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୋକବ୍ୟକ୍ତ କରିଛନ୍ତି ।

'ମୁରାସୁ' ମୁକାବିଲା ପାଇଁ ପ୍ରସ୍ତୁତି ଜୋରଦାର



ଭୁବନେଶ୍ୱର,୨ଲ୧୧: ରାଜ୍ୟରେ ବାତ୍ୟା ଅର୍ଣ୍ଣବ ଆଣିଥିବା ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା ସୋମବାର ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାସହ ଆସୁଥିବା ବାତ୍ୟା ମୁରାସୁର ମୁକାବିଲା ନିମନ୍ତେ ଆବଶ୍ୟକ ପଦକ୍ଷେପର ମଧ୍ୟ ଆଲୋଚନା ହୋଇଥିଲା। ରାଜୀବ ଭବନ ସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ବାତ୍ୟା 'ମୁରାସୁ' ଗଭୀର (ଅବପାତ) ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୧୦୦ରୁ ୧୧୦ କିମି ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ପୁରୀ ଭଳି ଉପକୂଳ ଜିଲ୍ଲାଗୁଡ଼ିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଅର୍ଣ୍ଣବ ବାତ୍ୟା ଓ ବନ୍ୟା ଯୋଗୁଁ ରାଜ୍ୟର ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ମୋଟ ୪୧ଟି ବ୍ଲକର ୪୮୮ଟି ପଞ୍ଚାୟତ ଏବଂ ୨,୧୩୭ଟି ଗ୍ରାମ ପ୍ରଭାବିତ ହୋଇଛି। ସେହିପରି ୨୩ଟି ସହରାଞ୍ଚଳର ୩୦୭ଟି ୱାର୍ଡର ଲୋକମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ଜନସଂଖ୍ୟା: ସମୁଦାୟ ୨,୧୦,୯୨୦ ଜଣ ଲୋକ ଏହି ବିପର୍ଯ୍ୟୟର ଶିକାର ହୋଇଛନ୍ତି । ସ୍ଥାନାନ୍ତରଣ: ସୁରକ୍ଷା ଦୃଷ୍ଟିରୁ ୧,୪୧,୭୯୭ ଜଣ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ପ୍ରଭାବିତ ଅଞ୍ଚଳରୁ ମୋଟ ୫୭୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏହି ବିପର୍ଯ୍ୟୟରେ ଗଞ୍ଜାମ ୩ ଜଣ ବ୍ୟକ୍ତିଙ୍କର ଜୀବନହାନି ହୋଇଛି । ଗଞ୍ଜାମ ଜିଲ୍ଲା: କୁକୁଡାଖଣ୍ଡି ଓ ପାତ୍ରପୁର ବ୍ଲକର ୧୩ଟି ସ୍ଥାନରେ ଭୂସ୍ଖଳନ ଯୋଗୁଁ ଜମିଥିବା ମାଟି ଓ ଆବର୍ଜନା ସଫା କରାଯାଇଛି ଏବଂ ଅନ୍ୟ ୮ଟି ସ୍ଥାନରେ କାର୍ଯ୍ୟ ଜାରି ରହିଛି। ଭଞ୍ଜନଗରରେ ରାସ୍ତା ଉପରେ ଭୂସ୍ଖଳନ ଜନିତ ଯେଉଁ ଗୋଟିଏ ସ୍ଥାନରେ ବାଧା ଉପୁଜିଥିଲା, ତାହା ସମ୍ପୂର୍ଣ୍ଣ ଅପସାରିତ ହୋଇଛି । ୧୪ଟି ବ୍ଲକରେ ମୋଟ ୧୨୪ଟି ରାସ୍ତା ଫାଟ ବନ୍ଦ କରାଯାଇଥିବାବେଳେ ୪୨ଟି ସ୍ଥାନରେ କାର୍ଯ୍ୟକୁ ତ୍ୱରାନିତ କରାଯାଇଛି। ୧୪ଟି ବ୍ଲକର ୧୮୬ଟି କ୍ଷତିଗ୍ରସ୍ତ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି । ଗଜପତି ଜିଲ୍ଲାର ୬ଟି ବ୍ଲକର ୧୯ଟି ରାସ୍ତାର ଭୂସ୍ଖଳନ ଅବସ୍ଥା ସଫା କରାଯାଇଛି । ପାଣି ମାଡ଼ିଯିବା ଯୋଗୁଁ ପ୍ରଭାବିତ ହୋଇଥିବା ୫ଟି ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି । ୩ଟି ବ୍ଲକରେ ପ୍ରଭାବିତ ୧୧ଟି କ୍ଷତିଗ୍ରସ୍ତ ରାସ୍ତା ମରାମତି କରାଯାଇଛି । ଗୋଷାଣୀ ବ୍ଲକର ଗୋଟିଏ ରାସ୍ତାରେ ଅସ୍ଥାୟୀ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । କନ୍ଧମାଳ ଜିଲ୍ଲା:୩ଟି ବ୍ଲକର ୩୧ଟି ରାସ୍ତା ଫାଟ ମଧ୍ୟରୁ ୧୫ଟି ବନ୍ଦ ହୋଇସାରିଥିବାବେଳେ ୧୬ଟି ନିର୍ମାଣାଧିନ ଅଛି । ୩ଟି ବ୍ଲକର ୭ଟି କ୍ଷତିଗ୍ରସ୍ତ ରାସ୍ତାର ମରାମତି ସମ୍ପୂର୍ଣ୍ଣ ହୋଇଛି ଏବଂ ୩୧ଟି ର କାମ ଚାଲିଛି । ରାୟଗଡ଼ା ଜିଲ୍ଲା: ଗୁଣୁପୁରରେ ଭୂସ୍ଖଳନ ଯୋଗୁଁ ରାସ୍ତା ଉପରେ ୧୫ଟି ସ୍ଥାନରେ ଜମିଥିବା ଆବର୍ଜନା ଓ ମାଟି ବାଧକକୁ ସଫା କରାଯାଇଛି । ମନ୍ତ୍ରୀ କହିଛନ୍ତି, କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ଆସି ପହଞ୍ଚିଛନ୍ତି । ସେମାନେ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିବେ। ଜନସାଧାରଣଙ୍କୁ ସୁରକ୍ଷିତ ରିଲିଫ୍ ସେଣ୍ଟର, ନିକଟସ୍ଥ ସ୍କୁଲ, କଲେଜ କିମ୍ବା ଚାଲିଯିବାକୁ ନିବେଦନ କରାଯାଇଛି। ଆଶା ଓ ଆଙ୍ଗନବାଡ଼ି କର୍ମୀମାନେ ଲୋକଙ୍କୁ ସଚେତନ କରୁଛନ୍ତି।



ଧର୍ମର ଜୟ ହୁଏ

ଧର୍ମ ପଥର ପଥିକମାନଙ୍କ ଦୃଢ଼ ବିଶ୍ୱାସର ସହିତ କହନ୍ତି - 'ଧର୍ମୋ ରକ୍ଷତି ରକ୍ଷିତଃ' । ଯେଉଁମାନେ ଧର୍ମକୁ ରକ୍ଷା କରିବେ ତା'ଙ୍କୁ ନିଶ୍ଚୟ ଧର୍ମ ଦିନେନା ଦିନେ ରକ୍ଷା କରିବ। ଏଣୁ ଶାସ୍ତ୍ରରେ କୁହାଯାଇଛି ସର୍ବଦା ଧର୍ମର ଜୟ ହୁଏ ଓ ଅଧର୍ମର ବିନାଶ ହୋଇଥାଏ ।

ମର ଜଗତରେ ଯେଉଁ ଦ୍ୱୈତ, ଦାନବ ଓ ମାନବମାନେ ଜନ୍ମ ଗ୍ରହଣ କରନ୍ତି ସେମାନେ କର୍ମ ମିଶ୍ରିତ ଭୋଗଯୋନି ଅନ୍ତର୍ଗତ । ଯେତେ ଜୀବ ଅଛନ୍ତି ସେମାନେ ଭୋଗଯୋନିର ପର୍ଯ୍ୟାୟ ବିଶେଷ। ଉପରୋକ୍ତ ଦୁଇ ଯୋନି ମଧ୍ୟରୁ ଭୋଗ ଯୋନିରେ କର୍ମ ଉତ୍ପତ୍ତି ହୁଏ ନାହିଁ। ଏହି ଜୀବମାନେ ଜନ୍ମ ନିଅନ୍ତି ଭୋଗ ଶେଷ ପରେ ଶରୀର ତ୍ୟାଗ କରିଥାନ୍ତି । କିନ୍ତୁ କର୍ମ ମିଶ୍ରିତ ଭୋଗ ଯୋନି ପ୍ରାଣୀମାନେ କର୍ମ ସହ ଭୋଗ ମଧ୍ୟ କରିଥାନ୍ତି। ଫଳରେ ଏମାନେ ଜୀବିତ ଅବସ୍ଥାରେ ଯେଉଁ କର୍ମମାନ କରନ୍ତି ସେସବୁ ସଞ୍ଚିତ ହୋଇ ପ୍ରାରବ୍ଧର ରୂପ ନେଇଥାଏ। ଏହା ହିଁ କର୍ମ ମିଶ୍ରିତ ଭୋଗ ଯୋନି ଏବଂ ଭୋଗ ଯୋନିର ବିଶେଷତ୍ୱ। ସାଧାରଣତଃ ଅହଙ୍କାରୀ ମନୁଷ୍ୟ ମାୟିକ ପ୍ରପଞ୍ଚରେ ମୋହିତ ହୋଇ ଧରାକୁ ସରା ମଣିଥାନ୍ତି । ଧନ ବଳ , ଜନ ବଳ ଓ ବାହୁବଳ ବଳରେ ମତ୍ତ ହୋଇ ଅନ୍ୟର ଅହିତ ସାଧନ କରିବାକୁ ପଛାନ୍ତି ନାହିଁ। ଏପରି ପୁରୁଷ ଅନୀତି ପଥରେ ସର୍ବଦା ଅଗ୍ରସର ରହି ଶାସ୍ତ୍ର ବିହିତ ଧର୍ମର ବିପରୀତ କର୍ମ ଆଚରଣ କରିଥାନ୍ତି । ଏମାନେ ତାତ୍କାଳିକ ସୁଖ ଭୋଗ କଲେ ମଧ୍ୟ କାଳାନ୍ତରରେ ଦୁଃଖ ଓ ଯାତନା ଆଦି ଭୋଗିଥାନ୍ତି। ଏପରି ଲୋକଙ୍କ ପାଇଁ ଓଡ଼ିଆରେ ଏକ ଲୋକୋକ୍ତି ରହିଛି ' ଅଧର୍ମ ବିତ୍ତ ବଢେ ବହୁତ ଗଲାବେଳେ ଯାଏ ମୂଳ ସହିତ '। ପରନ୍ତୁ ଯେଉଁମାନେ ଶାସ୍ତ୍ର ବିହିତ କର୍ମ କରିବା ସହିତ ଧର୍ମ ପଥରେ ଗମନ କରନ୍ତି ସେମାନେ ତାତ୍କାଳିକ ଦୁଃଖ ଭୋଗକଲେ ମଧ୍ୟ କାଳାନ୍ତରରେ ଆନନ୍ଦ ପ୍ରାପ୍ତି କରିଥାନ୍ତି। ସଜ୍ଜନମାନେ ଜାଣନ୍ତି ଅସତ୍ୟ ରୂପୀ ଅନ୍ଧକାର କିଛି ସମୟ ପାଇଁ ନିଜର କାୟା ବିସ୍ତାରିତ କରିପାରେ କିନ୍ତୁ ଧର୍ମର ସ୍ୱରୂପ ସ୍ୱପ୍ରକାଶକୁ କେବେ ମଧ୍ୟ ବହୁ କାଳଧରି ଆବରଣ କରି ପାରିବ ନାହିଁ। ଧର୍ମର ଅଶେଷ ସାମର୍ଥ୍ୟ ରହିଛି । ତାହା



ନିମିଷକ ମଧ୍ୟରେ ଅସତ୍ୟକୁ ପ୍ରତିହତ କରିଦିଏ। ତେଣୁ ସଦାଚାରୀ ଗୋଷ୍ଠୀମାନେ ଦୁଃଖ ଭୋଗିଲେ ବି କେବେ ମଧ୍ୟ ଧର୍ମ ପଥକୁ ତ୍ୟାଗ କରନ୍ତି ନାହିଁ । ଧାର୍ମିକ ବ୍ୟକ୍ତିମାନେ ବାହ୍ୟରେ ପ୍ରକାଶ ନ କଲେ ମଧ୍ୟ ସେମାନେ 'ସ୍ୱଧର୍ମେ ନିଧନମ୍ ଶ୍ରେୟଃ ପରଧର୍ମୋ। ଭୟାବହଃ' ବୋଲି ଜାଣନ୍ତି । ଏଣୁ ଧର୍ମ ପଥର ପଥିକମାନଙ୍କ ଦୃଢ଼ ବିଶ୍ୱାସର ସହିତ କହନ୍ତି - 'ଧର୍ମୋ ରକ୍ଷତି ରକ୍ଷିତଃ' । ଯେଉଁମାନେ ଧର୍ମକୁ ରକ୍ଷାକରିବେ ତା'ଙ୍କୁ ନିଶ୍ଚୟ ଧର୍ମ ଦିନେନା ଦିନେ ରକ୍ଷା କରିବ। ଏଣୁ ଶାସ୍ତ୍ରରେ କୁହାଯାଇଛି ସର୍ବଦା ଧର୍ମର ଜୟ ହୁଏ ଓ ଅଧର୍ମର ବିନାଶ ହୋଇଥାଏ ।

ମନର ଅସ୍ଥିରତା ବିନା ଶରୀରର ଅସ୍ତିତ୍ୱ ଅର୍ଥହୀନ

ସମ୍ପୂର୍ଣ୍ଣ ସଂସାରରେ ଯଦି ସର୍ବାଧିକ ଶକ୍ତିଶାଳୀ ଯଦି କିଏ ଅଛି ତାହା ହେଲା ମନ । ମନକୁ କେହି ଦେଖି ନାହାନ୍ତି । କିନ୍ତୁ ମନର ଭିତରେ ଶକ୍ତିର ଅପାର ଭଣ୍ଡାର ବିଦ୍ୟମାନ ଅଛି । ଗୋଟିଏ ଦୋହା ଅଛି,'ମନ କେ ହାରେ ହାର ହେ,ମନକେ ଜୀତେ ଜିତ୍' । ମନର ଭିତରେ ଅସୀମ କ୍ଷମତା ଏବଂ ସମ୍ଭାବନା ବିଦ୍ୟମାନ ଥାଏ । ଯେଉଁ ପ୍ରକାରରେ ଆମେ ପଦାର୍ଥର ସୂକ୍ଷ୍ମତମ କଣ ଅର୍ଥାତ୍ ପରମାଣୁକୁ ଦେଖି ପାରନ୍ତିନାହିଁ,କିନ୍ତୁ ସେଥିରେ ଅସୀମ ଶକ୍ତି ସହିହିତ ଥାଏ । ଠିକ୍ ସେମିତି ମନ କୌଣସି ଭୌତିକ ବସ୍ତୁ ନୁହେଁ, ଯାହାର ଦର୍ଶନ କରି ପାରିବା ସମ୍ଭବ ଅଟେ । ମନ ଆମର ଭୌତିକ ଶରୀରରେ ସମ୍ବନ୍ଧର ଗୋଟିଏ ଏମିତି ଭାଗ ଅଟେ,ଯାହାର ବର୍ଣ୍ଣନା ଭୌତିକ ପଦ୍ଧତିରେ ମାପିବା ସମ୍ଭବ ନୁହେଁ । ମନର ଅସ୍ଥିରତା ବିନା ଶରୀରର ଅସ୍ତିତ୍ୱ ମଧ୍ୟ ଅର୍ଥହୀନ ହୋଇଯାଏ । ମନକୁ ଶରୀରର ସାରଥୀ କୁହାଯାଇଛି । କାହିଁକି ଶରୀର ପୂର୍ଣ୍ଣତା ମନର ଅଧୀନ ରହିଥାଏ । ଏହା ମନର ଶକ୍ତିର ହିଁ ପରିଣାମ ଅଟେ ଯେ ଶରୀର ବଡ-ବଡ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟକୁ ସିଦ୍ଧ କରିଥାଏ । ଅନେକ ଏମିତି କାରକ ଚାରି ଦିଶାରେ ବିଦ୍ୟମାନ ରହିଥାଏ,ଯାହା ମନକୁ ସର୍ବଦା ପତନର ଆଡକୁ ଅଗ୍ରସର କରିବା ପାଇଁ ପ୍ରବୃତ୍ତ ହୋଇଥାଏ । ବାହ୍ୟ ସଂସାର,ବିଭିନ୍ନ ପ୍ରକାରର ଅନୁଭବ, ବିଷମ ପରିସ୍ଥିତି,ବିଭିନ୍ନ ପ୍ରକାରର ଆବେଗ ଏବଂ ଭାବ ଇତ୍ୟାଦି କିଛି ଏମିତି କାରକ ଅଟନ୍ତି । କିନ୍ତୁ ଏହି ସବୁ କାରକର ପ୍ରଭାବକୁ ଗୋଟିଏ ଅମୋଘ ଅସ୍ତ୍ର ସହାୟତାରୁ ନିଷ୍ଫ୍ରିୟ କରାଯାଇ ପାରିବ । ଆଉ ସେହି ଅମୋଘ ଅସ୍ତ୍ର ହେଲା-ଆତ୍ମବଳ । ଆତ୍ମବଳରେ ମୁକ୍ତ ମନ ସଂସାରର ସର୍ବୋତ୍ତମ ଏବଂ ସର୍ବ ଶକ୍ତିମାନ ଅସ୍ତ୍ର ଅଟେ । ଆତ୍ମବଳକୁ ନିଜ ଭିତରେ ଜାଗ୍ରତ ପାଇଁ ଆମକୁ କେଉଁଠି ନା' କେଉଁଠି ଅନାବଶ୍ୟକ ବାହ୍ୟତତ୍ତ୍ୱର ଫାସରୁ ନିଜକୁ ବାହାର କରେଇବାକୁ ହେବ । ଏହା ପାଇଁ ନିତାନ୍ତ ଆବଶ୍ୟକ ହେଉଛି ଯେ ଆମେ ନିଜର ପୂର୍ଣ୍ଣ ଧ୍ୟାନ ସ୍ୱୟଂ ଉପରେ କେନ୍ଦ୍ରିତ କରିବା । ଏମିତି ହୋଲା ପରେ ବାହ୍ୟ କାରକ, ଯିଏ ନିରନ୍ତର ଆମକୁ ବିଚଳିତ କରି କରି ଚାଲିଥାଏ,ଆମ ଉପରେ ଟିକିଏ ମାତ୍ର ପ୍ରଭାବ ପକେଇ ପାରେନି । ଆମକୁ ମନର ଶକ୍ତିକୁ ଉଦ୍ଭେକରି ଏବଂ ସ୍ୱୀକାର କରିକି ନିଜର ପ୍ରତ୍ୟେକ ଲକ୍ଷ୍ୟକୁ ମନର ପାଖରେ କରିକି ଆତ୍ମବଳର ସ୍ତର ନିରନ୍ତର ଉପରକୁ ଉଠେଇବାର ପ୍ରୟାସ କରିବା ଦରକାର । ଏମିତି ହେଲେ ଆମେ ନିଜର ଜୀବନରେ ଗୋଟିଏ ଅଦ୍ଭୁତ ପରିବର୍ତ୍ତନ ଦେଖିବା ।




ତ୍ୟାଗ

ଭଗବାନ ବୁଦ୍ଧଙ୍କ ନିକଟକୁ ଥରେ ସମ୍ରାଟ୍ ଶୌଣିକ ଆସିଲେ । ସେ ପଚାରିଲେ, ମହାତ୍ମା ! ରାଜକୁମାରଙ୍କୁ ମୁଁ ସବୁ ସୁବିଧା ଦେଇଛି । ହେଲେ ସେ ଖୁସିରେ ରହିପାରୁନାହାନ୍ତି । କିନ୍ତୁ ଅତି ସାଧାରଣ ଜୀବନ ବଞ୍ଚୁଥିବା ଆପଣଙ୍କ ଭିକ୍ଷୁମାନେ ସବୁବେଳେ କିଭଳି ପ୍ରସନ୍ନ ରହୁଛନ୍ତି ଏହାର କାରଣ କ'ଣ ଭଗବାନ ବୁଦ୍ଧ ଉତ୍ତର ଦେଲେ, ରାଜନ୍ ! ପ୍ରସନ୍ନତା ଖୋଜିବାକୁ ଚାହୁଁଛ ତ' ଅକିଞ୍ଚନ (ଯାହାପାଖରେ କିଛି ନଥାଏ)ରେ ଖୋଜ । ଯିଏ ସଂକଳ୍ପ କରି ସବୁକିଛି ଛାଡ଼ିଦେଇଛି, ସିଏ ହିଁ ପ୍ରସନ୍ନ ରହିଥାଏ । ଭିକାରି କେବେ ହେଲେ ପ୍ରସନ୍ନ ନଥାଏ । କାରଣ ସିଏ ସବୁକିଛି ତ୍ୟାଗ କରିନଥାଏ । ସେ ତ' ଅଭାବରେ ଜୀବନ ବିତାଇଥାଏ । ଅଭାବରେ ବଞ୍ଚୁଥିବା ମନୁଷ୍ୟ କେବେହେଲେ ପ୍ରସନ୍ନ ହୋଇପାରିନଥାଏ । ପ୍ରତିଟି କ୍ଷଣରେ ଚିନ୍ତା ଘେରି ରହିଥାଏ । ଯିଏ ଜାଣିଶୁଣି ସବୁକିଛି ତ୍ୟାଗ କରିଛି, ସେ ପ୍ରସନ୍ନ ରହିପାରିଥାଏ । ତ୍ୟାଗ କରିବା ଏବଂ ପ୍ରାପ୍ତ ନହେବା ଦୁଇଟି ଭିନ୍ନ ଜିନିଷ । ଯାହାକୁ ପଦାର୍ଥ ମିଳିନଥାଏ, ସେ ତ୍ୟାଗୀ ହୋଇପାରିନଥାଏ । ତ୍ୟାଗୀ ମନୁଷ୍ୟ ସେହି, ଯିଏ ସବୁକିଛି ପାଇ ମଧ୍ୟ ତ୍ୟାଗ କରି ଚାଲିଯାଇଥାଏ । ତ୍ୟାଗୀ ବ୍ୟକ୍ତି ସବୁବେଳେ ପ୍ରସନ୍ନ ରହିଥାଏ । ସାଧନ, ସୁବିଧା ଥିବା ସମ୍ପନ୍ନ ବ୍ୟକ୍ତି କେବେହେଲେ ପ୍ରସନ୍ନ ରହିପାରିନଥାଏ । ସେ ସର୍ବଦା ନିଜ ଧନର ସୁରକ୍ଷା ନିମିତ୍ତ ଚିନ୍ତାଗ୍ରସ୍ତ ରହିଥାଏ । ଭୟଭୀତ ରହିଥାଏ । ସ୍ୱେଚ୍ଛାରେ ତ୍ୟାଗ କରିଥିବା ବ୍ୟକ୍ତି ନିର୍ଭୟ ହୋଇଥାଏ ।




ଲୋକକଥା ଓ ପ୍ରାମାଣିକତା




ଆଦି ଶଙ୍କରାଚାର୍ଯ୍ୟ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଜ୍ଞାନାନନ୍ଦ ସରସ୍ୱତୀ ଅନେକ ସଂସ୍କୃତ ଗ୍ରନ୍ଥର ବ୍ୟାଖ୍ୟା କରି ପ୍ରଭୁ ଶ୍ରୀରାମ ଏବଂ ଶ୍ରୀକୃଷ୍ଣଙ୍କ ଐତିହାସିକତା ସ୍ଥାପିତ କରିବାର କାର୍ଯ୍ୟ କରିଥିଲେ । ତାଙ୍କ ଗବେଷଣାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଶ୍ରୀରାମଙ୍କ ପୁତ୍ର ଲବ ଓ କୁଶଙ୍କ ୫୦ତମ ପିଢ଼ିରେ ଶଲ୍ୟ ଜନ୍ମଗ୍ରହଣ କରିଥିଲେ । ଯିଏ କି ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଲଢ଼ିଥିଲେ । ଏହାର ଗଣନା କରାଗଲେ ଲବ ଏବଂ କୁଶ ମହାଭାରତ କାଳ ଠାରୁ ୨୫୦୦ରୁ ୩୦୦୦ ବର୍ଷ ପୂର୍ବେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ୍, ଆଜକୁ ୬୫୦୦ରୁ ୭୦୦୦ ବର୍ଷ ପୂର୍ବେ ଲବ ଓ କୁଶଙ୍କ ଜନ୍ମ ହୋଇଥିଲା । ରାମଚରିତ ମାନସର ରଚୟିତା ଗୋସ୍ୱାମୀ ତୁଳସୀଦାସଙ୍କ ଜନ୍ମ ବିକ୍ରମ୍ ସମ୍ବତ୍ ୧୫୫୪ରେ ହୋଇଥିଲା । ସେ ଅୱଧୀ ଭାଷାରେ ରାମଚରିତ ମାନସର ରଚନା କରିଥିଲେ । ବାଲ୍ମିକୀ ରାମାୟଣ ଠାରୁ ଏହି ଗ୍ରନ୍ଥର ଲୋକପ୍ରିୟତା ଅଧିକ ହୋଇଥିଲା । କିନ୍ତୁ ଏହି ଗ୍ରନ୍ଥ ମୂଳ ରାମାୟଣ ଏବଂ ତତ୍କାଳୀନ ଲୋକକଥା ଆଧାରରେ ରଚନା କରାଯାଇଥିବା ଜଣାଯାଏ । ନେପାଳ, ଲାଓସ୍, କମ୍ବୋଡ଼ିଆ, ମାଲେସିଆ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ବାଂଲାଦେଶ, ଭୂଟାନ୍, ଶ୍ରୀଲଙ୍କା, ବାଲି, ଜାଭା, ସୁମାତ୍ରା, ଥାଇଲ୍ୟାଣ୍ଡ ଆଦି ଦେଶର ଲୋକସଂସ୍କୃତି ଏବଂ ଗ୍ରନ୍ଥରେ ଆଜି ମଧ୍ୟ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ମୃତି ଜୀବିତ ହୋଇ ରହିଛି । ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ମିଳିଥିବା ଶିଳାଲେଖ, ଭିତ୍ତିଚିତ୍ର, ମୁଦ୍ରା, ରାମସେତୁ ଏବଂ ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ତଥା ପ୍ରାଚୀନ ଭାଷା ଏବଂ ଗ୍ରନ୍ଥରେ ରାମଚନ୍ଦ୍ରଙ୍କ ଐତିହାସିକ ପ୍ରମାଣିକତା ସିଦ୍ଧ ହୋଇଥାଏ ।

ଗୁପ୍ତତତ୍ତ୍ୱର ଅର୍ଥ

ଯିଏ ଭୋଗେ ତା'ର ଭୁଲ୍, ଏହା 'ଗୁପ୍ତ ତତ୍ତ୍ୱ' କୁହାଯାଏ । ଏଠାରେ ବୁଦ୍ଧି ଥକି ଯାଏ । ଯେଉଁଠି ମତିଜ୍ଞାନ କାମ କରେ ନାହିଁ, ସେ କଥା 'ଜ୍ଞାନୀପୁରୁଷ'ଙ୍କ ପାଖରେ ସ୍ପଷ୍ଟ ହୁଏ, ତାହା ଯେମିତିକୁ ସେମିତି ଥାଏ । ଏହି ଗୁପ୍ତତତ୍ତ୍ୱକୁ ବହୁତ୍ ସୂକ୍ଷ୍ମ ଅର୍ଥରେ ବୁଝିବା ଉଚିତ । ଯଦି ଚେତନ ନ୍ୟାୟ କରିବାବାଲା ହୋଇଥାନ୍ତା ତେବେ ସେ ପକ୍ଷପାତ ମଧ୍ୟ କରିପାରେ କିନ୍ତୁ ଜଗତର ନ୍ୟାୟ କରିବାବାଲା ନିଶ୍ଚେତନ ଚେତନ ଅଟେ । ତାହାକୁ ଜଗତ ଭାଷାରେ ଯଦି ବୁଝିବ ତେବେ ତାହା କମ୍ପ୍ୟୁଟର ସଦୃଶ ଅଟେ । କମ୍ପ୍ୟୁଟରକୁ ପ୍ରଶ୍ନ ଦେଲେ, ସେ ମଧ୍ୟ ଭୁଲ୍ କରିଦେଇ ପାରେ । କିନ୍ତୁ ପ୍ରକୃତିର ନ୍ୟାୟରେ ଭୁଲ୍ ହୁଏ ନାହିଁ । ଏହ ଜଗତର ନ୍ୟାୟ କରିବାବାଲା ନିଶ୍ଚେତନ ଚେତନ ଅଟେ ଏବଂ ସେ 'ବୀତରାଗ' ଅଟେ । ଯଦି ଜ୍ଞାନୀପୁରୁଷଙ୍କ ଗୋଟିଏ ଶବ୍ଦ ବୁଝିଯାଏ ଏବଂ ଗ୍ରହଣ କରିନିଏ ତେବେ ସେ ମୋକ୍ଷରେ ହିଁ ଯିବ । କାହାର ଶବ୍ଦ ? ଜ୍ଞାନୀପୁରୁଷଙ୍କର ! ଏହାଦ୍ୱାରା, କାହାକୁ କାହାରି ଉପଦେଶ ହିଁ ନେବାକୁ ପଡ଼ିବ ନାହିଁ ଯେ, ଏଥିରେ ଭୁଲ୍ କାହାର ? ଯିଏ ଭୋଗେ ତା'ର ଭୁଲ୍' । ଏହା ବିଜ୍ଞାନ ଅଟେ । ଏଥିରେ ଗୋଟିଏ ଅକ୍ଷର ମଧ୍ୟ ଭୁଲ୍ ନାହିଁ। ଏହା ସମଗ୍ର ବିଶ୍ୱ ପାଇଁ ଅଟେ । କେବଳ ଭାରତ ପାଇଁ ନୁହେଁ । ଯେଉଁଠି ଏପରି ସ୍ପଷ୍ଟ, ନିର୍ମଳ ନ୍ୟାୟ ଆପଣଙ୍କୁ ଦେଖାଇ ଦେଉଛି, ସେଠାରେ ନ୍ୟାୟ-ଅନ୍ୟାୟର ଭାଗବାଣ୍ଟକରିବା ପାଇଁ କେଉଁଠି ରୁହେ ? ଏହା ବହୁତ୍ ଗହନ କଥା ଅଟେ । ସମସ୍ତ ଶାସ୍ତ୍ରର ସାର ବତାଉଛି । ଏ ତ' ସେଠାକାର ନ୍ୟାୟ କିପରି ଚାଲୁଅଛି, ତାହା ଠିକ୍ ଭାବରେ ବତାଉଛି ଯେ, "ଯିଏ ଭୋଗେ ତାର ଭୁଲ୍"ଏହି ସୂତ୍ର ସଂପୂର୍ଣ୍ଣ ଠିକ୍ ଅଟେ । ଏହାକୁ ଯେ କେହି ବ୍ୟବହାର କରିବ, ତା'ର କଲ୍ୟାଣ ହେବ ।



ଯୁଧିଷ୍ଠିରଙ୍କ ନିଷ୍ପତ୍ତି



ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ପାଣି ଅନ୍ୱେଷଣରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ। ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ ଯେ ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ? ତୁମେ କାହା ଜୀବନ ଋହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଋହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ।

ସଫଳତା

ଉତ୍ତମ ସଂସ୍କାର ସବୁବେଳେ ବ୍ୟକ୍ତିକୁ ସଫଳତା ଦେଇଥାଏ । ସଂସ୍କାରକୁ ବ୍ୟକ୍ତିର ମୂଳଦୁଆ କହିଲେ ବି ଭୁଲ୍ ହେବ ନାହିଁ । ସଂସ୍କାରରୁ ହିଁ ଆମର ସ୍ୱଭାବ ବିକଶିତ ହୋଇଥାଏ । ଆଉ ଏହା ଆମ ଦୈନନ୍ଦିନ ବ୍ୟବହାରରେ ପ୍ରତିଫଳିତ ହୋଇଥାଏ । ସଂସ୍କାରହୀନ ସ୍ୱଭାବ ଓ ବ୍ୟବହାର ବ୍ୟକ୍ତିକୁ ପ୍ରକୃତ ସଫଳତା ଠାରୁ ଦୂରେଇ ରଖିଥାଏ । ଏହା କେବେବି ବ୍ୟକ୍ତିକୁ ପ୍ରକୃତ ଶାନ୍ତି ପ୍ରଦାନ କରିପାରେ ନାହିଁ । କେବଳ ଶିକ୍ଷାଗତ ଯୋଗ୍ୟତା ବଳରେ ଆମେ ସଫଳତା ପାଇପାରିବା ନାହିଁ । ଜୀବନରେ ଏପରି ଏକ ପର୍ଯ୍ୟାୟ ଆସେ ଯେଉଁଠାରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ବ୍ୟକ୍ତିର ସଂସ୍କାରକୁ ଅଧିକ ମହତ୍ୱ ଦିଆଯାଏ । ଆଜିର ଯୁବପିଢ଼ି ସଂସ୍କାରକୁ ଅଧିକ ମହତ୍ୱ ଦେଉ ନାହାନ୍ତି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସଂସ୍କାରର ଆବଶ୍ୟକତା ସବୁଠାରୁ ଅଧିକ ରହିଛି । ଏହା ଆମର ଚରିତ୍ର ଗଠନରେ ସହାୟକ ହୋଇଥାଏ । ଉତ୍ତମ କର୍ମ ହିଁ ଉତ୍ତମ ସଂସ୍କାରର ଫଳ । କେବଳ ସେତିକି ନୁହେଁ ଉତ୍ତମ ଚରିତ୍ର ମଧ୍ୟ ଉତ୍ତମ ସଂସ୍କାରକୁ ଜନ୍ମ ନେଇଥାଏ । ସବୁ ଧର୍ମରେ ସଂସ୍କାରକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଆମ ହିନ୍ଦୁଧର୍ମ ଏଣୁ ୧୬



ପ୍ରକାର ସଂସ୍କାର ବିଧି ରହିଛି । ଏହା ବ୍ୟକ୍ତିକୁ ସବୁବେଳେ ଅନ୍ତର୍ଗାମୀ କରାଇଥାଏ । ଯାହାଦ୍ୱାରା ବ୍ୟକ୍ତି ନିଜ ଭିତରେ ରହିଥିବା ପରମାତ୍ମାଙ୍କ ସତ୍ତାକୁ ଅନୁଭବ କରିପାରେ ।

ଦୁର୍ନୀତି ବିରୋଧୀ ସଚେତନତା ଶୋଭାଯାତ୍ରା

ଝାରସୁଗୁଡ଼ା,(ନିପ୍ର): ଦୁର୍ନୀତିମୁକ୍ତ ସମାଜ ଗଠନ ଏବଂ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଝାରସୁଗୁଡ଼ାରେ ପାଳିତ ହୋଇଛି ଜିଲ୍ଲାସ୍ତରୀୟ ଦୁର୍ନୀତି



ନିବାରଣ ସଚେତନତା ସପ୍ତାହ। ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁର୍ନୀତି ବିରୋଧୀ ସଚେତନତା ସହ ନୈତିକତା ଓ ସାଧୁତାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ।

ସଭାରେ ଉପସ୍ଥିତ ଅଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଦୁର୍ନୀତି ନିବାରଣ ଏବଂ ସାଧୁତାର ଶପଥ ପାଠ କରାଯାଇଥିଲା। ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧୀକ୍ଷକ କଳାବତୀ ବାଗ ଜିଲ୍ଲାରେ ଭିଜିଲାନ୍ସ ବିଭାଗର କାର୍ଯ୍ୟଧାରା, ଦୁର୍ନୀତି ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ବିଭାଗୀୟ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

ତଳିଆ ଅଞ୍ଚଳ ଲୋକଙ୍କ ମୁରାସୁ ଚିନ୍ତା

ପୁରୀ,(ନିପ୍ର): ଅର୍ଣ୍ଣବ ବାତ୍ୟା ସମୟରେ ତଳିଆ ଅଞ୍ଚଳରେ ଜମିଥିବା ପାଣି ଶୁଖି ନଥିବା ବେଳେ ମୁରାସୁ ବାତ୍ୟା ଆଶଙ୍କା ଦେଖି ତଳିଆ ଅଞ୍ଚଳର ଲୋକମାନଙ୍କର ଚିନ୍ତା ବଢ଼ି ଯାଇଛି। ଗତ କାଲି ରାତିରୁ ପୁରୀ ସହରରେ ବର୍ଷା ଆରମ୍ଭ ହୋଇଯାଇଛି । ଆଜି ସକାଳୁ ମଧ ସହର ଓ ଆଖ ପାଖ ଅଞ୍ଚଳରେ ବର୍ଷା ଲାଗି ରହିଛି। ଖାଲୁଆ ଅଞ୍ଚଳରେ ପାଣି ଜମିବା ଆଶଙ୍କା କରି ଉକ୍ତ ଅଞ୍ଚଳର ବାସିନ୍ଦାମାନଙ୍କର ଚିନ୍ତା ବଢାଇ ଦେଇଛି । ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଜଳ ନିଷ୍କାସନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉକ୍ତ ଅଞ୍ଚଳର ବାସିନ୍ଦା ମାନଙ୍କ ପକ୍ଷରୁ ଦାବି ହେଉଛି।

ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ଭାପୁର,(ନିପ୍ର): ଭାପୁର ବ୍ଲକ କରବର ପଞ୍ଚାୟତ ନଣ୍ଡାବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ, ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀଣୀ ମୋନାଲିସା ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ସମ୍ପାଦକ ତଥା ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ହାତୀଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀଣୀ, ମୁଖ୍ୟ ଅତିଥି ଭାବେ ଏବିଇଓ ତଥା ସିଆରସିସି ପ୍ରଭାକର ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଭାପୁର ବାଲୁଙ୍କେଶ୍ୱରଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ଶିକ୍ଷକ ନେତା ନିରଞ୍ଜନ ଦଳବେହେରା, ସମାଜସେବୀ କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ସିଆରସିସି ପଞ୍ଚାନନ ମହାପାତ୍ର ଓ ସଞ୍ଜୟ କୁମାର ପଙ୍ଗାରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ।

୩୦ ଜଣ ଦିବ୍ୟାଙ୍ଗଙ୍କୁ ବଣ୍ଟନ କରାଗଲା ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ

ସୋନପୁର (ନିପ୍ର): ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ଯାତାୟାତକୁ ସହଜ ଓ ସୁବିଧାଜନକ କରିବା ଉଦ୍ଦେଶ୍ୟରେ ଆଜି ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅମଳିକୋ ଏବଂ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୩୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀଙ୍କୁ ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂ ହିତାଧିକାରୀମାନଙ୍କୁ ଏହି ଟ୍ରାଇସାଇକେଲ ବଣ୍ଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ସମସ୍ତ ହିତାଧିକାରୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ ପରେ ଟ୍ରାଇସାଇକେଲ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ସେମାନେ ନିଜର ଦୈନନ୍ଦିନ କାର୍ଯ୍ୟ ସହଜରେ ସମ୍ପାଦନ କରିବା ସହ ଯାତାୟାତରେ ସୁବିଧା ପାଇପାରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ହିତାଧିକାରୀଙ୍କୁ ଟ୍ରାଇସାଇକେଲ ସହିତ ହେଲମେଟ, ବ୍ୟାଟେରୀ ଚାର୍ଜର ଏବଂ କ୍ରଚେସ୍ (ଆଶାବାଡ଼ି) ମଧ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ. ହରିପ୍ରସାଦ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ବାହୀ ଅଧିକାରୀ, ତଥା ଜିଲ୍ଲା ପରିଷଦର ଅଶ୍ୱିନୀ ମେହେର

ବାର୍‌ହା ଉପଦ୍ରବ: ଧାନ ଫସଲ ନଷ୍ଟ, ଚିନ୍ତାରେ ଚାଷୀ



କଣ୍ଟିଲୋ,,(ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ବଡ଼ ବାଣପୁର ପଂଚାୟତ ଖଣ୍ଡପଡ଼ା ବନାଞ୍ଚଳ ବଡ଼ ବାଣପୁର ଫରେଷ୍ଟ ସେକ୍ସନର ଘଣଶାଳିଆ ସଂରକ୍ଷିତ ଜଙ୍ଗଲରୁ ରାତି ହେଲେ ବାର୍‌ହା ବାହାରି ଧାନ ବିଲରେ ପଶି ଫସଲ ନଷ୍ଟ କରୁଛି। ଫଳରେ ବାର୍‌ହାଙ୍କ ଉପଦ୍ରବ ଚାଷୀଙ୍କ ନିଦ ହଜାଇ ଦେଇଛି। ଘଣଶାଳିଆ, ବାଞ୍ଚ ପଲ୍ଲୀ, ଭ୍ରମର ବର ପ୍ରସାଦ, ଢିପିସାହି,ରତନ ପୁର,କୁମୁଡି, ଚୈତନପୁର,ବଡ଼ ବାଣପୁର ପ୍ରଭୃତି ମୌଜାର ଶତାଧିକ ଚାଷୀ ଚଳିତ ବର୍ଷ ଧାନ ଚାଷ କରିଛନ୍ତି। ବନ୍ୟା, ବାତ୍ୟା ଦୁର୍ଦ୍ଦଶାରୁ ବର୍ତ୍ତୀ ପାରୁନାହାନ୍ତି ଚାଷୀ। ପ୍ରାକୃତିକ ବିପର୍ଯ୍ୟୟ ସହ ଲଢ଼ି ଯେଉଁ କିଛି ଧାନ ଫସଲକୁ ବଞ୍ଚାଇ ରଖିଥିଲେ ଏବେ ସେଥିରେ ଦାଉ ସାଜିଛନ୍ତି।

ଜଙ୍ଗଲୀ ବନ୍ୟଜନ୍ତୁ ବାର୍‌ହା । ଫଳରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିବା ବେଳେ ଆଗାମୀ ଚାଷ ଲାଗି ବିହନ ଯୋଗାଡ଼ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ଅନେକ ଚାଷୀଙ୍କ ଫସଲକୁ ବାର୍‌ହା ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଦିନ କେଇଟା ପରେ ଅମଳ ହେବ ଧାନ। ଅମଳ ପୂର୍ବରୁ ଉଜାଡୁଛନ୍ତି ଫସଲ । ଚାଷୀର ସ୍ୱପ୍ନ ଏବେ ଭାଙ୍ଗିବାକୁ ବସିଛି। ଅନେକ ବାର୍‌ହା ଏବଂ ଛୁଆ କ୍ଷେତରେ ପସି ଧାନ ଖାଇବା ସହିତ ଧାନ ଗଛକୁ ଦଳି ମକଚି ମାଟିରେ ମିଶାଇ ଦେଉଛନ୍ତି । ଚାଷୀ ଧାର, କରଜ ଏବଂ ଋଣ କରି ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ କରିଥିବା ସ୍ଥଳେ ବାର୍‌ହା ଉପଦ୍ରବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଚଳିତ ବର୍ଷ ଲଗାଣ ବର୍ଷା ଓ ବନ୍ୟାରେ ଅନେକ ଚାଷଜମି ପ୍ରଭାବିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଜଳାଭାବ ଯୋଗୁଁ ମଧ୍ୟ ଚାଷୀଙ୍କୁ କ୍ଷତି ସହିବାକୁ ପଡିଛି। ଏତେ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯେଉଁ ଧାନ ବଞ୍ଚିଥିଲା, ତାହାକୁ ଆଗାମୀ ବର୍ଷ ଲାଗି ବିହନ ଭାବେ ସଂରକ୍ଷିତ ରଖିବାକୁ ଚାଷୀ ଆଶା ବାନ୍ଧିଥିଲେ । କିନ୍ତୁ ବନ୍ୟଜନ୍ତୁଙ୍କ ଉପଦ୍ରବ ସେହି ଆଶା ଉପରେ ପାଣି ପକାଇ ଦେଇଛି। ତେଣୁ ବନ ବିଭାଗ ରାତ୍ରିକାଳୀନ ପାଟ୍ରୋଲିଂ କରିବା ସହ କ୍ଷତିଗ୍ରସ୍ତ ଫସଲର ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରୁଛନ୍ତି।

ବିପୁଳ ପରିମାଣର ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ

ସାଲେପୁର,(ନିପ୍ର): କଟକ ଜିଲ୍ଲା ଜଗତପୁର ଥାନା ଅନ୍ତର୍ଗତ ପାଗା ଫାଣ୍ଡି ଅଧୀନ କୋଠବାଡ଼ ଗାଁରେ ପାଗା ପୋଲିସ ପକ୍ଷରୁ ଏକ ବଡ଼ଧରଣର ଚଢ଼ାଉ କରାଯାଇଛି। ବିପୁଳ ପରିମାଣର ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ଜବତ ବାଣ ମଧ୍ୟରେ ତାଳଫୋଟକା, ସୁତୁଲି ବାଣ ସମେତ ବିଭିନ୍ନ ପ୍ରକାରର ବାଣ ରହିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କୋଠବାଡ଼ ଗାଁରେ ବେଆଇନ ଭାବେ ବାଣ ପ୍ରସ୍ତୁତି ଓ ଗଚ୍ଛିତ ରଖାଯାଉଥିବା ଖବର ପାଇ ପାଗା ପୋଲିସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଘଟଣାସ୍ଥଳରୁ ବିଭିନ୍ନ



ପ୍ରକାରର ବାଣ ଓ ବିସ୍ଫୋରକ ସାମଗ୍ରୀ ଠାବ କରାଯାଇ ଜବତ କରାଯାଇଥିଲା। ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କୁ ପୋଲିସ ପକ୍ଷରୁ ତାଗିଦ୍ କରାଯାଇ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

ତେବେ ଦୀପାବଳି ଭଳି ପର୍ବପର୍ବାଣି ସମୟରେ ବାଣର ଚାହିଦା ବଢୁଥିବା ବେଳେ ବିନା ଅନୁମତିରେ ବାଣ ପ୍ରସ୍ତୁତି ଓ ସଂରକ୍ଷଣ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ। ବିଶେଷକରି ବିସ୍ଫୋରକ ସାମଗ୍ରୀକୁ ଅସୁରକ୍ଷିତ ଭାବେ ରଖିବା ଦ୍ୱାରା ଅଗ୍ନିକାଣ୍ଡ ଓ ବଡ଼ଧରଣର ଅଘଟଣ ଘଟିବାର ଆଶଙ୍କା ରହିଛି। ଏତେ ପରିମାଣର ବାଣ କେଉଁଠାରୁ ଆସିଲା, କେଉଁ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଉଥିଲା ଏବଂ ଏହାର ବିକ୍ରି ପାଇଁ ଆବଶ୍ୟକ ଅନୁମତି ଥିଲା କି ନାହିଁ, ତାହାକୁ ନେଇ ଏବେ ଅଞ୍ଚଳରେ ନାନା ପ୍ରଶ୍ନ ଉଠିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବେଆଇନ ବାଣ ପ୍ରସ୍ତୁତି ଓ ବିକ୍ରି ଉପରେ ପୋଲିସ ପକ୍ଷରୁ ଆଗାମୀ ଦିନରେ କି ପଦକ୍ଷେପ ନିଆଯାଉଛି, ତାହା ଦେଖିବାକୁ ବାକି ରହିଲା।

ସିଆରପିଏଫ୍ ପକ୍ଷରୁ ଆନ୍ତଃ ସେକ୍ଟର ଆଥଲେଟିକ୍ସ ପ୍ରତିଯୋଗିତା

ଭୁବନେଶ୍ୱର,(ନିପ୍ର) : ନୟାପଲ୍ଲୀସ୍ଥିତ ଗ୍ରୁପ୍ ସେଣ୍ଟର, ସିଆରପିଏଫ୍ ପକ୍ଷରୁ ୨୦୨୬ ଅକ୍ଟୋବର ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଆନ୍ତଃ ସେକ୍ଟର ଆଥଲେଟିକ୍ସ ପ୍ରତିଯୋଗିତା-୨୦୨୬ ଆୟୋଜନ କରାଯାଇଥିଲା। ଏଥିରେ ୨୦ଟି ସେକ୍ଟରର ଦଳ ଅଂଶଗ୍ରହଣ କରିଥିଲେ। ବର୍ଷା ଯୋଗୁଁ ଅକ୍ଟୋବର ୨୮ ତାରିଖରେ ଗ୍ରୁପ୍ ସେଣ୍ଟରର ରିକ୍ରିଏସନ୍ ରୁମ୍‌ଠାରେ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ସେକ୍ଟରର ଆଇଜି ରାଜେନ୍ଦ୍ର ନାରାୟଣ ଦାଶ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାର ଶୁଭାରମ୍ଭ ଘୋଷଣା କରିଥିଲେ। ଗ୍ରୁପ୍ ସେଣ୍ଟରର ଡିଆଇଜି ତଥା ସେକ୍ଟର କ୍ରୀଡ଼ା ଅଧିକାରୀ ସୁଧାଂଶୁ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ମୋଟ ୨୩ଟି ଇଭେଣ୍ଟ ଭୁବନେଶ୍ୱରସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, କଳିଙ୍ଗ ଷ୍ଟାଡିୟମ୍ ଏବଂ ଗ୍ରୁପ୍ ସେଣ୍ଟର ପରିସରରେ ଥିବା ବି.ବି.ମିଶ୍ର ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ସମସ୍ତ ଇଭେଣ୍ଟ ନିୟମ ଅନୁଯାୟୀ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା। ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟଗୁଡ଼ିକୁ ସଫଳତାର ସହ



ଆୟୋଜନ କରିବା ପାଇଁ କଳିଙ୍ଗ ଷ୍ଟାଡିୟମ୍ ଏବଂ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ନିଆଯାଇଥିଲା। ଅକ୍ଟୋବର ୩୧ ତାରିଖରେ ଗ୍ରୁପ୍ ସେଣ୍ଟର ପରିସରସ୍ଥିତ ବି.ବି. ମିଶ୍ର ଷ୍ଟାଡିୟମ୍‌ଠାରେ ଉଦ୍‌ଯାପନୀ ସମାରୋହ ଭବ୍ୟ ଭାବେ ଆୟୋଜିତ ହୋଇଥିଲା। ଏହି ଅବସରରେ ଖେଳାଳିମାନଙ୍କ ପକ୍ଷରୁ ଆକର୍ଷଣୀୟ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରାଯାଇଥିଲା। ଖେଳାଳିମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରିବା ସହ ବିଜେତା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

୭୩ ଅଭିଯୋଗ ଶୁଣାଣି

ପୁରୀ,(ନିପ୍ର): ସଦ୍‌ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧକ୍ଷତା କରିଥିଲେ। ଶୁଣାଣିରେ ମୋଟ ୭୩ ଗୋଟି ଅଭିଯୋଗ ପତ୍ର ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୬୧ ଗୋଟି ଆବେଦନ ପତ୍ର ମିଳିଥିଲା। ତତ୍‌କ୍ଷଣାତ ୪ ଗୋଟିର ସମାଧାନ ହୋଇଥିଲା। ଅନ୍ୟଗୁଡ଼ିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା। ଶୁଣାଣି ଶିବିରରେ ପୁରୀ ଏସପି ପ୍ରତୀକ ସିଂ,ପୁରୀ ମହାନଗର ନିଗମର କମିଶନର ପ୍ରହ୍ଲାଦ ନାରାୟଣ ଶର୍ମା,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ପ୍ରୋଟୋକଲ ନୀଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଡଃ ବିଜୟା ନନ୍ଦ ସେଠୀ, ପ୍ରମୁଖ ଦେଇଥିଲେ। ଆସନ୍ତା ୯ ତାରିଖରେ ନିମାପଡା ବ୍ଲକ ସମ୍ମିଳନୀ ଗୃହରେ,୧୬ ତାରିଖରେ କଣାସ ବ୍ଲକ ସମ୍ମିଳନୀ ଗୃହରେ,୨୩ ତାରିଖରେ କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଓ ୩୦ ତାରିଖରେ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ ଘଟିକା ଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଜଳେଶ୍ୱର,(ନିପ୍ର): ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଲୁକାୟିତ ପ୍ରତିଭା ବିକାଶର ଅନନ୍ୟ ମାଧ୍ୟମ ‘ସୁରଭି ’। ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ ଶକ୍ତିର ବିକାଶ ଓ ଅଭିବୃଦ୍ଧି ଦ୍ୱାରା ବିକଶିତ ଭାରତ ସମ୍ଭବ ବୋଲି ଜଳେଶ୍ୱର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ସରକାରୀ ଉଚ୍ଚ ବିଦ୍ୟାଳୟ, ଖାଲିନା ସମ୍ମିଳନୀ କକ୍ଷରେ ପ୍ରଥମ ଅଧିବେଶନରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ‘ସୁରଭି ’ କୁନି କୁନି



ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ଅନନ୍ୟ ମାଧ୍ୟମ ବୋଲି ମତବ୍ୟକ୍ତ କରୁଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖାଲିନା ସରପଞ୍ଚ ମିନତୀ ପାତ୍ର, ସମିତି ସଭ୍ୟା ସସ୍ମିତା ଦତ୍ତ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ମିନତୀ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ଜଳେଶ୍ୱର ପୌର ଅଧକ୍ଷ ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ବହୁମୁଖୀ ପ୍ରତିଭାର ଅଧିକାରୀ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସୁକୁମାର ମିଶ୍ର ଓ ସରୋଜ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ଆବାହନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ।

ଇଙ୍ଗିନାଠି ପଞ୍ଚାୟତରେ ରିଲିଫ୍ ବଣ୍ଟନ
ଲୋକଙ୍କ ମୁହଁରେ ହସ ଫୁଟାଇବା ଆମର ଲକ୍ଷ୍ୟ : ରଙ୍କନିଧୀ

ବେଲଗୁଣ୍ଠା,(ନିପ୍ର): ଅର୍ଣ୍ଣବ ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ବେଲଗୁଣ୍ଠା ବ୍ଲକ୍‌ର ଇଙ୍ଗିନାଠି ପଞ୍ଚାୟତ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅସହାୟ ଓ ବିପନ୍ନ ପରିବାରଙ୍କ ସହାୟତା ପାଇଁ ଆଗେଇ ଆସିଛି ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜୟ ଜଗନ୍ନାଥ ଏକ୍ସିଡେଣ୍ଟାଲ ହେଲ୍ଥ ୟୁନିଟ୍ ଓ ବେଲଗୁଣ୍ଠା ପ୍ରେସକ୍ଲବ୍। ଉଭୟ ସଂଗଠନର ମିଳିତ ଆନୁକୂଲ୍ୟରେ ରବିବାର ଇଙ୍ଗିନାଠି, ଉସ୍ତପଲ୍ଲୀ ଓ ସାରିଆପଲ୍ଲୀ ଗ୍ରାମର ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ପରିବାରକୁ ରିଲିଫ୍ ସାମଗ୍ରୀ ଓ ପୋଷାକ ବଣ୍ଟନ କରାଯାଇଛି। ପ୍ରକାଶ ଥାଉକି, ଇଙ୍ଗିନାଠି ପଞ୍ଚାୟତ ଦୁଇଟି ନଦୀ ମଧ୍ୟରେ ଅବସ୍ଥିତ ହୋଇଥିବାରୁ ବାତ୍ୟା ପ୍ରଭାବରେ ଉଭୟ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ବିଶେଷକରି ଲୋହରାଖଣ୍ଡି ନଦୀରେ ପ୍ରବଳ ବନ୍ୟାଜଳ ଆସିବା ସହ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇଥିଲା। ଫଳରେ ପଞ୍ଚାୟତବାସୀ ଦୁଇଦିନ ଧରି ଜଳବନ୍ଦୀ ରହିବା ସହ ବାହ୍ୟ ଜଗତରୁ



ବିଚ୍ଛିନ୍ନ ହୋଇପଡ଼ିଥିଲେ। ଜୟ ଜଗନ୍ନାଥ ଏକ୍ସିଡେଣ୍ଟାଲ ହେଲ୍ଥ ୟୁନିଟ୍‌ର ସଭାପତି ରଙ୍କନିଧି ସାମଲଙ୍କ ନେତୃତ୍ୱରେ ଏକଟିମ୍

ବସ୍ତିରେ ସବୁ ଘରକୁ ମାନୁଆଲ ମିଟର ଦାବିରେ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ବିକ୍ଷୋଭ



କଟକ(ନିପ୍ର) : କଟକ ରେଲୱେ କଲୋନୀ ଦଳିତ ବସ୍ତିରେ ଅନେକ ଘର ପାଇଁ ଗୋଟିଏ ମିଟର ବସା ଯାଇଛି। ବହୁତ ଗୁଡ଼ିଏ ଘର ଗୋଟିଏ ମିଟରରେ ବିଜୁଳି ବ୍ୟବହାର କରିବା ଦ୍ୱାରା ତାହା କମରସିଆଲ ମୂଲ୍ୟ ହୋଇଯାଉଛି। ଗରିବ ସଫେଇ କର୍ମୀ ବସ୍ତିମାନଙ୍କୁ ସେହି ଦରରେ ଦେୟ ଦେବା ପାଇଁ ବାଧ୍ୟ କରାଯାଇଛି। ଫଳରେ ମିଟର ରିଡିଙ୍ଗରେ ଘର ପିଛା ଅତ୍ୟଧିକ ଦେୟ ହେଉଥିବାରୁ ବସ୍ତି ବାସିନ୍ଦାମାନେ ଶୋଷଣର ଶିକାର ହେବା ସହ ଦେୟ ଦେବା କଷ୍ଟକର। ଏହାର ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ରାଣୀହାଟ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏହି ଭଳି ଗରିବ ଲୋକଙ୍କୁ ଶୋଷଣ କରିବା ସଂପୂର୍ଣ୍ଣ ଅନ୍ୟାୟ ଏବଂ ବେଆଇନ ବୋଲି ବିଦ୍ୟୁତ ଉପଭୋକ୍ତା ମଞ୍ଚ କୁହାଯାଇଛି। ଅନ୍ୟ ଦିଗରେ ସ୍ମାଟ ମିଟର ପ୍ରଚଳନ କରି ନାଗରିକ ବିଶେଷ କରି ସାଧାରଣ ଉପଭୋକ୍ତାଙ୍କୁ ଅତିରିକ୍ତ ଶୋଷଣ କମ୍ପାନୀ ଉଦ୍ୟମ ଜାରି ରଖିଛି। ଏଥିରୁ କମ୍ପାନୀ କ୍ଷାନ୍ତ ରହିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ବିଦ୍ୟୁତ ଉପଭୋକ୍ତା ମଞ୍ଚ ଜିଲ୍ଲା ଆବାହକ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ଦିପକ ଦାସ, ଆନନ୍ଦ ନାୟକ, ପି ମଣ୍ଟୁ, ଶାମା ବଙ୍ଗାରି, ବିନି ନାୟକ, ପ୍ରତିମା ନାୟକ, ଅନାମ ଦାସ, ସୁନୀତା ନାୟକ, ପ୍ରମିଳା ନାୟକ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ରେଲୱେ କଲୋନୀ ଦଳିତ ବସ୍ତିରେ ସବୁ ଘରକୁ ଅଲଗା ଅଲଗା ସଂଯୋଗ ଦେବା, ସେମାନଙ୍କ ଠାରୁ କମରସିଆଲ ଦେୟ ଆଦାୟ ବନ୍ଦ କରିବା, ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ସିକ୍ୟୁରିଟି ଜମା ଆଳରେ ଉପଭୋକ୍ତାଙ୍କୁ ଶୋଷଣ ବନ୍ଦ କରିବା, ସମସ୍ତ ଗରିବ ଲୋକମାନଙ୍କୁ ବିନା ସିକ୍ୟୁରିଟି ଡିପୋଜିଟ ଓ ବିନା କଟକଣାରେ ବିଦ୍ୟୁତ ସଂଯୋଗ ଦେବା ଦେବା, ପ୍ରିପେଡ୍ ସ୍ମାଟ ମିଟର ବାତିଲ କରିବା ପ୍ରମୁଖ ପାଞ୍ଚ ଦଫା ଦାବି ମଞ୍ଚ ପକ୍ଷରୁ କରାଯାଇଛି।

ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି
୧୩୫ରୁ ୪୭ଟି ଅଭିଯୋଗର ତ୍ୱରିତ ସମାଧାନ

କଟକ(ନିପ୍ର : ନରସିଂହପୁର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୮ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୭ ଟି ସାମୂହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୭ ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣିସ୍ଥଳରେ ଆରକ୍ଷୀ ଅଧୀକ୍ଷକ ବିନୀତ ଆଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଆଠଗଡ ଉପଜିଲ୍ଲାପାଳ ଅନିମେଶ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସୁକୁମାରୀ ମହୋତ୍ସବ -୨୦୨୬ ଅନୁଷ୍ଠିତ

ପୁରୀ(ନିପ୍ର): ପୁରୀ ପୌରସଦନ ଠାରେ ଆଜି ଅପରାହ୍ନରେ ଶ୍ରୀକ୍ଷେତ୍ରର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ‘ସୁକୁମାରୀ କଳାକେନ୍ଦ୍ର’ର ପ୍ରଥମ ବାର୍ଷିକ ଉତ୍ସବ ‘ସୁକୁମାରୀ ମହୋତ୍ସବ -୨୦୨୬’ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହିତ ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ମୋହିନୀ ଆଟମ୍, କଥକ, ସତ୍ରିୟୀ, ଘୁମର, ରବୀନ୍ଦ୍ର ନୃତ୍ୟ, କଣ୍ଢେଇ ନାଚ ପରି ଅନେକ ପ୍ରକାର କଳାର ପ୍ରଦର୍ଶନ କରିଥିଲେ। ସମ୍ମାନନୀୟ ଅତିଥିଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଶ୍ରୀମନ୍ତ କୁମାର ଦାଶ (ସଭାପତି ଚନ୍ଦ୍ରଶେଖର ଏକାଡେମୀ ଓ ଇଣ୍ଡୋ ଜାପାନ ଫ୍ରେଣ୍ଡସିପ ସେଣ୍ଟର), ଜଗଦାନନ୍ଦ ମିଶ୍ର (ସମାଜ ସେବୀ), ସୂଚନା ଓ ଲୋକସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ନୃତ୍ୟ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ମିନତି ପ୍ରଧାନ, ବିଜୟଲକ୍ଷ୍ମୀ ଦାସ, ଆଶିଷ କୁମାର ଦାସ, ନାରାୟଣ ପାଣ୍ଡେ, ଓଡ଼ିଶୀ ଗବେଷକ ଆର୍ତ୍ତତ୍ରାଣ ଶତପଥୀ, ଗୀତିକାର ଗଣେଶ୍ୱର ମହାପାତ୍ର ପ୍ରମୁଖ ଯୋଗ ଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ସମ୍ମାନିତ କରିଥିଲେ। ଅନୁଷ୍ଠାନର ସଭାପତି ତଥା ନୃତ୍ୟଗୁରୁ ଇତିଶ୍ରୀ ପଟ୍ଟନାୟକ ଅନୁଷ୍ଠାନ ତରଫରୁ ଧନ୍ୟବାଦ ପ୍ରଦାନ କରିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସମ୍ପାଦକ ଚିତ୍ତ ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ ଓ ଅନୁଷ୍ଠାନର ସଭ୍ୟସଭ୍ୟାମାନେ ସହଯୋଗ କରିଥିଲେ।

ରାଜ୍ୟରେ ଖୋଲିବ ୧୮ ନୂଆ କୋର୍ଟ
୧୩ଟି ଜିଲ୍ଲାର ଲୋକଙ୍କୁ ମିଳିବ ନ୍ୟାୟ ପାଇବାର ସୁଯୋଗ

କଟକ,୨।୧୧(ନିପ୍ର): ରାଜ୍ୟରେ ୧୮ଟି ନୂଆ ସିଭିଲ୍ ଜଜ୍ କୋର୍ଟ ସ୍ଥାପନ ପାଇଁ ପଦକ୍ଷେପ । ଓଡ଼ିଶା ହାଇକୋର୍ଟ ୧୩ଟି ଜିଲ୍ଲାର ୧୮ଟି ନୂଆ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ)-କମ୍-ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଆରମ୍ଭ କରିଛି । ଉଚ୍ଚ ନ୍ୟାୟାଳୟର ସ୍ୱତନ୍ତ୍ର ଅଫିସର ମଳୟ କୁମାର ପ୍ରଧାନ ଏନେଇ ଜିଲ୍ଲାର ବିଚାରପତିଙ୍କୁ ଲେଖିଛନ୍ତି । ବରଗଡ଼, ଭଦ୍ରକ, ବଲାଙ୍ଗୀର, ଦେଓଗଡ଼, ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ମୟୂରଭଞ୍ଜ , ନବରଙ୍ଗପୁର, ନୟାଗଡ଼, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ନୂଆ କୋର୍ଟ ସ୍ଥାପନ ହେବ। ନବରଙ୍ଗପୁରରେ ସର୍ବାଧିକ ତିନିଟି କୋର୍ଟ ପାପଡ଼ାହାଣ୍ଡି ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ହେବ। ବରଗଡ଼ ଆତାବିରା, ମୟୂରଭଞ୍ଜ, ସାମାଖୁଣ୍ଟା, ଭଦ୍ରକ ଭଣ୍ଡାରିପୋଖରୀ, ମୟୂରଭଞ୍ଜ କୁଳିଆନା, ବଲାଙ୍ଗୀର ଦେଓଗାଁ, ଦେଓଗଡ଼ ନାଇକୁଲ (ଟିଲେଇବାଣି), ଢେଙ୍କାନାଳ ଓଡ଼ପଡ଼ା , ଗଞ୍ଜାମ ରଙ୍ଗେଇଲୁଣ୍ଡା, ନୟାଗଡ଼ ନୂଆଗାଁ, ଜଗତସିଂହପୁର ବିରିଡ଼ି, ପୁରୀର ବ୍ରହ୍ମଗିରି, ଜଗତସିଂହପୁର ରଘୁନାଥପୁର, ସୁନ୍ଦରଗଡ଼ ସୁବଡେଗା, ଯାଜପୁର ଦଶରଥପୁର, ସୁନ୍ଦରଗଡ଼ ଟାଙ୍ଗରପଲ୍ଲୀରେ ଏସବୁ କୋର୍ଟ ସ୍ଥାପନ ହେବ । ହାଇକୋର୍ଟ ଏସବୁ ଜିଲ୍ଲାର ବିଚାରପତିମାନଙ୍କୁ ନୂଆ କୋର୍ଟଗୁଡ଼ିକର ଅଧିକ୍ଷେତ୍ର ସୀମା ଉଲ୍ଲେଖ କରି ଡ୍ରାଫ୍ଟ ନୋଟିଫିକେସନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି କୋର୍ଟ ହଲ୍, ପୁରୁଷ ଓ ମହିଳାଙ୍କ ପାଇଁ ଅଲଗା ଶୌଚାଳୟ, ଅଲଗା ଲକ୍-ଅପ୍, ଅଫିସ୍, ପ୍ରିସାଇଡିଙ୍ଗ୍ ଅଫିସରଙ୍କ ଚେମ୍ବର୍ ଓ ଆବାସିକ ବ୍ୟବସ୍ଥା ତଥା କର୍ମଚାରୀଙ୍କ ପାଇଁ ଆବାସ ଉପଲବ୍ଧତା ବିଷୟରେ ସୂଚନା ୬ ନଭେମ୍ବର ସୁଦ୍ଧା ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପଦକ୍ଷେପ ରାଜ୍ୟରେ ନ୍ୟାୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ବା ଏବଂ ଗ୍ରାମାଞ୍ଚଳର ଲୋକଙ୍କୁ ନ୍ୟାୟ ପାଇବାରେ ସହଜତା ଆଣିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି ।

ତିଥି :(ନବମୀ): (ମଘା ସିଂହ)
ଅମୃତ ବେଳା: ଦିବା ଘ ୬।୪୦ ମଧ୍ୟେ ଘ୭।୨୮ ଗତେ

ଆଜିର ଅନୁଚିନ୍ତନ

ତୁମେ ସବୁ ସମୟରେ ମୋତେ ସ୍ମରଣ କର ଓ ଯୁଦ୍ଧ ବି କର ।।
- ଶ୍ରୀମଦ୍ ଭଗବଦ୍ ଗୀତା

କ୍ଷେତ ସୁରକ୍ଷାରେ ଜୀବନ ରକ୍ଷା

ହରିୟାଣାର କର୍ଣ୍ଣାଲ ଜିଲ୍ଲା ଅନ୍ତର୍ଗତ ଐତିହାସିକ ତାରାଓରି ସହରରୁ ଦେଶବ୍ୟାପୀ 'କ୍ଷେତ ବଚାଓ ଅଭିଯାନ'ଜାରି ରହିଛି । କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହାକୁ ଶୁଭାରମ୍ଭ କରିଥିଲେ । ଦେଶବ୍ୟାପୀ ବିଭିନ୍ନ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଏବଂ କୃଷି ଅନୁଷ୍ଠାନଗୁଡ଼ିକରୁ ଭର୍ଚୁଆଲ୍ ମାଧ୍ୟମରେ ଏଥିରେ ଯୋଡ଼ି ହୋଇଥଲେ । ଲକ୍ଷ ଲକ୍ଷ କୃଷକ, କୃଷି ବୈଜ୍ଞାନିକ ଓ ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ ।

ଆଜିକାଲି ଦେଶରେ ରାସାୟନିକ ସାର ଓ କୀଟନାଶକର ଅସନ୍ତୁଳିତ ବ୍ୟବହାର ଯେପରି ଭାବରେ ଚାଲିଛି ସେଥି ପ୍ରତି ସତର୍କ ନ ରହିଲେ , ନିୟନ୍ତ୍ରଣ ନ ଆଣିଲେ ଭବିଷ୍ୟତରେ ମୃତ୍ତିକା ଆଉ ମୃତ୍ତିକା ହୋଇ ରହିବ ନାହିଁ । ଅର୍ଥାତ୍,ସମୟ ଆସିବ ଏହା ଫସଲ ଉତ୍ପାଦନ କରିବାକୁ ମନା କରିଦେଇପାରେ । ଏହା ଜଣାଶୁଣା ଯେ ମାନବ ଶରୀର ବିଭିନ୍ନ ରୋଗର ଆଶ୍ରୟସ୍ଥଳୀ ପାଲଟିବାରେ ରାସାୟନିକ ସାର ଓ କୀଟନାଶକର ଅବଶେଷ ଦାୟୀ । ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ ଗ୍ରାମରେ ବ୍ୟାପକ ଜନସଚେତନତା ଅଭିଯାନ ଏ ପରିପ୍ରେକ୍ଷୀରେ କେତେ ଜରୁରୀ ତାହା ଆଉ ବୁଝାଇ କହିବା ଅନାବଶ୍ୟକ । କୃଷକମାନେ ଯେପରି ଗୋଟିଏ ବସ୍ତା ୟୁରିଆ ମାତ୍ର ୨୬୬ ଟଙ୍କାରେ ଏବଂ ଡିଏପି ୧,୩୫୦ ଟଙ୍କାରେ ପାଇପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ସରକାର ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ସାର ରିହାତି ବହନ କରୁଛନ୍ତି । ତେବେ, ସାର ଶସ୍ତାରେ ଉପଲବ୍ଧ ହେଉଛି ବୋଲି ଏହାର ଅତ୍ୟଧିକ ବ୍ୟବହାର କରିବା ଉଚିତ ନୁହେଁ ଏନେଇ କୃଷକମାନେ ସତର୍କ ରହିବା ଅତ୍ୟନ୍ତ ଆବଶ୍ୟକ । ରାସାୟନିକ ପଦାର୍ଥର ଅତ୍ୟଧିକ ବ୍ୟବହାର ଉପରେ ଆଧାରିତ ଚାଷର ଗମ୍ଭୀର ପରିଣାମ ସର୍ବଦା ଆଶଙ୍କା ଆଣିବ ହିଁ ଆଣିବ ।

ମନେ ରଖିବାକୁ ହେବ ଯେ ମୃତ୍ତିକା ସଂରକ୍ଷଣ ପାଇଁ ତିନୋଟି ବାସ୍ତବ ସିଦ୍ଧାନ୍ତ ଗୁରୁତ୍ୱପୂର୍ଣ୍ଣ । ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡକୁ ଆଧାର କରି ସନ୍ତୁଳିତ ରାସାୟନିକ ସାର ପ୍ରୟୋଗ, ଫସଲ ବଦଳିବା ଜରିଆରେ ଫସଲ ଚକ୍ରରେ ପରିବର୍ତ୍ତନ ଏବଂ ଅନ୍ତତଃ ଅଧ ଏକର ଜମିରେ ପ୍ରାକୃତିକ ଚାଷ ଆପଣାଇବା ଦରକାର । ଆମେ ଭୁଲି ଯିବା ଉଚିତ ନୁହେଁ ଯେ ପ୍ରାକୃତିକ ଚାଷ ପଦ୍ଧତି ଜୀବନ ରକ୍ଷା ପାଇଁ ସର୍ବାଦୌ ଜରୁରୀ । ଏ ବାବଦେ ଗ୍ରାମ ସ୍ତରରେ ବୈଠକ ଆୟୋଜନ ସହ କୃଷକମାନଙ୍କ ସହ ଆଲୋଚନା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ତଥା ସନ୍ତୁଳିତ କୃଷି ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ବୁଝାଇବା ଦାୟିତ୍ୱ କୃଷି ସହିତ ସମ୍ପୃକ୍ତ ଅଧିକାରୀ ତଥା କର୍ମଚାରୀଙ୍କର । ଯଥାର୍ଥ ପଦକ୍ଷେପ ସିଧାସଳଖ କୃଷକମାନଙ୍କ ନିକଟରେ ପହଞ୍ଚିପାରିଲେ ଦେଶର କୃଷି ଭୂମିକୁ ଅନୁର୍ବର ହେବାରୁ ରକ୍ଷା ପାଇବାରେ ସହାୟକ ହେବ, ତେବେ ବିଭାଗ ସହିତ ଜନହିତରେ ଲାଗିଥିବା ବିଭିନ୍ନ ସଂଗଠନ ପକ୍ଷରୁ ଏ ବାବଦେ ସହଯୋଗ ନିତାନ୍ତ ଲୋଡ଼ା, ଏହା କହିବା ବାହୁଲ୍ୟ ହେବ ।

ଶୀତକାଳୀନ ଅଧିବେଶନରେ ଉଠିବ ବିକାଶର ପ୍ରଶ୍ନ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଓଡ଼ିଶାର ଗଣତାନ୍ତ୍ରିକ ଇତିହାସରେ ବିଧାନସଭା କେବଳ ଆଇନ ପ୍ରଣୟନର ଏକ ପ୍ରତିଷ୍ଠାନ ନୁହେଁ, ଏହା ରାଜ୍ୟର ସାଢ଼େ ଚାରି କୋଟି ଲୋକଙ୍କ ଆଶା, ଆକାଂକ୍ଷା, ଅଭିଯୋଗ ଓ ଭବିଷ୍ୟତର ଦିଗ ନିର୍ଦ୍ଧାରଣ କରୁଥିବା ସର୍ବୋଚ୍ଚ ଗଣତାନ୍ତ୍ରିକ ମଞ୍ଚ । ଆଗାମୀ ଶୀତକାଳୀନ ଅଧିବେଶନ ଏହି ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରୁଛି । ରାଜ୍ୟରେ ନୂତନ ସରକାରଙ୍କ ଶାସନକାଳରେ ଆରମ୍ଭ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ, ବିକାଶମୂଳକ ଯୋଜନା, ନିଯୁକ୍ତି ସୃଷ୍ଟି, କୃଷିର ଉନ୍ନତି, ମହିଳା ସଶକ୍ତୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପାୟନ, ଗ୍ରାମୀଣ ଭିତ୍ତିଭୂମି ଓ ବିପର୍ଯ୍ୟୟ ପରିଚାଳନା ଭଳି ଅନେକ ପ୍ରସଙ୍ଗ ଏହି ଅଧିବେଶନରେ ଆଲୋଚନାର କେନ୍ଦ୍ରବିନ୍ଦୁ ହେବା ସ୍ୱାଭାବିକ । ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି, ଏଠାରେ ସରକାରଙ୍କ କାର୍ଯ୍ୟର ପ୍ରଶଂସା ସହିତ ତ୍ରୁଟିବିଚ୍ୟୁତି ଉପରେ ପ୍ରଶ୍ନ ଉଠିବାର ମଧ୍ୟ ସମାନ ଅଧିକାର ରହିଛି । ତେଣୁ ଶୀତକାଳୀନ ଅଧିବେଶନର ମୂଳ ଲକ୍ଷ୍ୟ ହେଉ ରାଜନୈତିକ ବାକ୍ୟୁଦ୍ଧ ନୁହେଁ, ବରଂ ଲୋକଙ୍କ ସମସ୍ୟାର ସମାଧାନ ଓ ରାଜ୍ୟର ସାମଗ୍ରିକ ଉନ୍ନତି ପାଇଁ ଗଠନମୂଳକ ଆଲୋଚନା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଯେଉଁ ବିକାଶର ସଂକଳ୍ପ ନେଇ ଆଗକୁ ବଢ଼ୁଛନ୍ତି, ତାହାର ବାସ୍ତବ ପ୍ରଗତି ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ବିଧାନସଭାରେ ସ୍ପଷ୍ଟ ଚିତ୍ର ରଖାଯିବା ଆବଶ୍ୟକ । ନିଯୁକ୍ତି ପ୍ରସଙ୍ଗ ଏହି ଅଧିବେଶନର ଏକ ପ୍ରମୁଖ ଆଲୋଚନା ହେବା ଉଚିତ । ରାଜ୍ୟର ଯୁବକଯୁବତୀଙ୍କ ମନରେ ସରକାରୀ ଚାକିରି, ଘରୋଇ ଶିଳ୍ପରେ କାର୍ଯ୍ୟସୁଯୋଗ ଓ ଆତ୍ମନିଯୁକ୍ତିକୁ ନେଇ ଅନେକ ଆଶା ରହିଛି । ଖାଲି ପଦବି ପୂରଣ, ନିଯୁକ୍ତି ପରୀକ୍ଷାର ସ୍ୱଚ୍ଛତା, ନିର୍ଦ୍ଧାରିତ ସମୟରେ ଫଳ ପ୍ରକାଶ ଓ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ରୋକିବା ଉପରେ ସରକାରଙ୍କ ସ୍ପଷ୍ଟ ଉତ୍ତର ଆଶା କରାଯାଉଛି । ଶିଳ୍ପାୟନ ମାଧ୍ୟମରେ ରାଜ୍ୟକୁ ଆସୁଥିବା ପୁଞ୍ଜିନିବେଶ କେତେ ଦୂର ବାସ୍ତବ ନିଯୁକ୍ତିରେ ପରିଣତ ହେଉଛି, କେଉଁ ଜିଲ୍ଲାରେ କେତେ ନୂଆ କାରଖାନା ଗଢ଼ିଉଠୁଛି ଏବଂ ସ୍ଥାନୀୟ ଯୁବକଯୁବତୀଙ୍କୁ କେତେ ସୁଯୋଗ ମିଳୁଛି, ତାହାର ହିସାବ ଜନସାଧାରଣ ଜାଣିବା ଦରକାର । କେବଳ ପୁଞ୍ଜିନିବେଶ ପ୍ରସ୍ତାବର ଘୋଷଣା ନୁହେଁ, ପ୍ରକଳ୍ପର ଭୂମିପୂଜନ, ନିର୍ମାଣ, ଉତ୍ପାଦନ ଆରମ୍ଭ ଓ ନିଯୁକ୍ତି ସୃଷ୍ଟି ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟର ତଥ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ରଖାଯିବା ଉଚିତ । କୃଷି ଓ କୃଷକଙ୍କ ସ୍ୱାର୍ଥ ମଧ୍ୟ ଏହି ଅଧିବେଶନର ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ହେବା ଦରକାର । ଓଡ଼ିଶାର ଅର୍ଥନୀତିର ମୂଳ ଆଧାର ହେଉଛି କୃଷି । ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ, ସାର ଓ ବିହନର ସୁଲଭ ଯୋଗାଣ, ଜଳସେଚନର ବିସ୍ତାର, ଫସଲ ବୀମାର ସୁବିଧା ଏବଂ ମଣ୍ଡି ବ୍ୟବସ୍ଥାରେ ସ୍ୱଚ୍ଛତା ନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ । ଧାନ କିଣା ସମୟରେ ଚାଷୀଙ୍କୁ ଯେପରି ଅଯଥା ଅପେକ୍ଷା କରିବାକୁ ନପଡ଼େ, ତାଙ୍କ ଉତ୍ପାଦିତ ଶସ୍ୟର ନ୍ୟାୟସଙ୍ଗତ ମୂଲ୍ୟ ମିଳେ ଏବଂ ଦଲାଲଙ୍କ ଶୋଷଣରୁ ସେମାନେ ସୁରକ୍ଷିତ ରହନ୍ତି, ସେଥିପାଇଁ ଦୃଢ଼ ପଦକ୍ଷେପ ଆବଶ୍ୟକ । ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ ସାମାଜିକ ସୁରକ୍ଷା ନେଇ ଚାଲିଥିବା ଯୋଜନାଗୁଡ଼ିକର ପ୍ରଭାବ ମଧ୍ୟ ଆଲୋଚନା ହେବା ଉଚିତ । ସୁଭଦ୍ରା ଯୋଜନା ଭଳି ପଦକ୍ଷେପ ମହିଳାଙ୍କୁ ଆର୍ଥିକ ସହାୟତା ଦେବା ସହିତ ନିଜ ଜୀବନର ନିଷ୍ପତ୍ତି ନେବାରେ ସାହାଯ୍ୟ କରିବାର ଉଦ୍ଦେଶ୍ୟ ରଖିଛି । କିନ୍ତୁ ଯୋଜନାର ଲାଭ ଯୋଗ୍ୟ ମହିଳାଙ୍କ ପାଖରେ ସମୟୋଚିତ ଭାବେ ପହଞ୍ଚୁଛି କି ନାହିଁ, ଆବେଦନ ଓ ପଞ୍ଜୀକରଣରେ କୌଣସି ଅସୁବିଧା ରହିଛି କି ନାହିଁ, ଏବଂ ଏହି ସହାୟତାକୁ ଆୟବୃଦ୍ଧିର ମାଧ୍ୟମ କରିବା ପାଇଁ କେଉଁ ପଦକ୍ଷେପ ନିଆଯାଉଛି, ତାହାର ସମୀକ୍ଷା ଆବଶ୍ୟକ । ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷକ ନିଯୁକ୍ତି, ଉଚ୍ଚଶିକ୍ଷାର ଗୁଣବତ୍ତା, ବୈଷୟିକ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେବା ଦରକାର । ଗାଁର ଗରିବ ପରିବାରର ଜଣେ ଛାତ୍ର ଯେପରି ଅର୍ଥାଭାବରୁ ଶିକ୍ଷାରୁ ବଞ୍ଚିତ ନ ହୁଏ, ସେଥିପାଇଁ ସରକାରୀ ସହାୟତା ଓ ଛାତ୍ରବୃତ୍ତି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର, ନର୍ସ, ଔଷଧ, ଶଯ୍ୟା ଓ ଜରୁରୀ ଚିକିତ୍ସା ସୁବିଧାର ଅଭାବ ଦୂର କରିବା ଉପରେ ବିଧାୟକମାନେ ଗୁରୁତ୍ୱ ଦେବା ଉଚିତ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ଦୁର୍ଗମ ଅଞ୍ଚଳର ଉପସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ସମାନ ଭାବେ ଚିକିତ୍ସା ସୁବିଧା ପହଞ୍ଚିବା ଦରକାର । ରାସ୍ତା, ସେତୁ, ପାନୀୟ ଜଳ, ବିଦ୍ୟୁତ୍ ଓ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ମଧ୍ୟ ବିକାଶର ମାପକାଠି । ରାଜଧାନୀର ଚକଚକିଆ ରାସ୍ତା ମାତ୍ରରେ ଓଡ଼ିଶାର ବିକାଶ ସମ୍ପୂର୍ଣ୍ଣ ହୁଏ ନାହିଁ; ଦୁର୍ଗମ ଗାଁର ଜଣେ ରୋଗୀ ଯେତେବେଳେ ସମୟରେ ଡାକ୍ତରଖାନାରେ ପହଞ୍ଚିପାରିବେ, ଚାଷୀ ଯେତେବେଳେ ନିଜ ଉତ୍ପାଦ ବଜାରକୁ ନେଇପାରିବେ ଏବଂ ଛାତ୍ରଛାତ୍ରୀ ଯେତେବେଳେ ନିରାପଦରେ ବିଦ୍ୟାଳୟକୁ ଯାଇପାରିବେ, ସେତେବେଳେ ହିଁ ବିକାଶର ପ୍ରକୃତ ଅର୍ଥ ପୂରଣ ହେବ । ସାମ୍ପ୍ରତିକ ବାତ୍ୟା ଓ ବନ୍ୟାର ଅନୁଭୂତି ରାଜ୍ୟକୁ ପୁଣିଥରେ ସ୍ମରଣ କରାଇଛି ଯେ ବିପର୍ଯ୍ୟୟ ପରିଚାଳନାରେ ସତର୍କତା, ଦ୍ୱରିତ ଉଦ୍ଧାର ଓ ସମୟୋଚିତ ସହାୟତା କେତେ ଜରୁରୀ । ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ, ଔଷଧ, ଆଶ୍ରୟ ଓ କ୍ଷତିପୂରଣ ଯଥାଶୀଘ୍ର ମିଳିବା ଦରକାର । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରଶାସନ ତତ୍ପର ହୋଇ କାମ କରିବା ସହିତ ଦୁର୍ବଳ ଭିତ୍ତିଭୂମି, ନଦୀବନ୍ଧ, ଜଳନିଷ୍କାସନ ଓ ଆଶ୍ରୟସ୍ଥଳୀର ଅଭାବ ଭଳି ଦୀର୍ଘକାଳୀନ ସମସ୍ୟାର ସମାଧାନ ମଧ୍ୟ କରିବା ଆବଶ୍ୟକ । ବିପର୍ଯ୍ୟୟ ପରେ ସହାୟତା ଦେବା ଯେତିକି ଜରୁରୀ, ବିପର୍ଯ୍ୟୟ ପୂର୍ବରୁ କ୍ଷତି କମାଇବାର ପ୍ରସ୍ତୁତି ମଧ୍ୟ ସେତିକି ଜରୁରୀ । ଶୀତକାଳୀନ ଅଧିବେଶନରେ ତେଣୁ ଆଲୋଚନାର କେନ୍ଦ୍ରରେ ରହୁ ଚାଷୀଙ୍କ ହସ, ଯୁବକଙ୍କ ନିଯୁକ୍ତି, ମହିଳାଙ୍କ ସ୍ୱାବଲମ୍ବନ, ଶିଶୁଙ୍କ ଶିକ୍ଷା, ରୋଗୀଙ୍କ ଚିକିତ୍ସା, ଗାଁର ଭିତ୍ତିଭୂମି ଓ ଓଡ଼ିଶାର ସମୃଦ୍ଧ ଭବିଷ୍ୟତ । କାରଣ ବିଧାନସଭାରେ ଉଠୁଥିବା ପ୍ରତ୍ୟେକ ପ୍ରଶ୍ନର ଶେଷ ଲକ୍ଷ୍ୟ ହେବା ଦରକାର ଜନସାଧାରଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ । ରାଜନୀତିର ଉର୍ଦ୍ଧ୍ୱରେ ରହି ଓଡ଼ିଶାର ହିତକୁ ପ୍ରାଥମିକତା ଦେବା ହିଁ ଏହି ଅଧିବେଶନର ପ୍ରକୃତ ସଫଳତା ହେବ ।

ଭୁବନେଶ୍ୱର, ମୋ- ୯୪୩୭୯୯୪୩୭୯

ଓଡ଼ିଶାରେ ବନ୍ୟା ଓ ବାତ୍ୟା ବିଭୀଷିକାର ଇତିବୃତ୍ତ

କୈଳାଶ ଚନ୍ଦ୍ର ପଟ୍ଟନାୟକ

"

ନଦୀବନ୍ଧର ସୁଦୃଢ଼ୀକରଣ: ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଓ ଅନ୍ୟାନ୍ୟ ନଦୀର ଦୁର୍ବଳ ନଦୀବନ୍ଧକୁ ମରାମତି କରିବା ।ଜଳ ନିଷ୍କାସନ ବ୍ୟବସ୍ଥା: ସହର ଓ ଗ୍ରାମାଞ୍ଚଳର ନାଳନର୍ଦ୍ଦମା ସଫା କରିବା ଏବଂ ଜଳ ନିଷ୍କାସନରେ ଥିବା ବାଧା ଦୂର କରିବା । ବାତ୍ୟା ଆଶ୍ରୟସ୍ଥଳୀ: ଉପକୂଳ ଅଞ୍ଚଳର ପ୍ରତ୍ୟେକ ବିପଦସଙ୍କୁଳ ଗ୍ରାମରେ ପର୍ଯ୍ୟାପ୍ତ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବା ।ବୃକ୍ଷରୋପଣ: ଉପକୂଳ ଅଞ୍ଚଳରେ ଝାଉଁବଣ ଓ ଅନ୍ୟାନ୍ୟ ଉପଯୁକ୍ତ ବୃକ୍ଷରୋପଣ କରିବା ।

ଓଡ଼ିଶା ହେଉଛି ପ୍ରକୃତିର ଅପୂର୍ବ ଦାନରେ ସମୃଦ୍ଧ ଏକ ରାଜ୍ୟ । ଗୋଟିଏ ପଟେ ବିସ୍ତୀର୍ଣ୍ଣ ବଙ୍ଗୋପସାଗର, ଅନ୍ୟପଟେ ନଦୀ, ନାଳ, ଜଙ୍ଗଲ ଓ ପାହାଡ଼ । କିନ୍ତୁ ଏହି ପ୍ରାକୃତିକ ସମ୍ପଦ ଓଡ଼ିଶାକୁ ବାରମ୍ବାର ବନ୍ୟା, ବାତ୍ୟା ଓ ଘୂର୍ଣ୍ଣିଝଡ଼ର ବିପଦ ମଧ୍ୟରେ ଠିଆ କରାଇଛି । ପ୍ରତିବର୍ଷ ବର୍ଷାଋତୁରେ ବନ୍ୟାର ଭୟ ଏବଂ ଗ୍ରୀଷ୍ମ ଓ ଶରତ ଋତୁରେ ବାତ୍ୟାର ଆଶଙ୍କା ଓଡ଼ିଶାବାସୀଙ୍କ ଜୀବନର ଏକ ଅଂଶ ପାଲଟିଯାଇଛି ।

ବନ୍ୟା ଓ ବାତ୍ୟା କେବଳ ଘରଦ୍ୱାର ଭାଙ୍ଗେ ନାହିଁ; ଏହା ମଣିଷର ସ୍ୱପ୍ନ, ଜୀବିକା, କୃଷି, ଶିକ୍ଷା ଓ ଅର୍ଥନୀତିକୁ ମଧ୍ୟ ଦୋହଲାଇ ଦିଏ । ଓଡ଼ିଶାର ଇତିହାସ ଏହି ପ୍ରାକୃତିକ ବିପର୍ଯ୍ୟୟର ଅନେକ ଦୁଃଖଦ ଅଧ୍ୟାୟ ।

୧. ବନ୍ୟା ଓ ବାତ୍ୟାର ଐତିହାସିକ ପୃଷ୍ଠଭୂମି ଓଡ଼ିଶାର ପ୍ରାୟ ୪୮୨ କିଲୋମିଟର ଦୀର୍ଘ ଉପକୂଳ ଅଞ୍ଚଳ ବଙ୍ଗୋପସାଗର ସଂଲଗ୍ନ । ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ବଂଶଧାରା ଓ ବୁଢ଼ାବଳଙ୍ଗ ଭଳି ନଦୀଗୁଡ଼ିକ ରାଜ୍ୟର ଜଳସମ୍ପଦର ମୁଖ୍ୟ ଆଧାର ହୋଇଥିବାବେଳେ ବର୍ଷା ଋତୁରେ ଏହି ନଦୀଗୁଡ଼ିକ ହିଁ ବନ୍ୟାର ପ୍ରମୁଖ କାରଣ ପାଲଟନ୍ତି । ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ଆସୁଥିବା ଅତିରିକ୍ତ ଜଳ, ନଦୀଶଯ୍ୟାରେ ପଟୁମାଟି ଜମିବା, ନଦୀବନ୍ଧ ଭାଙ୍ଗିବା ଏବଂ ସମୁଦ୍ରରେ ଜୁଆର ସମୟରେ ନଦୀଜଳ ନିଷ୍କାସନରେ ବାଧା ସୃଷ୍ଟି ହେବା ବନ୍ୟାର ତୀବ୍ରତା ବଢ଼ାଇଥାଏ ।

୨. ଓଡ଼ିଶାର ପ୍ରମୁଖ ବନ୍ୟା ବିଭୀଷିକା ସରକାରୀ ଜଳସମ୍ପଦ ବିଭାଗର ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଗତ କିଛି ଦଶନ୍ଧିର ପ୍ରମୁଖ ବନ୍ୟାଗୁଡ଼ିକର ତଥ୍ୟ ଉଲ୍ଲେଖ ରହିଛି । ବର୍ଷା ଓ ବନ୍ୟାର ପ୍ରଭାବ ଓ କ୍ଷୟକ୍ଷତି :

୧୯୮୨- ମହାନଦୀରେ ବଡ଼ ବନ୍ୟା; ମୁଣ୍ଡଳୀଠାରେ ୧୫.୮୪ ଲକ୍ଷ କ୍ୟୁସେକ୍ ଜଳପ୍ରବାହ । ୨୦୦୧ ମୁଣ୍ଡଳୀ ଠାରେ ୧୪.୦୯ ଲକ୍ଷ କ୍ୟୁସେକ୍; ୩୭୯ଟି ନଦୀବନ୍ଧ ଘାଇ; ୫୫୯ କୋଟି ଟଙ୍କାର କ୍ଷତି । ୨୦୦୬ -୧୨୦ଟି ଘାଇ; ୪୨୯ କୋଟି ଟଙ୍କାର କ୍ଷତି । ୨୦୦୮ରେ ୧୫.୮୧ ଲକ୍ଷ କ୍ୟୁସେକ୍ ଜଳପ୍ରବାହ; ୬୮ଟି ଘାଇ; ୭୪୫ କୋଟି ଟଙ୍କାର କ୍ଷତି । ୨୦୧୧ – ୨୩୪ଟି ଘାଇ; ୯୨୨.୬୧ କୋଟି ଟଙ୍କାର କ୍ଷତି । ଏହା ବ୍ୟତୀତ ୨୦୦୩, ୨୦୦୪, ୨୦୦୫, ୨୦୦୭ ଓ ୨୦୧୩ ମସିହାରେ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇଥିଲେ । ଅର୍ଥାତ୍ ଓଡ଼ିଶାରେ ବନ୍ୟା କୌଣସି ଗୋଟିଏ ଅଞ୍ଚଳର ସମସ୍ୟା ନୁହେଁ, ଏହା ଏକ ଦୀର୍ଘକାଳୀନ ରାଜ୍ୟସ୍ତରୀୟ ବିପଦ ।

୩. ବାତ୍ୟାର କାଳକ୍ରମ ଓ ମାନବୀୟ ବିପର୍ଯ୍ୟୟ, ୧୯୯୯ ମହାବାତ୍ୟା – ଓଡ଼ିଶା ଇତିହାସର କଳା ଅଧ୍ୟାୟ, ୧୯୯୯ ଅକ୍ଟୋବର ୧୭ ଓ ୧୮ ତାରିଖରେ ପ୍ରଥମ ବାତ୍ୟା ଗଞ୍ଜାମ ଅଞ୍ଚଳକୁ ପ୍ରଭାବିତ କରିଥିଲା । ଏହାର ମାତ୍ର ୧୧ ଦିନ ପରେ ଅକ୍ଟୋବର ୨୯ ଓ ୩୦ ତାରିଖରେ ମହାବାତ୍ୟା ଓଡ଼ିଶା ଉପକୂଳରେ ତାଣ୍ଡବ ରଚିଥିଲା । ପାରାଦୀପ ନିକଟରେ ସ୍ଥଳଭାଗ ଛୁଇଁଥିବା ଏହି ବାତ୍ୟାର ପବନ ବେଗ ଘଣ୍ଟାପ୍ରତି ପ୍ରାୟ ୨୬୦ରୁ ୨୭୦ କିଲୋମିଟର ଥିଲା । ସମୁଦ୍ରରେ ୨୦ ଫୁଟରୁ ଅଧିକ ଜଳସ୍ତର ବୃଦ୍ଧି ଘଟିଥିଲା । ପ୍ରାୟ ୯,୮୮୫ ଜଣଙ୍କ ଜୀବନ ଯାଇଥିବା ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି । ଲକ୍ଷ ଲକ୍ଷ ଲୋକ ବାସହରା ହୋଇଥିଲେ ଏବଂ ଚାଷଜମି, ପଶୁସମ୍ପଦ, ରାସ୍ତାଘାଟ ଓ ବିଦ୍ୟୁତ୍ ବ୍ୟବସ୍ଥା ବ୍ୟାପକ ଭାବେ ନଷ୍ଟ ହୋଇଥିଲା ।

୨୦୧୩ – ଫାଇଲିନ୍ ବାତ୍ୟା ଅକ୍ଟୋବର ୧୨ ତାରିଖରେ ଗୋପାଳପୁର ନିକଟରେ ଫାଇଲିନ୍ ସ୍ଥଳଭାଗ ଛୁଇଁଥିଲା । ପବନର ବେଗ ଘଣ୍ଟାପ୍ରତି ପ୍ରାୟ ୨୦୦ରୁ ୨୧୦ କିଲୋମିଟର ରହିଥିଲା । ୧୯ଟି ଜିଲ୍ଲା ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ହୋଇଥିଲା । ସରକାରୀ ରିପୋର୍ଟ ଅନୁସାରେ ପ୍ରାୟ ୧୧.୫୫ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା ।

୨୦୧୪ – ହୁଡ୍‌ହୁଡ୍ ବାତ୍ୟା ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳକୁ ପ୍ରଭାବିତ କରିଥିଲା । ଓଡ଼ିଶାରେ ମଧ୍ୟ ଅନେକ ଅଞ୍ଚଳରେ ବର୍ଷା, ପବନ ଓ ଗଛ ଉପୁଡ଼ିବା ଯୋଗୁଁ କ୍ଷୟକ୍ଷତି ହୋଇଥିଲା ।

୨୦୧୮ – ତିତ୍‌ଲି ବାତ୍ୟା ଅକ୍ଟୋବର ମାସରେ ଗଜପତି, ଗଞ୍ଜାମ ଓ ଅନ୍ୟାନ୍ୟ ଦକ୍ଷିଣ ଓଡ଼ିଶା ଅଞ୍ଚଳରେ ଭୟଙ୍କର ପ୍ରଭାବ ପକାଇଥିଲା । ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଗଜପତି ଜିଲ୍ଲାରେ ବହୁ ଜୀବନହାନି ହୋଇଥିଲା ।

୨୦୧୯ – ଫନି ବାତ୍ୟା ମେ ୩ ତାରିଖରେ ପୁରୀ ନିକଟରେ ଫନି ସ୍ଥଳଭାଗ ଛୁଇଁଥିଲା । ପବନର ବେଗ ଘଣ୍ଟାପ୍ରତି ୧୭୫ରୁ ୧୮୦ କିଲୋମିଟର ଏବଂ ଝଟକାରେ ୨୦୫ କିଲୋମିଟର ପର୍ଯ୍ୟନ୍ତ ଥିଲା । ପୁରୀ, ଖୋର୍ଦ୍ଧା, କଟକ ଓ ଅନ୍ୟାନ୍ୟ ଉପକୂଳ ଜିଲ୍ଲାରେ ଘରଦ୍ୱାର, ବିଦ୍ୟୁତ୍ ଖୁଣ୍ଟ, ଗଛ, ରାସ୍ତା ଓ ଜୀବିକା ବ୍ୟବସ୍ଥା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ବିଶ୍ୱବ୍ୟାଙ୍କ, ଜାତିସଂଘ ଓ ଏସୀୟ ଉନ୍ନୟନ ବ୍ୟାଙ୍କର ମିଳିତ ଆକଳନରେ ଏହାର କ୍ଷତି, ଆର୍ଥିକ ହାନି ଓ ପୁନରୁଦ୍ଧାର ଆବଶ୍ୟକତାକୁ ବିସ୍ତୃତ ଭାବେ ଲିପିବଦ୍ଧ କରାଯାଇଛି ।

୨୦୨୦ – ଅମ୍ଫାନ୍, ୨୦୨୧ – ୟାସ୍ ଓ ୨୦୨୪ – ଦାନା । ଏହି ବାତ୍ୟାଗୁଡ଼ିକ ମଧ୍ୟ ଓଡ଼ିଶାର ଉପକୂଳ ଓ ଅଭ୍ୟନ୍ତରୀଣ ଅଞ୍ଚଳରେ ବର୍ଷା, ପବନ, ଜଳମଗ୍ନତା ଓ କୃଷିକ୍ଷତି ସୃଷ୍ଟି କରିଥିଲା । ଏହି ବିପର୍ଯ୍ୟୟଗୁଡ଼ିକ ପ୍ରମାଣ କରେ ଯେ ଓଡ଼ିଶା ପାଇଁ ବାତ୍ୟା ବିପଦ ଏବେ ମଧ୍ୟ ଏକ ସ୍ଥାୟୀ ଆହ୍ୱାନ ।

ଗତ ୫୦ ବର୍ଷରେ ଓଡ଼ିଶା ୧୭ରୁ ଅଧିକ ବନ୍ୟା ଏବଂ ୭ରୁ ଅଧିକ ବାତ୍ୟାର ସମ୍ମୁଖୀନ ହୋଇଥିବା ଏକ ଗବେଷଣା ପ୍ରବନ୍ଧରେ ଉଲ୍ଲେଖ ରହିଛି । ଏହା ମୁଖ୍ୟ ବିପର୍ଯ୍ୟୟଗୁଡ଼ିକର ଆକଳନ, ସମସ୍ତ ଛୋଟବଡ଼ ବନ୍ୟା ଓ ଘୂର୍ଣ୍ଣିଝଡ଼ର ସମ୍ପୂର୍ଣ୍ଣ ଗଣନା ନୁହେଁ ।

ଏହି ତଥ୍ୟରୁ ସ୍ପଷ୍ଟ ଯେ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ କୌଣସି ଆକସ୍ମିକ ଘଟଣା ନୁହେଁ; ବରଂ ଏହା ଦୀର୍ଘଦିନର ଏକ ପ୍ରାକୃତିକ ଚ୍ୟାଲେଞ୍ଜ । ବନ୍ୟା ଓ ବାତ୍ୟାର ପ୍ରତିକାର ଏବଂ ସରକାରଙ୍କ ଭୂମିକା ।

୧୯୯୯ ମହାବାତ୍ୟା ପରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିଛି । ଆଗରୁ ବାତ୍ୟା ଆସିବା ପରେ ଲୋକଙ୍କୁ ଉଦ୍ଧାର କରିବା ମୁଖ୍ୟ କାର୍ଯ୍ୟ ଥିଲା । ଏବେ ବାତ୍ୟା ଆସିବା ପୂର୍ବରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ଆଗୁଆ ସତର୍କ ସୂଚନା ଦେବା ଓ ରିଲିଫ୍ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।

ପ୍ରତିକାର ପାଇଁ ନିମ୍ନଲିଖିତ ପଦକ୍ଷେପ ଅତ୍ୟନ୍ତ ଜରୁରୀ ।

ନଦୀବନ୍ଧର ସୁଦୃଢ଼ୀକରଣ: ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଓ ଅନ୍ୟାନ୍ୟ ନଦୀର ଦୁର୍ବଳ ନଦୀବନ୍ଧକୁ ମରାମତି କରିବା ।ଜଳ ନିଷ୍କାସନ ବ୍ୟବସ୍ଥା: ସହର ଓ ଗ୍ରାମାଞ୍ଚଳର ନାଳନର୍ଦ୍ଦମା ସଫା କରିବା ଏବଂ ଜଳ ନିଷ୍କାସନରେ ଥିବା ବାଧା ଦୂର କରିବା । ବାତ୍ୟା ଆଶ୍ରୟସ୍ଥଳୀ: ଉପକୂଳ ଅଞ୍ଚଳର ପ୍ରତ୍ୟେକ ବିପଦସଙ୍କୁଳ ଗ୍ରାମରେ ପର୍ଯ୍ୟାପ୍ତ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବା ।ବୃକ୍ଷରୋପଣ: ଉପକୂଳ ଅଞ୍ଚଳରେ ଝାଉଁବଣ ଓ ଅନ୍ୟାନ୍ୟ ଉପଯୁକ୍ତ ବୃକ୍ଷରୋପଣ କରିବା ।

ଆଗୁଆ ସତର୍କ ସୂଚନା: ପାଣିପାଗ ବିଭାଗର ସୂଚନାକୁ ଗ୍ରାମାଞ୍ଚଳର ଲୋକଙ୍କ ପାଖରେ ସମୟୋଚିତ ଭାବେ ପହଞ୍ଚାଇବା । ନଦୀ ଓ ଜଳାଶୟ ସୁରକ୍ଷା: ଜଳାଶୟ, ପୋଖରୀ ଓ ପ୍ରାକୃତିକ ଜଳନିଷ୍କାସନ ପଥର ଅବରୋଧ ଦୂର କରିବା ।

କୃଷକଙ୍କ ସୁରକ୍ଷା: ବନ୍ୟା ଓ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ, ଫସଲ ବୀମା ଓ ବିକଳ୍ପ ଜୀବିକା ଯୋଗାଇବା ।

ଜନସଚେତନତା: ବିଦ୍ୟାଳୟ, ପଞ୍ଚାୟତ ଓ ଗ୍ରାମସଭାସ୍ତରରେ ବିପର୍ଯ୍ୟୟ ମୁକାବିଲା ତାଲିମ ଦେବା ଚିଲିକା ଓ କୃଷ୍ଣପ୍ରସାଦ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ।

ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ ଓ ଚିଲିକା ହ୍ରଦ ସଂଲଗ୍ନ ଅଞ୍ଚଳ ବନ୍ୟା, ବାତ୍ୟା ଓ ସମୁଦ୍ର ଜୁଆର ପ୍ରତି ବିଶେଷ ଭାବେ ସମ୍ବେଦନଶୀଳ । ଏହି ଅଞ୍ଚଳର ଅନେକ ପରିବାର ମାଛଧରା, ଚାଷବାସ ଓ ଦୈନିକ ମଜୁରି ଉପରେ ନିର୍ଭରଶୀଳ । ବାତ୍ୟା ଆସିଲେ ମତ୍ସ୍ୟଜୀବୀଙ୍କ ଡଙ୍ଗା, ଜାଲ, ଘରଦ୍ୱାର ଓ ଜୀବିକା ପ୍ରଭାବିତ ହୁଏ । ବନ୍ୟା ସମୟରେ ରାସ୍ତାଘାଟ ଜଳମଗ୍ନ ହେବା ସହ ଗମନାଗମନ ଓ ପାନୀୟ ଜଳ ସମସ୍ୟା ଦେଖାଦିଏ ।

ତେଣୁ କୃଷ୍ଣପ୍ରସାଦ ବ୍ଲକର ବିପଦସଙ୍କୁଳ ଗ୍ରାମଗୁଡ଼ିକରେ ଅଧିକ ବାତ୍ୟା ଆଶ୍ରୟସ୍ଥଳୀ, ଉଚ୍ଚା ରାସ୍ତା, ଦୃଢ଼ ନଦୀବନ୍ଧ, ପାନୀୟ ଜଳ ବ୍ୟବସ୍ଥା ଓ ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଅତ୍ୟନ୍ତ ଆବଶ୍ୟକ । ବିପର୍ଯ୍ୟୟକୁ ରୋକି ହେବନାହିଁ, କିନ୍ତୁ କ୍ଷୟକ୍ଷତି କମାଇ ହେବ । ପ୍ରକୃତିର ତାଣ୍ଡବକୁ ମଣିଷ ସମ୍ପୂର୍ଣ୍ଣ ରୋକିପାରିବ ନାହିଁ । କିନ୍ତୁ ଆଗୁଆ ପ୍ରସ୍ତୁତି, ବୈଜ୍ଞାନିକ ପଦକ୍ଷେପ, ସରକାରୀ ଦୂରଦୃଷ୍ଟି ଓ ଜନସାଧାରଣଙ୍କ ସଚେତନତା ଦ୍ୱାରା ଧନଜୀବନର କ୍ଷୟକ୍ଷତି ନିଶ୍ଚିତ ଭାବେ କମାଯାଇପାରିବ ।

୧୯୯୯ ମହାବାତ୍ୟାରେ ପ୍ରାୟ ୯,୮୮୫ ଜୀବନହାନି ହୋଇଥିବାବେଳେ ପରବର୍ତ୍ତୀ ବାତ୍ୟାଗୁଡ଼ିକରେ ଆଗୁଆ ସତର୍କତା ଓ ଲୋକଙ୍କ ସ୍ଥାନାନ୍ତରଣ ଫଳରେ ଜୀବନହାନି ଯଥେଷ୍ଟ କମିଛି । ଏହା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନର ସୂଚନା ଦିଏ ।

କିନ୍ତୁ କେବଳ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନରେ ସୀମିତ ରହିଲେ ଚଳିବ ନାହିଁ । ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ବାସ, ଚାଷୀଙ୍କ କ୍ଷତିପୂରଣ, ମତ୍ସ୍ୟଜୀବୀଙ୍କ ଜୀବିକା ସୁରକ୍ଷା ଓ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ।ପ୍ରକୃତି ସହିତ ସଂଘର୍ଷ ନୁହେଁ, ପ୍ରକୃତି ସହିତ ସମନ୍ୱୟ ରକ୍ଷା କରି ବଞ୍ଚିବା ହିଁ ଆଜିର ସମୟର ଆହ୍ୱାନ । ଆଗାମୀ ପିଢ଼ି ପାଇଁ ଏକ ସୁରକ୍ଷିତ, ସବୁଜ ଓ ବିପର୍ଯ୍ୟୟ ସହନଶୀଳ ଓଡ଼ିଶା ଗଠନ କରିବା ଆମ ସମସ୍ତଙ୍କ ଦାୟିତ୍ୱ ।

ମୋ – ୯୯୩୭୪୩୩୧୬୬

ସମାଜ ସୃଷ୍ଟି ପଛରେ ମୌଳିକ ଶକ୍ତି ହେଉଛି ଶବ୍ଦ

ଡ. ଅମୂଲ୍ୟ କୁମାର ପଣ୍ଡା

"

ପରିବାର, ସମାଜ ଏବଂ ରାଷ୍ଟ୍ରରେ ଶାନ୍ତି ବଜାୟ ରଖିବା ପାଇଁ ଦୟାଳୁ ଶବ୍ଦ କହିବା ଆବଶ୍ୟକ । ଆଜିର ଭୌତିକବାଦୀ ସମାଜରେ ଲୋକମାନେ ନୈତିକ ମୂଲ୍ୟବୋଧକୁ ଭୁଲି ଯାଉଛନ୍ତି । ଲୋଭ, ଘୃଣା, ମିଛ ଏବଂ ସ୍ୱାର୍ଥ ସମାଜରେ ଅଶାନ୍ତି ବୃଦ୍ଧି କରୁଛି । ଏପରି ସମୟରେ ଜୀବନର ମର୍ଯ୍ୟାଦା ଲୋକଙ୍କୁ ସଠିକ୍ ପଥ ଦେଖାଏ । ଏହା ଲୋକଙ୍କୁ ମାନବତା, ପ୍ରେମ ଏବଂ ସେବାର ମୂଲ୍ୟ ଶିଖାଏ । ବ୍ରହ୍ମ ଶବ୍ଦ ଏବଂ ଜୀବନର ମର୍ଯ୍ୟାଦା ମାନବ ଜୀବନର ଦୁଇଟି ଅମୂଲ୍ୟ ସମ୍ପତ୍ତି । ଶବ୍ଦଗୁଡ଼ିକ ଜ୍ଞାନର ଆଲୋକ ଏବଂ ଜୀବନର ମର୍ଯ୍ୟାଦା ସଠିକ୍ ପଥ ଦେଖାଏ ।

ମାନବ ସଭ୍ୟତାର ଆରମ୍ଭରୁ ଶବ୍ଦର ଅପାର ମହତ୍ତ୍ୱ ରହିଛି । ଶବ୍ଦ ହେଉଛି ଚିନ୍ତାଧାରାର ପ୍ରକାଶ, ଜ୍ଞାନର ବାହକ ଏବଂ ସମାଜ ସୃଷ୍ଟି ପଛରେ ମୌଳିକ ଶକ୍ତି । ଭାରତୀୟ ଦାର୍ଶନିକ ଚିନ୍ତାଧାରାରେ 'ଶବ୍ଦ ବ୍ରହ୍ମ' ନାମକ ଏକ ଗଭୀର ଧାରଣା ଅଛି । ଏହାର ଅର୍ଥ ହେଉଛି ଶବ୍ଦ ହେଉଛି ପରମ ସତ୍ୟ ଓ ସୃଷ୍ଟିର ମୂଳ କାରଣ । ବେଦ, ଉପନିଷଦ ଏବଂ ପୁରାଣରେ, ଶବ୍ଦକୁ ଦିବ୍ୟ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି । 'ଓମ୍' ଶବ୍ଦକୁ ସମଗ୍ର ବ୍ରହ୍ମାଣ୍ଡର ମୌଳିକ ଶବ୍ଦ ଭାବରେ ବିବେଚନା କରାଯାଏ । ତେଣୁ ଜୀବନ ସଂହିତା ହେଉଛି ମାନବ ଜୀବନ ପାଇଁ ନୀତି, ଆଦର୍ଶ, ମୂଲ୍ୟବୋଧ ଏବଂ ଆଚରଣର ଏକ ସଂଗ୍ରହ । ଏହା ମଣିଷକୁ ସଠିକ୍ ପଥ ଅନୁସରଣ କରିବାକୁ ଶିଖାଏ । ଜୀବନକୁ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସଫଳ କରିବା ପାଇଁ ଜୀବନ ସଂହିତା ଅତ୍ୟାବଶ୍ୟକ । ଶବ୍ଦ ବ୍ରହ୍ମର ଆତ୍ମାକୁ ଜାଗ୍ରତ କରୁଥିବା ବେଳେ ଜୀବନ ସଂହିତା ମଣିଷକୁ ନୈତିକତାର ପଥରେ ମାର୍ଗଦର୍ଶନ କରେ । 'ଶବ୍ଦ' ଅର୍ଥ ଶବ୍ଦ, ଭାଷା ଏବଂ ଅର୍ଥର ପ୍ରକାଶ । 'ବ୍ରହ୍ମ' ଅର୍ଥ ହେଉଛି ପରମ ସତ୍ୟ କିମ୍ବା ସର୍ବଶକ୍ତିମାନ ନୀତି । ତେଣୁ 'ଶବ୍ଦ ବ୍ରହ୍ମ' ଅର୍ଥ ହେଉଛି ସେହି ଶବ୍ଦ ଯେଉଁଠାରୁ ସମସ୍ତ ସୃଷ୍ଟି ଉତ୍ପନ୍ନ ହୋଇଛି । ଭାରତୀୟ ସଂସ୍କୃତିରେ ଶବ୍ଦଗୁଡ଼ିକୁ କେବଳ କୁହାଯାଇ ନାହିଁ ବରଂ ଏକ ଆଧ୍ୟାତ୍ମିକ ଶକ୍ତି ଭାବରେ ବିବେଚନା କରାଯାଏ । ବେଦ କହେ ଯେ ସୃଷ୍ଟି 'ନାଦ' ସହିତ ଆରମ୍ଭ ହୋଇଥିଲା । ଏହି ନାଦ ହେଉଛି ବ୍ରହ୍ମ ଶବ୍ଦ । 'ଓମ୍' ଶବ୍ଦକୁ ଏହି ବ୍ରହ୍ମ ଶବ୍ଦର ପ୍ରତୀକ ଭାବରେ ବିବେଚନା କରାଯାଏ । ଏହି ଶବ୍ଦ ଯୋଗ, ଧ୍ୟାନ ଏବଂ ତପସ୍ୟାରେ ବିଶେଷ ଗୁରୁତ୍ୱ ରଖେ । ଏହା ମନକୁ ଶାନ୍ତ କରେ ଏବଂ ଆତ୍ମାକୁ ପରମ ପୁରୁଷଙ୍କ ସହିତ ସଂଯୋଗ କରେ ।

ବେଦ ଶବ୍ଦର ଏକ ଅଦ୍ଭୁତ ସଂଗ୍ରହ । ଧ୍ୟାନ ଏବଂ ତପସ୍ୟା ମାଧ୍ୟମରେ ଋଷିମାନେ ଯେଉଁ ଦିବ୍ୟ ଶବ୍ଦ ଅନୁଭବ କରନ୍ତି ତାହା ପରବର୍ତ୍ତୀ ସମୟରେ ବୈଦିକ ମନ୍ତ୍ର ଭାବରେ ଉଭା ହୋଇଥିଲା । ବେଦ କହେ ଯେ ଶବ୍ଦ ଅନନ୍ତ ଏବଂ ଅବିନାଶୀ । ଉପନିଷଦ 'ନାଦ ବ୍ରହ୍ମ' ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରେ । ନାଦ ଅର୍ଥ ଶବ୍ଦ, ଯାହା ସମଗ୍ର ବ୍ରହ୍ମାଣ୍ଡରେ ବ୍ୟାପି ରହିଛି । ଯେତେବେଳେ ଜଣେ ବ୍ୟକ୍ତି ଧ୍ୟାନ କରେ, ସେ ଏହି ଅନ୍ତର୍ନିହିତ ଶବ୍ଦକୁ ଅନୁଭବ କରିପାରିବ । ଏହି ଶବ୍ଦ ପରମ ସତ୍ୟକୁ ପ୍ରବେଶ ପ୍ରଦାନ କରେ । ଭାରତୀୟ ସଂସ୍କୃତିରେ ଶବ୍ଦକୁ ଏକ ଦିବ୍ୟ ଶକ୍ତି ଭାବରେ ବିବେଚନା କରାଯାଏ । ମନ୍ତ୍ର, ସ୍ତୁତି, ଏବଂ ସ୍ତୋତ୍ର ମାଧ୍ୟମରେ ବ୍ୟକ୍ତି ଆଧ୍ୟାତ୍ମିକ ଶକ୍ତି ଲାଭ କରେ । ଗାୟତ୍ରୀ ମନ୍ତ୍ର ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ମନ୍ତ୍ରର ଶବ୍ଦ ମନକୁ ଶୁଦ୍ଧ କରେ । ପ୍ରାଚୀନ କାଳରେ ଗୁରୁମାନେ ସେମାନଙ୍କ ଶିଷ୍ୟମାନଙ୍କୁ ଶବ୍ଦ ମାଧ୍ୟମରେ ଜ୍ଞାନ ପ୍ରଦାନ କରୁଥିଲେ । ଏହା ପ୍ରମାଣିତ କରେ ଯେ ଶବ୍ଦ ହେଉଛି ଜ୍ଞାନର ମୂଳଦୁଆ । ଧର୍ମ, ସଂସ୍କୃତି ଏବଂ ପରମ୍ପରା ପିଢ଼ି ପରେ ପିଢ଼ି ଶବ୍ଦ ମାଧ୍ୟମରେ ଚାଲିଆସିଛି । ଶବ୍ଦରେ ଅପାର ଶକ୍ତି ଅଛି । ଏକ ମଧୁର ଶବ୍ଦ କାହାର ହୃଦୟ ଜିତିପାରେ ଏବଂ ଏକ କଠୋର ଶବ୍ଦ ସମ୍ପର୍କକୁ ଭାଙ୍ଗିପାରେ । ଶବ୍ଦ ଜଣେ ବ୍ୟକ୍ତିଙ୍କୁ ପ୍ରେରଣା ଦେଇପାରେ କିମ୍ବା ହତାଶା ଆଡ଼କୁ ନେଇଯାଇପାରେ । ସ୍ୱାମୀ ବିବେକାନନ୍ଦ ଏବଂ ଅନ୍ୟାନ୍ୟ ମହାନ ବ୍ୟକ୍ତିମାନେ ସେମାନଙ୍କ ଶବ୍ଦର ଶକ୍ତିରେ ସମାଜକୁ ପରିବର୍ତ୍ତନ କରିଥିଲେ । ସେମାନଙ୍କର ଭାଷଣ ଏବଂ ଶିକ୍ଷା ଲକ୍ଷ ଲକ୍ଷ ଲୋକଙ୍କୁ ନୂତନ ଜୀବନ ଦେଇଥିଲା । ସଙ୍ଗୀତକୁ ମଧ୍ୟ ନାଦ ବ୍ରହ୍ମ କୁହାଯାଏ । ସଙ୍ଗୀତର ଶବ୍ଦ ମନ ଏବଂ ଆତ୍ମାକୁ ପ୍ରଭାବିତ କରେ । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ରାଗ ଏବଂ ତାଳର ବିଶେଷ ଗୁରୁତ୍ୱ ଅଛି । ସଙ୍ଗୀତ ମନକୁ ଶାନ୍ତ କରେ, ଦୁଃଖ ଦୂର କରେ ଏବଂ ଆତ୍ମାକୁ ଈଶ୍ୱରଙ୍କ ସହିତ ଯୋଡେ । ମୀରାବାଇ ଏବଂ ଜୟଦେବଙ୍କ ପରି ସନ୍ଥମାନେ ସଙ୍ଗୀତ ମାଧ୍ୟମରେ ଭକ୍ତିକୁ ପ୍ରୋତ୍ସାହିତ କରିଥିଲେ ।

ଜୀବନ ସଂହିତା ହେଉଛି ଜୀବନକୁ ସଠିକ୍ ଭାବରେ ବଞ୍ଚିବା ପାଇଁ ନିୟମ ଏବଂ ନୀତିଗୁଡ଼ିକର ଏକ ପ୍ରକ୍ରିୟା । ଏହା ଜଣେ ବ୍ୟକ୍ତିକୁ ଭଲ ମଣିଷ ହେବା ପାଇଁ ମାର୍ଗଦର୍ଶନ କରେ । ସତ୍ୟ, ଅହିଂସା, କରୁଣା, କଠିନ ପରିଶ୍ରମ, ସମର୍ପଣ, ଶୃଙ୍ଖଳା ଏବଂ ସେବା ଭଳି ମୂଲ୍ୟବୋଧ ଜୀବନ ସଂହିତାର ଅଂଶ । ଜୀବନ ସଂହିତା ପାଳନ କରୁଥିବା ବ୍ୟକ୍ତି ସମାଜରେ ସମ୍ମାନ ପାଏ । ଜୀବନ ସଂହିତା କେବଳ ସଫଳତା ଆଣିଥାଏ ତାହା ନୁହେଁ ବରଂ ମନର ଶାନ୍ତି ମଧ୍ୟ ଆଣିଥାଏ । ଜୀବନ ସଂହିତାର ମୌଳିକ ନୀତିଗୁଡ଼ିକ ହେଉଛି ସତ୍ୟ, ଅହିଂସା, କରୁଣା, ଶୃଙ୍ଖଳା ଏବଂ ସେବା । ସତ୍ୟ ହେଉଛି ଜୀବନର ସର୍ବୋଚ୍ଚ ମୂଲ୍ୟ ଓ ଜଣେ ସତ୍ୟବାଦୀ ବ୍ୟକ୍ତି ସର୍ବଦା ସମ୍ମାନ ଆଦେଶ ଦିଅନ୍ତି । ଅହିଂସା ଅର୍ଥ କାହା ବିରୁଦ୍ଧରେ ହିଂସା ବ୍ୟବହାର ନ କରିବା । ଏହା କେବଳ ଶାରୀରିକ ହିଂସା ନୁହେଁ ବରଂ ଚିନ୍ତା ଏବଂ ବାଣୀରେ ହିଂସା ତ୍ୟାଗ କରିବା ମଧ୍ୟ । ଅନ୍ୟମାନଙ୍କର ଯନ୍ତ୍ରଣା ଅନୁଭବ କରିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ହେଉଛି କରୁଣା । ଏହା ମାନବତାର ପ୍ରତୀକ । ଶୃଙ୍ଖଳା ବିନା ଜୀବନ ବିଫଳତା । ସମୟକୁ ମନରେ ରଖି କାମ କରିବା ସଫଳତା ଆଡ଼କୁ ନେଇଯାଏ । ସମାଜ ଏବଂ ଦେଶ ପାଇଁ କାମ କରିବା ଜୀବନର ସର୍ବୋତ୍ତମ କର୍ତ୍ତବ୍ୟ । ଶବ୍ଦ ବ୍ରହ୍ମ ଏବଂ ଜୀବନ ସଂହିତା ପରସ୍ପର ନିର୍ଭରଶୀଳ । ଶବ୍ଦ ମାଧ୍ୟମରେ ଜଣେ ବ୍ୟକ୍ତି ଜୀବନ ସଂହିତା ଶିଖେ । ଧାର୍ମିକ ଗ୍ରନ୍ଥ, ଶିକ୍ଷା, ଭାଷଣ ଏବଂ ସାହିତ୍ୟ ନୈତିକ ମୂଲ୍ୟବୋଧ ଶିଖାଏ । ଯଦି ଶବ୍ଦ ଭଲ, ଜୀବନ ମଧ୍ୟ ଭଲ । ମଧୁର ଶବ୍ଦ ଏବଂ ସତ୍ୟବାଦୀ ଆଚରଣ ଜଣେ ବ୍ୟକ୍ତିକୁ ମହାନ କରିଥାଏ । ଏପରି ଶବ୍ଦ ଜୀବନର ନିୟମର ମୂଳଦୁଆ । ଯଦି ଆମେ ସାହିତ୍ୟରେ ଶବ୍ଦ ବ୍ରହ୍ମ ବିଷୟରେ ଆଲୋଚନା କରିବା ତେବେ ଆମେ ଅନୁଭବ କରିପାରୁଛୁ ଯେ ସାହିତ୍ୟ ହେଉଛି ଶବ୍ଦର ଏକ କଳାତ୍ମକ ରୂପ । କବି, ଲେଖକ ଏବଂ ସାହିତ୍ୟିକମାନେ ଶବ୍ଦ ମାଧ୍ୟମରେ ସମାଜକୁ ଶିକ୍ଷା ଦିଅନ୍ତି । ଓଡ଼ିଆ ସାହିତ୍ୟରେ ସରଳା ଦାସ, ଉପେନ୍ଦ୍ର ଭଞ୍ଜ, ଫକୀରମୋହନ ସେନାପତି ଏବଂ ଗଙ୍ଗାଧର ମେହେରଙ୍କ ଭଳି ମହାନ ସାହିତ୍ୟିକମାନେ ସେମାନଙ୍କ କୃତିରେ ଜୀବନର ନିୟମ ଶିକ୍ଷା ଦେଇଛନ୍ତି । ଆଜିର ଯୁବପିଢ଼ି ଦେଶର ଭବିଷ୍ୟତ । ଯଦି ସେମାନେ ଜୀବନର ନିୟମ ପାଳନ କରନ୍ତି ତେବେ ସମାଜର ଉନ୍ନତି ହେବ । ଯୁବପିଢ଼ି ସତ୍ୟବାଦୀ, ଶୃଙ୍ଖଳିତ ଏବଂ ନୀତିବାଦୀ ହେବା ଉଚିତ । ଶବ୍ଦର ସଠିକ୍ ବ୍ୟବହାର ମାଧ୍ୟମରେ ସେମାନେ ସମାଜରେ ଶାନ୍ତି ଏବଂ ଏକତା ସ୍ଥାପନ କରିପାରିବେ ।

ଶିକ୍ଷା କେବଳ ପୁସ୍ତକରୁ ଜ୍ଞାନ ଆହରଣ କରିବା ନୁହେଁ । ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଜଣେ ବ୍ୟକ୍ତିକୁ ଭଲ ମଣିଷ କରିବା । ଶିକ୍ଷା ମାଧ୍ୟମରେ ଜୀବନର ନିୟମର ମୂଲ୍ୟବୋଧ ଶିକ୍ଷା ଦିଆଯିବା ଉଚିତ । ଯଦି ସ୍କୁଲ ଏବଂ କଲେଜରେ ନୈତିକ ଶିକ୍ଷା ଦିଆଯାଏ, ତେବେ ଛାତ୍ରମାନେ ସଠିକ୍ ପଥ ଅନୁସରଣ କରିବେ । ଆଧ୍ୟାତ୍ମିକ ଜୀବନରେ ଶବ୍ଦ ବ୍ରହ୍ମର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମନ୍ତ୍ର ଜପ, ଧ୍ୟାନ ଏବଂ ସ୍ତୁତି ଗାନ ଦ୍ୱାରା ଆଧ୍ୟାତ୍ମିକ ଶାନ୍ତି ମିଳିଥାଏ । ଯେତେବେଳେ ଜଣେ ବ୍ୟକ୍ତି ଅନ୍ତରର ସ୍ୱର ଶୁଣିପାରି, ସେତେବେଳେ ସେ ସତ୍ୟକୁ ଅନୁଭବ କରେ ଆଉ ଏହା ହେଉଛି ଆତ୍ମ-ଜ୍ଞାନର ପଥ । ଶବ୍ଦଗୁଡ଼ିକ ମାନବ ସମ୍ପର୍କର ମୂଳଦୁଆ । ଆମେ ଜାଣିଛନ୍ତି ମିଠା ଶବ୍ଦ ସମ୍ପର୍କକୁ ମଜବୁତ କରେ ଆଉ କଟୁ ଶବ୍ଦ ସେଗୁଡ଼ିକୁ ଭାଙ୍ଗିଦିଏ । ପରିବାର, ସମାଜ ଏବଂ ରାଷ୍ଟ୍ରରେ ଶାନ୍ତି ବଜାୟ ରଖିବା ପାଇଁ ଦୟାଳୁ ଶବ୍ଦ କହିବା ଆବଶ୍ୟକ । ଆଜିର ଭୌତିକବାଦୀ ସମାଜରେ ଲୋକମାନେ ନୈତିକ ମୂଲ୍ୟବୋଧକୁ ଭୁଲି ଯାଉଛନ୍ତି । ଲୋଭ, ଘୃଣା, ମିଛ ଏବଂ ସ୍ୱାର୍ଥ ସମାଜରେ ଅଶାନ୍ତି ବୃଦ୍ଧି କରୁଛି । ଏପରି ସମୟରେ ଜୀବନର ମର୍ଯ୍ୟାଦା ଲୋକଙ୍କୁ ସଠିକ୍ ପଥ ଦେଖାଏ । ଏହା ଲୋକଙ୍କୁ ମାନବତା, ପ୍ରେମ ଏବଂ ସେବାର ମୂଲ୍ୟ ଶିଖାଏ । ବ୍ରହ୍ମ ଶବ୍ଦ ଏବଂ ଜୀବନର ମର୍ଯ୍ୟାଦା ମାନବ ଜୀବନର ଦୁଇଟି ଅମୂଲ୍ୟ ସମ୍ପତ୍ତି । ଶବ୍ଦଗୁଡ଼ିକ ଜ୍ଞାନର ଆଲୋକ ଏବଂ ଜୀବନର ମର୍ଯ୍ୟାଦା ସଠିକ୍ ପଥ ଦେଖାଏ । ଶବ୍ଦ ମାଧ୍ୟମରେ ଲୋକମାନେ ଜ୍ଞାନ, ଭକ୍ତି ଏବଂ ନୈତିକତା ଶିଖନ୍ତି । ଆଜିର ସମାଜରେ ଯଦି ଲୋକମାନେ ଶବ୍ଦଗୁଡ଼ିକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଆଚରଣ ସଂହିତା ପାଳନ କରନ୍ତି ତେବେ ଏ ବିଶ୍ୱ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ମାଧୁର୍ଯ୍ୟମୟ ହୋଇ ଉଠିବ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ – ୮୨୪୯୫୦୨୭୭୬

ଧାନକିଣା ନୀତିରେ ସଂଶୋଧନ ଦାବି, ୧୧ରେ ଆରଡିସି କାର୍ଯ୍ୟାଳୟ ଘେରିବେ ଚାଷୀ

ଟୋକନ ବ୍ୟବସ୍ଥା ସରଳୀକରଣ ସହ ଧାନ କିଣା ପରିମାଣ ବୃଦ୍ଧି ଦାବି

ଝାରସୁଗୁଡ଼ା, ୨।୧୧ (ନିପ୍ର): ଖରିଫ ଧାନ ସଂଗ୍ରହକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ନିଜର ବିଭିନ୍ନ ଦାବି ହାସଲ ପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛନ୍ତି ପଶ୍ଚିମ ଓଡ଼ିଶାର ଚାଷୀ। ଆସନ୍ତା ୧୧ ତାରିଖରେ ସମ୍ବଲପୁରସ୍ଥିତ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ ସମାବେଶ ଆୟୋଜନ କରାଯିବ। ଏଥିରେ ଲଖନପୁର ବ୍ଲକରୁ ବହୁ ସଂଖ୍ୟକ ଚାଷୀ ସାମିଲ ହେବାକୁ ବିଭିନ୍ନ ସ୍ଥାନରେ ସାଙ୍ଗଠନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର କଦମଡିହିଠାରେ ଲଖନପୁର ବ୍ଲକ କୃଷକ ସଂଗଠନର ଏକ ପ୍ରସ୍ତୁତି ବୈଠକ ହିମାଂଶୁ ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଜିଲ୍ଲା ସଂଗଠନର ଆବାହକ ବିରଞ୍ଚି ସାହୁ ଏଥିରେ ଚାଷୀଙ୍କ ସ୍ୱାର୍ଥ ସମ୍ବଳିତ ପାଞ୍ଚଟି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ପ୍ରସ୍ତାବ ଅନୁଯାୟୀ, ଏଗ୍ରିଷ୍ଟାକ୍ ପଞ୍ଜୀକରଣକୁ ନେଇ ଧାନ ବିକ୍ରି ସମୟରେ ଯେପରି ଟୋକନ ସମସ୍ୟା ଦେଖା ନଦିଏ, ସେଥିପାଇଁ ସରକାର ସ୍ପଷ୍ଟ ନିଶ୍ଚିତତା ପ୍ରଦାନ କରିବା ଆବଶ୍ୟକ। ପଞ୍ଜୀକୃତ ଚାଷୀଙ୍କୁ ଆରମ୍ଭରୁ ଏକକାଳୀନ ଟୋକନ ଯୋଗାଇବା, ଜଳସେଚିତ ଜମିରୁ ଏକର ପିଛା ୨୫ କ୍ୱିଣ୍ଟାଲ ଏବଂ ଅଣଜଳସେଚିତ ଜମିରୁ ୨୦ କ୍ୱିଣ୍ଟାଲ ଧାନ କିଣିବାକୁ ଦାବି ହୋଇଛି। ସେହିପରି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିକୁ ପୂର୍ବଭଳି କ୍ଷମତା ପ୍ରଦାନ କରିବା ସହ ଚାଷୀଙ୍କ ଆର୍ଥିକ ସୁରକ୍ଷା ପାଇଁ ଫସଲ ବିବିଧିକରଣ ନିମନ୍ତେ ସ୍ପଷ୍ଟ ନୀତି ଘୋଷଣା କରିବାକୁ ମଧ୍ୟ ଦାବି ଉଠିଛି। ବୈଠକରେ ଏହି ସମସ୍ତ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଆନ୍ଦୋଳନକୁ ଅଧିକ ସଫଳ କରିବା ପାଇଁ ଭଅଁରଖୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଶ୍ୱିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ ଚାଷୀ ବୈଠକ ହୋଇଥିଲା। ଏଥିରେ ପଞ୍ଚାୟତରୁ ୫୦ ଜଣ ଚାଷୀ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ। ଅନୁରୂପ ଭାବେ ବାଘମୁଣ୍ଡା ଗ୍ରାମରେ ବଳରାମ ସାଙ୍କ ଅଧ୍ୟକ୍ଷତାରେ ଚାଷୀମାନେ ଏକାଠି ହୋଇ ଆନ୍ଦୋଳନର ରଣନୀତି ଉପରେ ଆଲୋଚନା କରିଥିଲେ। ଆଗାମୀ ୧୧ ତାରିଖରେ ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ଆହୂତ ବିକ୍ଷୋଭରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି।



କଦମଡିହି ବୈଠକରେ ଶିବୁ ପ୍ରଧାନ, ନିତ୍ୟାନନ୍ଦ ପଟେଲ, କିଶୋର ପଧାନ, ରମେଶ ନାୟକ, ଦାଶରଥୀ ସା, ପ୍ରଦୀପ ପଟେଲ ଓ ନେତ୍ରାନନ୍ଦ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଭଅଁରଖୋଲ ବୈଠକରେ ଚନ୍ଦ୍ରମଣି ପଧାନ, ବୁଦ୍ଧଦେବ ପ୍ରଧାନ, ସନାତନ ଭୋଇ, କୃଷ୍ଣଚନ୍ଦ୍ର ପଧାନ, ଚମାର ପଟେଲ ଓ ଚନ୍ଦ୍ରମଣି ଛତର ଯୋଗ ଦେଇଥିଲେ। ବାଘମୁଣ୍ଡା ବୈଠକରେ ଗୋବର୍ଦ୍ଧନ ସାହୁ, ଟଙ୍କଧର ସା, ବିଭୂତି ବିଶ୍ୱାଳ, ମଧୁସୂଦନ ପ୍ରଧାନ, ସରୋଜ ପଣ୍ଡା ଓ କ୍ଷମାଶୀଳ ପଧାନ ପ୍ରମୁଖ ସାମିଲ ହୋଇଥିଲେ।

ଅନୁସୂଚିତ ଜାତି, ଜନଜାତି ବିକାଶ ପରିଷଦର ନୂତନ କର୍ମକର୍ତ୍ତା

କୁଚିଣ୍ଡା, ୨।୧୧ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସାମ୍ବାଦିକ ଭବନ ଠାରେ ରବିବାର କୁଚିଣ୍ଡା ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ମନୋରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଧର୍ତିଆବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ, ବୀର୍ସା ମୁଣ୍ଡା ହକି ଟୁର୍ନାମେଣ୍ଟ କରାଯିବା ସାଙ୍ଗକୁ ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦ ସଂଗଠନକୁ ଅଧିକ ସୁଦୃଢ କରି କ୍ରିୟାଶୀଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଭଦ୍ର କିଷାନ ସଭାପତି, ଯୁଧିଷ୍ଠିର ରୋହିଦାସ ଓ ସୁଶିଳ କିଷାନ ଉପସଭାପତି, ମନୋରଞ୍ଜନ ଭୋଇ ସାଧାରଣ ସମ୍ପାଦକ, ଜନକାମିଲ ଲାକ୍ରା କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ପଙ୍କଜ ଜୟପୁରିଆଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ,ସଞ୍ଜୟ ମହାନନ୍ଦଙ୍କୁ କମିଟି ମୁଖ୍ୟ, ଇଥିଏଲ କିଣ୍ଡୋ ଓ ସୋଉଲ ଲାକ୍ରାଙ୍କୁ କ୍ରୀଡା ମୁଖ୍ୟ,ଚତୁର୍ଭୁଜ ଜୟପୁରିଆଙ୍କୁ ମିଡ଼ିଆ ସମ୍ପାଦକ ଏବଂ ସଂଗଠନର ଉପଦେଷ୍ଟା ଭାବେ ମାୟାଧର କାଲୋ,ସଞ୍ଜୟ ବେହେରା, ରମେଶ ମେହେର,ଅରୁଣ ନାଏକ,ଶ୍ରଦ୍ଧାକର ଜୟପୁରିଆ,ସରୋଜ ଧୃରୁଆଙ୍କୁ ମନୋନୀତ କରାଯାଇଛି।

ଡାବୁଗାଁରେ ମା' ଗଜଲକ୍ଷ୍ମୀ ଭସାଣି ଉତ୍ସବ

ନବରଙ୍ଗପୁର, ୨।୧୧ (ନିପ୍ର): ଡାବୁଗାଁରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।ଗଜଲକ୍ଷ୍ମୀ ପୂଜା କମିଟି ଦ୍ୱାରା ଆୟୋଜିତ ବିରାଟ ମେଢ଼କୁ ବିରାଟ ପଟୁଆରରେ ବିସର୍ଜନ କରାଯାଇଛି। ଭସାଣି ଶୋଭାଯାତ୍ରାରେ ଡାବୁଗାଁ ମାଟି ଦୁଲୁକି ଉଠିଥିଲା। ନାଚ-ଗୀତ, ଆଦିବାସୀ ଲୋକନୃତ୍ୟ, ଆଧୁନିକ ସଙ୍ଗୀତ ଓ ଦାମି ଡିଜେ ସାଉଣ୍ଡର ତାଳେ ରେଲି ସାହି ସମେତ ଗ୍ରାମବାସୀ ଆନନ୍ଦ-ଉଲ୍ଲାସରେ ଝୁମିଥିଲେ। ବହୁ ଦୂରଦୂରାନ୍ତରୁ ଲୋକେ ଏହି ଭସାଣି ଦେଖିବାକୁ ଆସିଥିଲେ।ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

ଭଦ୍ରକ ବ୍ଲକ ରାଜନୀତିରେ ନୂଆ ମୋଡ଼

ସମର୍ଥକଙ୍କ ସହ ତାଲା ଖୋଲି କାର୍ଯ୍ୟାଳୟକୁ ପ୍ରବେଶ କଲେ ଅଧ୍ୟକ୍ଷା

ଭଦ୍ରକ, ୨।୧୧ (ନିପ୍ର):ଭଦ୍ରକ ବ୍ଲକ ରାଜନୀତିରେ ଦିନକୁ ଦିନ ନୂଆ ମୋଡ଼ ଦେଖିବାକୁ ମିଳୁଛି। ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ ନେଇ ଚାଲିଥିବା ରାଜନୈତିକ ବିବାଦ ଏବେ ପୁଣି ଚର୍ଚ୍ଚାକୁ ଆସିଛି। ନିଜ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତାଲା ଖୋଲିବା ପରେ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଛନ୍ତି ଅଧ୍ୟକ୍ଷା। ସୂଚନା ଅନୁଯାୟୀ, ଉର୍ମିଳା ନାୟକଙ୍କୁ ବିଜେପିରୁ ବହିଷ୍କାର କରିବା ଦାବିରେ ଦଳର ଏକ ଗୋଷ୍ଠୀ ପକ୍ଷରୁ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା।

ଏହି ଘଟଣାକୁ ନେଇ ବ୍ଲକ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା। ତେବେ ଅଧ୍ୟକ୍ଷା ନିଜ ସମର୍ଥକଙ୍କ ସହ ପହଞ୍ଚି ତାଲା ଖୋଲିବା ସହ କାର୍ଯ୍ୟାଳୟକୁ ପ୍ରବେଶ କରିବା ଘଟଣା ବିବାଦକୁ ନୂଆ ଦିଗ ଦେଇଛି। ଏହି ଘଟଣା ପରେ ଦଳୀୟ ନେତୃତ୍ୱ କି ପଦକ୍ଷେପ ନେବେ ଏବଂ ବିବାଦ କେଉଁ ଦିଗକୁ ଗତି କରିବ, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଅନ୍ୟପକ୍ଷରେ, ବ୍ଲକ କାର୍ଯ୍ୟାଳୟର ସ୍ୱାଭାବିକ କାର୍ଯ୍ୟକଳାପ ଯେପରି ବାଧାପ୍ରାପ୍ତ ନହୁଏ ଏବଂ ସାଧାରଣ ଲୋକଙ୍କୁ ସେବା ପାଇବାରେ ଅସୁବିଧା ନହୁଏ, ସେଥିପାଇଁ ପ୍ରଶାସନର ହସ୍ତକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ଭକ୍ତିମୟ ପରିବେଶରେ ମା' ଗଜଲକ୍ଷ୍ମୀଙ୍କୁ ମେଲାଣି

ହିଞ୍ଜିଳିକାଟୁ, ୨।୧୧ (ନିପ୍ର): ହିଞ୍ଜିଳିକାଟୁ ବ୍ଲକ ରାଳବ ଗ୍ରାମରେ ଯଭକ୍ତିମୟ ପରିବେଶରେ ମା' ଗଜଲକ୍ଷ୍ମୀ ମେଲାଣି ନେଇଛନ୍ତି। ଏହି ଅବସରରେ ଆଶ୍ୱିନ ଶୁକ୍ଳ ପୂର୍ଣ୍ଣିମା ଠାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଜଳ ଯାତ୍ରା, ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ, ଅନୁଜ୍ଞା ଗ୍ରହଣ, କର୍ମ ଆରମ୍ଭ, ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ, ଦେବୀଙ୍କ ଷୋଡ଼ଶ ଉପଚାର



ପୂଜା, ମହାସ୍ନାନ, ନିତ୍ୟ ପୂଜା, କ୍ଷୀରି, କାକରା ଭୋଗ, ଚଣ୍ଡୀ ପାଠ, ପାରାୟଣ, ହୋମ, ଅଷ୍ଟଲକ୍ଷ୍ମୀ ସେ ପୂଜା, ୧୦୦୮ ଦ୍ୱୀପ ପ୍ରଜ୍ୱଳନ, ମହାଲକ୍ଷ୍ମୀଙ୍କ ସହସ୍ରାର୍ଚ୍ଚନ, ଅନ୍ନ ପ୍ରସାଦ ସେବନ, ପୂର୍ଣ୍ଣାହୁତି, ଦେବୀଙ୍କ ନଗର ପରିକ୍ରମା ବୈଦିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ପ୍ରତ୍ୟହ ସକାଳ ଓ ସନ୍ଧ୍ୟା ସମୟରେ ଗ୍ରାମ ଓ ଆଖ ପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ସାମ୍ବାଦିକଙ୍କ ମାତୃ ବିୟୋଗ

ସୁବର୍ଣ୍ଣପୁର, ୨।୧୧ (ନିପ୍ର); ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମନୋରଞ୍ଜନ ତ୍ରିପାଠୀଙ୍କ ମାତା ବିଶାଖା ତ୍ରିପାଠୀ ଙ୍କ ୮୭ ବର୍ଷ ବୟସ ରେ ପରଲୋକ ଘଟିଛି । ଦୀର୍ଘ ୨୫ ବର୍ଷ ଧରି କ୍ଷମତା ରେ ଥିବା ସୋନପୁର ବ୍ଲକ ମୟୂରଉଡାନ ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା ସୋନପୁର ବ୍ଲକ ଉପାଧ୍ୟକ୍ଷ ସ୍ୱର୍ଗତ ଘାସିରାମ ତ୍ରିପାଠୀଙ୍କ ଧର୍ମପତ୍ନୀ ଭାବେ ପୁଣ୍ୟାତ୍ମା ବିଶାଖା ତ୍ରିପାଠୀ ସୋନପୁର ବ୍ଲକ ଓ ସୋନପୁର ସହର ରେ ବେଶ୍ ପରିଚିତ ଥିଲେ। ଗତ କାଲି ରାତିରେ ସୋନପୁର ଗ୍ରୀଡକୋ କଲୋନୀ ସ୍ଥିତ ତାଙ୍କ ବାସଭବନ ରେ ଶ୍ରୀମତି ତ୍ରିପାଠୀ ଙ୍କ ପରାଲୋକ ଘଟିଛି । ସ୍ୱର୍ଗୀୟା ତ୍ରିପାଠୀ ଜଣେ ସରଳ, ସଙ୍କୋଚ, ଧର୍ମ ପରାୟଣ , ମିଷ୍ଟଭାଷୀ ତଥା ପରୋପକାରୀ ମହିଳା ଭାବେ ସୋନପୁର ବ୍ଲକ ଅଞ୍ଚଳ ତଥା ସହରରେ ସେ ପରିଚିତ ଥିଲେ । ବଡ଼ ପୁଅ ନିରଞ୍ଜନ ତ୍ରିପାଠୀ, ମଝିଆ ପୁଅ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ, ଓକିଲ ଦେବ ରଞ୍ଜନ ତ୍ରିପାଠୀ, ସାନ ପୁଅ ଡାକ୍ତର ଚିତ୍ତ ରଞ୍ଜନ ତ୍ରିପାଠୀ, ଓକିଲ ନନ୍ଦ କିଶୋର ତ୍ରିପାଠୀ, ସ୍ୱାଧୀନ ତ୍ରିପାଠୀ, ପ୍ରଶାନ୍ତ ତ୍ରିପାଠୀ, ସାମ୍ବାଦିକ ରାଜ କିଶୋର ତ୍ରିପାଠୀ, ପ୍ରହଲ୍ଲାଦ ତ୍ରିପାଠୀ, ବ୍ୟବସାୟୀ ଆଲୋକ ତ୍ରିପାଠୀ, ଦୀପକ ତ୍ରିପାଠୀଙ୍କ ସମେତ ଶ୍ରୀମତୀ ତ୍ରିପାଠୀଙ୍କ ତିନି ପୁତ୍ର ବଧୂ, ତିନି ଝିଅ, ନାତି ନାତୁଣୀ, ତିନି ନଣନ୍ଦ, ଜ୍ୱାଇଁ ଶଙ୍କର ଦାଶ, ପ୍ରଦୀପ ଶତପଥୀ, ସୁରେଶ ପାଣିଗ୍ରାହୀ, ଭାଇ ହରିହର ଶତପଥୀ, ଆତ୍ମୀୟ ସ୍ୱଜନ ମର ଶରୀର ପାଖରେ ଉପସ୍ଥିତ ରହିଥିବା ବେଳେ ସୋନପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗୀୟା ତ୍ରିପାଠୀଙ୍କ ମର ଶରୀରକୁ ଅନ୍ତିମ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

ନର୍ଡା ଗ୍ରାମରେ କୁଚିଆ ମଦ ବିକ୍ରି ବିରୋଧକୁ ନେଇ ତାତିଲେ ମହିଳା

ତରଭା, ୨।୧୧ (ନିପ୍ର) ତରଭା ବ୍ଲକ ଅନ୍ତର୍ଗତ ନର୍ଡା ଗ୍ରାମରେ ବେଆଇନ କୁଚିଆ ମଦ ବ୍ୟାପକ ଭାବେ ବିକ୍ରି ହେଉଥିବା ଯୋଗୁଁ ନାହିଁ ନଥିବା ପରିସ୍ଥିତି ଉପୁଜୁଥିବା ବିରୋଧ ରେ ମହିଳା ମାନେ ତରଭା ଥାନାକୁ ଆସି ଦାବି ପତ୍ର ଦେଇଛନ୍ତି । ପ୍ରକାଶ ଥାଉ କି ଗତ କିଛି ଦିନ ତଳେ ଗ୍ରାମର ୱାର୍ଡ ମେମ୍ବର ପଦ୍ମା ନାଏକଙ୍କ ଅଧ୍ୟକ୍ଷତାରେ ଏକ ସଭାହୋଇ ଗ୍ରାମର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସହିତ ନିଜ ଗାଁ ରେ ବେଧଡକ ମଦ ବିକ୍ରି ଯୋଗୁଁ ଅଶାନ୍ତ ବାତାବରଣ ସୃଷ୍ଟି ହେଉଥିବା ବିଷୟରେ ବ୍ୟାପକ ଆଲୋଚନା ହୋଇ ଏହା ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାକୁ ପ୍ରସ୍ତାବ ହୋଇଥିଲା । ଏହାକୁ ଭିତ୍ତି କରି ପଚାଶ ରୁ ଉର୍ଦ୍ଧ ମହିଳା ଥାନାରେ ଲିଖିତ ଅଭିଯୋଗ କରି ଦାବିପତ୍ର ଥାନାଧିକାରୀଙ୍କୁ ଦେଇଥିଲେ।



ଏଥିରେ ସେବତୀ କୁଅଁର, ସବିତା ସାହୁ, ତପସ୍ୱିନୀ ସାହୁ, ଯଶୋବନ୍ତି ବାଘ, କମଳିନୀ ସାହୁ, ଅଞ୍ଜଳି ସାହୁ, ପୁଷ୍ପାଞ୍ଜଳି ମଲ୍ଲିକ, ଜ୍ୟୋତ୍ସ୍ନାମୟୀ ସାହୁ, ରତନୀ ରଣା, ଶିବାନୀ ଜଗଦଳା ପ୍ରମୁଖ ନେତୃତ୍ୱ ନେଇଥିଲେ।

କେନ୍ଦୁଝରରେ ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ 'ନୂଆଁଖାଇ ଭେଟ୍‌ଘାଟ୍'

କେନ୍ଦୁଝର, ୨।୧୧ (ନିପ୍ର); କେନ୍ଦୁଝରସ୍ଥିତ ଅଶୋକ ବାଟିକାଠାରେ ୨୦୨୬ ନଭେମ୍ବର ୧ ତାରିଖରେ ପଶ୍ଚିମଓଡ଼ିଶା ପରିବାର, କେନ୍ଦୁଝର ପକ୍ଷରୁ 'ନୂଆଁଖାଇ ଭେଟ୍‌ଘାଟ୍-୨୦୨୬' ଆୟୋଜିତ ହୋଇଥିଲା। ଏହି ଉତ୍ସବରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗରେ କାର୍ଯ୍ୟରତ ପଶ୍ଚିମ ଓଡ଼ିଶାର କର୍ମଚାରୀମାନଙ୍କ ପରିବାରର ପ୍ରାୟ ୧୭୦ ଜଣ ସଦସ୍ୟ ଯୋଗଦାନ କରିଥିଲେ।ଏହି ଭେଟ୍‌ଘାଟ୍ ଉତ୍ସବର ଆରମ୍ଭ ମାଆ ସମଲେଇ, ମାଆ ସୁରେଶ୍ୱରୀ, ମାଆ ପାଟଣେଶ୍ୱରୀ, ମାଆ ମାଣିକେଶ୍ୱରୀ ଓ ମାଆ ତାରିଣୀଙ୍କ ପୂଜାର୍ଚ୍ଚନାରୁ ହୋଇଥିଲା। ଉତ୍ସବରେ ପଶ୍ଚିମ ଓଡ଼ିଶାର ଗୌରବମୟ ଲୋକସଂସ୍କୃତି ଓ ପରମ୍ପରାର ମନୋରମ ପ୍ରତିଫଳନ ଦେଖିବାକୁ ମିଳିଥିଲା। ବିଭିନ୍ନ କଳାକାର ଓ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷକରି ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକମାନଙ୍କ ମନ ମୋହିଥିଲା।କଳାକାରମାନଙ୍କ ଚିତ୍ତାକର୍ଷକ ପରିବେଷଣ ଉତ୍ସବରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ପରିବେଷିତ ମଧ୍ୟାହ୍ନ ଭୋଜନରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟର ସ୍ୱତନ୍ତ୍ର ସ୍ୱାଦ ରହିଥିଲା। ଭୋଜନରେ ପାରମ୍ପରିକ 'ଲେଥା' ଓ 'ଆରିସା ପିଠା' ଭଳି ସୁସ୍ୱାଦୁ ବ୍ୟଞ୍ଜନ ସ୍ଥାନ ପାଇଥିଲା।ଏହି ପାରମ୍ପରିକ ଖାଦ୍ୟଗୁଡ଼ିକ ଉପସ୍ଥିତ ସମସ୍ତଙ୍କୁ ନିଜ ମାଟିର ସ୍ମୃତି ଓ ସ୍ୱାଦ ସହିତ ଯୋଡ଼ି ରଖିଥିଲା। ଏହି ଭେଟ୍‌ଘାଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପଶ୍ଚିମ ଓଡ଼ିଶାର ମହାନ ସଂସ୍କୃତି, ପରମ୍ପରା ଓ ମାତୃଭାଷାକୁ ସ୍ମରଣ କରିବା ସହ ତାହାର ସୁରକ୍ଷା ଓ ପ୍ରସାର କରିବା। ଏଥିସହ ନିଜ ଜନ୍ମମାଟିର ଐତିହ୍ୟ ଓ ସାଂସ୍କୃତିକ ପରିଚୟକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବା ମଧ୍ୟ ଏହି ଆୟୋଜନର ଅନ୍ୟତମ ଲକ୍ଷ୍ୟ ଥିଲା।

ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ପ୍ରକୃଷ୍ଟ ମଞ୍ଚ

ତରଭା, ୨।୧୧ (ନିପ୍ର): ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ପ୍ରକୃଷ୍ଟ ମଞ୍ଚ। ଶିକ୍ଷା ପ୍ରଶାସନ,ଶିକ୍ଷକଶିକ୍ଷୟିତ୍ରୀ ତଥା ପିତାମାତାଙ୍କର ସହଯୋଗରେ ହିଁ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ହୋଇପାରିବ ବୋଲି ପିଏମ ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ତରଭାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅତିଥିଗଣ ମତବ୍ୟକ୍ତ କରିଥିଲେ। ପିଏମଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ତରଭାଠାରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସୋନପୁର ଜିଲ୍ଲା ଶିକ୍ଷା ଅଧିକାରୀ ଉଦଘାଟନୀ ସମାରୋହରେ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ଣ୍ଣ, ସମ୍ମାନିତ ଅତିଥିଭାବେ ତରଭା ଗୋଷ୍ଠୀ ଅଧିକାରୀ ଶିବାନନ୍ଦ କର୍ମୀ, ତରଭା ଆଞ୍ଚଳିକ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ବନ୍ଦିତା ନାୟକ,ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରାଧେଶ୍ୟାମ କୁଅଁର ଏବଂ ପିଏମଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ,ତରଭାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୂରଜ କୁମାର ସେଠୀ ପ୍ରମୁଖ ଯୋଗଦାନ କରିଥିଲେ।କଳା ଶିକ୍ଷୟିତ୍ରୀ ପ୍ରିୟଙ୍କା ରଥ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ ଓ ସି ଆର ସି ସି ସଞ୍ଜୀବ ସେଠି ଧନ୍ୟବାଦ ଅର୍ପଣ



କରିଥିଲେ। ଏହି ଅବସରରେ ଅନୁଷ୍ଠିତ କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ତର୍କ, କୁଇଜ୍, ସଙ୍ଗୀତ,ଚିତ୍ରାଙ୍କନ, ମଧ୍ୟାହ୍ନ ଭୋଜନ ଚିତ୍ରକଳା ଓ ଶିଳ୍ପକଳା ଆଦି ପ୍ରତିଯୋଗିତାମାନ ଆୟୋଜନ ହୋଇଥିଲା।ସମସ୍ତ ଷୋହଳଟି କ୍ଲଷ୍ଟରର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।ଉଦଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରାଧେଶ୍ୟାମ କୁଅଁରଙ୍କ ସଭାପତିତ୍ୱରେ ସାଂସଦଙ୍କ ତରଭା ବ୍ଲକ୍ ପ୍ରତିନିଧି ବିମଳ ମିଶ୍ର ମୁଖ୍ୟ ଅତିଥି,ସମ୍ମାନିତ ଅତିଥି ଭାବେ ତରଭା ଥାନା ଅଧିକାରୀ ତୋଳାମଣି ନାଏକ, ଅତିରିକ୍ତ ତହସିଲଦାର ସେଲିନା ପ୍ରିୟଦର୍ଶନୀ ନାଏକ, ବାଳକ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଜ ସେଠି ଯୋଗଦାନ କରିଥିଲେ। ଅତିଥିଗଣ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ବ୍ରଜମୋହନ ସାହୁ ଓ ଦେବେନ୍ଦ୍ର କୁମାର ଝାଙ୍କର ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଏନ୍‌ଏସ୍‌ଏସ୍ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ସଚେତନତା

ନିରାକାରପୁର, ୨।୧୧ (ନିପ୍ର): ଖୋର୍ଦ୍ଧା ଜିଲ୍ଲା କମାଗୁରୁ 'ପ୍ରକୃତି ବିହାର' ପରିସରରେ ଅବସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ବିପର୍ଯ୍ୟୟ ପରିଚାଳନା ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ ଡ଼. ରେଣୁବାଳା ସାମନ୍ତରାୟ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରାକୃତିକ ତଥା ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ କିପରି ସତର୍କତା ଅବଲମ୍ବନ କରାଯିବ ଏବଂ ଧୈର୍ଯ୍ୟର ସହିତ ସ୍ଥିତିର ମୁକାବିଲା କରିହେବ, ସେ ସମ୍ପର୍କରେ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି ସଚେତନତା ଶିବିରରେ ଇକୋ କ୍ଲବ୍ ଅଧିକାରୀ ତଥା ଅଧ୍ୟାପକ ଅଭିରାମ ପଣ୍ଡା, ଯୁଥ୍ ରେଡ୍ କ୍ରସ୍ କାଉନସିଲର ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା ଏବଂ ରୋଭର୍ ଲିଡର୍ ଅଧ୍ୟାପକ ଆଦିକନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମାଜସେବା ତଥା ଜରୁରୀକାଳୀନ ପରିସ୍ଥିତିରେ ଆଗେଇ ଆସିବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ପରିଶେଷରେ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ବିଶ୍ୱଜିତ ପଟ୍ଟନାୟକ ଉପସ୍ଥିତ ସମସ୍ତ ଅଧ୍ୟାପକ, କର୍ମଚାରୀ ତଥା ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଚୁଡୁଙ୍ଗପୁର ଗ୍ରାମବାସୀ ମୌଳିକ ସମସ୍ୟାର ସମାଧାନ ପାଇଁ ବିଧାୟକଙ୍କୁ ଦାବି

କାଶୀନଗର, ୨।୧୧ (ନିପ୍ର); କାଶୀନଗର ବ୍ଲକ ଅନ୍ତର୍ଗତ ଚୁଡୁଙ୍ଗପୁର ଗ୍ରାମର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଗ୍ରାମବାସୀ ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀଙ୍କ



କାର୍ଯ୍ୟାଳୟରେ ପହଞ୍ଚି ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଚୁଡୁଙ୍ଗପୁର ଗ୍ରାମରେ ଦୀର୍ଘଦିନ ଧରି ରହିଥିବା ଡ୍ରେନ୍ ନିର୍ମାଣ, ଏକ ଗୋଷ୍ଠୀଗୃହ ନିର୍ମାଣ ଏବଂ ବିଭିନ୍ନ ଅନ୍ଧାରୁଆ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା କରିବା ନେଇ ସେମାନେ ବିଧାୟକଙ୍କ ନିକଟରେ ଦାବି ଜଣାଇଥିଲେ। ଗ୍ରାମାଞ୍ଚଳର ବିକାଶ ସହ ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉକ୍ତ କାର୍ଯ୍ୟଗୁଡ଼ିକର ତୁରନ୍ତ ଆବଶ୍ୟକତା ରହିଥିବା ଗ୍ରାମବାସୀମାନେ ମତ ପ୍ରକାଶ କରିଥିଲେ। ଏଥିସହ ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ଆବଶ୍ୟକୀୟ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବାକୁ ବିଧାୟକଙ୍କୁ ଦାବି କରିଥିଲେ। ଚୁଡ଼ାଙ୍ଗପୁର ଗ୍ରାମବାସୀଙ୍କ ସହ ବିଜେଡି ଦଳର ପ୍ରମୁଖ ସଦସ୍ୟଙ୍କ ସହ ଖାରଡ଼ା ସରପଞ୍ଚ ଅଖିଳ ପାତ୍ର, ଖଣ୍ଡାବା ସମିତି ସଭ୍ୟ ଜଗନ୍ନାଥ ଦୋରା ଉପସ୍ଥିତ ଥିଲେ। ବିଧାୟକଙ୍କ ନିକଟରେ ନିଜ ଅଞ୍ଚଳର ସମସ୍ୟା ଓ ଦାବି ଉପସ୍ଥାପନ କରିବା ପରେ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ ଶୀଘ୍ର ଆଗେଇବ ବୋଲି ଚୁଡୁଙ୍ଗପୁର ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି।

ଗୋଲାମୁଣ୍ଡାରେ ୭୭ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ

ଗୋଲାମୁଣ୍ଡା, ୨।୧୧(ନିପ୍ର);କଳାହାଣ୍ଡି ଜିଲ୍ଲାର ୭୭ତମ ଗଠନ ଦିବସ ଅବସରରେ ଗୋଲାମୁଣ୍ଡାଠାରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଯାଇଛି। ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁରା ମହାନନ୍ଦଙ୍କ ଦ୍ୱାରା ଏହି ଦିବସର ଆୟୋଜନ କରାଯାଇଥିଲା।ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଚନ୍ଦନ କୁମାର ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଇଓ ରାଜେଶ କୁମାର ନାୟକ, ସହକାରୀ ବ୍ଲକ୍ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକ , ବରିଷ୍ଠ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗଟିଆ ସୁଭାଷ ଚନ୍ଦ୍ର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ବୃଷଭ ନାଏକ, ଗଙ୍ଗାଧର ରାଉତ ,କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରଶନ ରାଉତ ଏବଂ ଅଧ୍ୟାପକ ପ୍ରଦୀପ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ।

ସରକାରୀ ଉଚ୍ଚ ବିଦ୍ୟାଳୟ ଜାଗାରେ 'ଜଟଣୀ ବାଣ ବଜାର'!

ଜଟଣୀ, ୨।୧୧ (ନିପ୍ର) : ଯେଉଁ ସ୍ଥାନରେ ପିଲାମାନେ ପାଠ ପଢ଼ି ଖେଳିବା କଥା, ସେହି ମାଟିରେ ଯାତ୍ରା ପାର୍ଟି ପରେ ଏବେ ବାରୁଦର ବାସ୍ନା । ଯେଉଁ ପଡ଼ିଆରେ ଛାତ୍ରମାନେ ଖେଳିବା କଥା, ସେଠାରେ ଏବେ ବାଣ ଦୋକାନର ଧାଡ଼ି। ଜଟଣୀର ଐତିହ୍ୟ ଶିକ୍ଷାନୁଷ୍ଠାନ ପ୍ରାଣନାଥ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର ଏବେ ପାଲଟି ଯାଇଛି 'ଜଟଣୀ ବାଣ ବଜାର'। ଏହାକୁ ନେଇ ସହରରେ ତୀବ୍ର ଅସନ୍ତୋଷ ଓ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଦ୍ୟାଳୟ ପରିସରରେ ବାଣ ବଜାର ପାଇଁ ଅନୁମତି ଦେଉଛି କିଏ ସରକାରୀ ନିୟମ ଅନୁସାରେ ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ଜନବହୁଳ ଅଞ୍ଚଳ ନିକଟରେ ବାଣ ବିକ୍ରି ଓ ଗଚ୍ଛିତ ରଖିବା ମନା । ବିସ୍ଫୋରକ ଆଇନ ଓ ଅଗ୍ନିଶମ ନିୟମ ଅନୁସାରେ ବାଣ ବଜାର ପାଇଁ ଖୋଲା ପଡ଼ିଆ, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଦୂରତା ଓ ଲାଇସେନ୍ସ ବାଧ୍ୟତାମୂଳକ । କିନ୍ତୁ ଜଟଣୀରେ ସବୁ ନିୟମ ଯେମିତି କାଗଜରେ ହିଁ ରହିଥିବା ବର୍ଷ ବର୍ଷ ଧରି ଦେଖିବାକୁ ମିଳୁଛି । ବାଣ ବଜାରର ଚାରି ପାଖରେ ରହିଛି ସରକାରୀ ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ,ଜଟଣୀ ମହାବିଦ୍ୟାଳୟ, ସେଞ୍ଚୁରିଅନ୍ ମହାବିଦ୍ୟାଳୟ ଏବଂ ଘନ ଜନବସତି ଅଞ୍ଚଳ। ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ଗୋଟିଏ ଛୋଟ ନିଆଁ କଣିକା ହିଁ ଯଥେଷ୍ଟ ବଡ଼ ଦୁର୍ଘଟଣା ପାଇଁ । ତଥାପି ବାଣ ବଜାର ପାଇଁ ଅନୁମତି ମିଳିଲା କେମିତି ? କେଉଁ ଆଧାରରେ ମିଳିଲା ? ଏହାକୁ ନେଇ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି ।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ଏହି ବାଣ ବଜାର ପଛରେ ଏକ ବଡ଼ ମଧୁଚକ୍ର ଚାଲିଛି । ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦଳର ରାଜନେତା, କୁଜି ନେତା, ପୋଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଲାଭବାନ ହେଉଥିବା ଚର୍ଚ୍ଚା ହେଉଛି ।



ଯେଉଁମାନେ ନିୟମ ଲାଗୁ କରିବା କଥା, ସେମାନେ ହିଁ ଆଖି ବୁଜି ଦେଇଛନ୍ତି ବୋଲି ଲୋକେ କହୁଛନ୍ତି ।ସାଧାରଣ ଲୋକ କିନ୍ତୁ ଅସୁବିଧାରେ । ଦିନରାତି ବାଣ ଫୁଟିବାର ଶବ୍ଦ, ଧୂଆଁ, ଟ୍ରାଫିକ୍ ଜାମ୍, ପିଲାମାନଙ୍କ ପାଠପଢ଼ାରେ ବାଧା, ବୃଦ୍ଧ ଓ ରୋଗୀଙ୍କ ଅସୁବିଧା – ସବୁ ସହିବାକୁ ପଡୁଛି ସାଧାରଣ ଜନତାଙ୍କୁ । ଦୁର୍ଘଟଣା ଘଟିଲେ ଦାୟୀ କିଏ ? ଏହା ହିଁ ସବୁଠାରୁ ବଡ଼ ପ୍ରଶ୍ନ । ଯଦି କୌଣସି ବଡ଼ ଧରଣର ଅଗ୍ନିକାଣ୍ଡ ବା ବିସ୍ଫୋରଣ ଘଟି ଜନଜୀବନ ହାନି ହୁଏ, ତେବେ ଦାୟୀ କିଏ ରହିବ ? ଅନୁମତି ଦେଇଥିବା ଅଧିକାରୀ ? ନୋ-ଅବଜେକ୍ସନ ଦେଇଥିବା ବିଭାଗ ? ନା ବିଦ୍ୟାଳୟ ପରିସର ବ୍ୟବହାର କରିବାକୁ ଦେଇଥିବା କର୍ତ୍ତୃପକ୍ଷ ? ସେଥିପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଦାବି କରିଛନ୍ତି ବିଦ୍ୟାଳୟକୁ ଲାଗିକରି କେଉଁ ଆଧାରରେ ଏହିଭଳି ସବୁ ଲାଭଜନକ ବ୍ୟବସାୟ ପାଇଁ ଅନୁମତି ଦିଆଯାଉଛି , ତାହା ସାର୍ବଜନୀନ କରାଯାଉ। ଅତଏବ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

CMYK

ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲା
ତଦନ୍ତ ତଦାରଖରୁ ଓହରିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨।୧୧ : ଅଯୋଧ୍ୟାର ରାମ ମନ୍ଦିରକୁ ଆସିଥିବା ଦାନ ଅର୍ଥ ଚୋରି ଅଭିଯୋଗ ମାମଲାରେ ତଦନ୍ତ ଉପରେ ତଦାରଖ ବନ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଥିବା ସୂଚନା ମିଳିବା ପରେ ସୋମବାର ଏହି ନିଷ୍ପତ୍ତି ନେଇଛନ୍ତି ସର୍ବୋଚ୍ଚ ଅଦାଲତ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଆଇନ ଅନୁଯାୟୀ ମାମଲା ଆଗକୁ ବଢ଼ାଇବାକୁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କୌଣସି ପକ୍ଷଙ୍କୁ ପକ୍ଷପାତ କରିବା ଉଚିତ୍ ନୁହେଁ କାରଣ ଏହା ଅଭିଯୋଗର ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିନାହିଁ।

ଦିନକରେ ମୁକେଶଙ୍କ ସମ୍ପତ୍ତି ୮୦,୭୦୦ କୋଟି ବଢ଼ିଲା

ନୂଆଦିଲ୍ଲୀ, ୨।୧୦ : ଦୀପାବଳି ପୂର୍ବରୁ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପାଇଁ ଖୁସି ଖବର। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସେୟାର ମୂଲ୍ୟରେ ବଡ଼ଧରଣର ବୃଦ୍ଧି ଯୋଗୁଁ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତି ପ୍ରାୟ ୮.୫ ବିଲିଅନ ଡଲାର (୮୦,୭୦୦ କୋଟି ଟଙ୍କା) ବଢ଼ିଛି। ଫୋର୍ବସର ରିଅଲ୍ ଟାଇମ୍ ବିଲିୟନେୟାର ତାଲିକା ଅନୁଯାୟୀ, ଏହି ବୃଦ୍ଧି ପରେ ମୁକେଶଙ୍କ ମୋଟ ସମ୍ପତ୍ତି ୮୮.୮ ବିଲିୟନ ଡଲାର (୮.୪୩ ଲକ୍ଷ କୋଟି ଟଙ୍କା)ରେ ପହଞ୍ଚିଛି। ଏଥିସହ ସେ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ୨୩ତମ ସ୍ଥାନକୁ ଉଠିଛନ୍ତି। ଗୋଟିଏ ଦିନରେ ତାଙ୍କ ସମ୍ପତ୍ତିରେ ୧୦.୬% ବୃଦ୍ଧି ହୋଇଛି। ସୋମବାର ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସେୟାର ମୂଲ୍ୟରେ ୭.୫%ରୁ ଅଧିକ ବୃଦ୍ଧି ହୋଇଥିଲା। ଏହା ଗତ ୬ ବର୍ଷରୁ ଅଧିକ ସମୟ ମଧ୍ୟରେ ଗୋଟିଏ ଦିନର ସବୁଠାରୁ ବଡ଼ ବୃଦ୍ଧି। କମ୍ପାନିର ଭଲ ତ୍ରୈମାସିକ ଆର୍ଥିକ ଫଳାଫଳ ଯୋଗୁଁ ନିବେଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିଲା। ଏହାର ପ୍ରଭାବରେ କମ୍ପାନିର ବଜାର ପୁଞ୍ଜି ମୂଲ୍ୟ ମଧ୍ୟ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ବଢ଼ିଥିଲା। ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ରିଲାଏନ୍ସର ନିଟ୍ ଲାଭ ୪୧% ବଢ଼ି ୨୫,୫୪୮ କୋଟି ଟଙ୍କା ହୋଇଛି। ସେହିପରି କମ୍ପାନିର ରାଜସ୍ୱ ୨୯% ବୃଦ୍ଧି ପାଇ ୩.୩୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ତୈଳ ବିଶୋଧନ, ପେଟ୍ରୋରସାୟନ ଓ ଟେଲିକମ୍ ବ୍ୟବସାୟର ଭଲ ପ୍ରଦର୍ଶନ କମ୍ପାନିର ଲାଭ ବୃଦ୍ଧିରେ ସହାୟକ ହୋଇଥିଲା।

ଅନୁପ୍ରବେଶକାରୀଙ୍କ ସୁରକ୍ଷା ପାଇଁ 'ଭୋଟ ଚୋରି'ର ମିଥ୍ୟା ନାଟକ କରୁଛି କଂଗ୍ରେସ: ଧର୍ମେନ୍ଦ୍ର

ଫରିଦାବାଦ, ୨।୧୧ : ଦେଶର ଜନସାଧାରଣ ଲଗାତାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଜଭୁତ ନେତୃତ୍ୱ ଉପରେ ନିଜର ଆସ୍ଥା ପ୍ରକଟ କରିଛନ୍ତି। ଜନାଦେଶର ଏହି ନିରନ୍ତର ସମର୍ଥନକୁ କଂଗ୍ରେସ ସହ୍ୟ କରିପାରୁ ନାହିଁ। ନିଜର ରାଜନୈତିକ ବିଫଳତା ଓ କ୍ରମାଗତ ପରାଜୟର ଫଳାଫଳକୁ ସ୍ୱୀକାର କରିବା ପରିବର୍ତ୍ତେ କଂଗ୍ରେସ ଦଳ ଏବେ ନିର୍ବାଚନ ଆୟୋଗ ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ଆରୋପ ଲଦିବାରେ ବ୍ୟସ୍ତ ଅଛି ବୋଲି କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ହରିୟାଣାର ଫରିଦାବାଦ ଠାରେ ଆୟୋଜିତ 'ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ପଦଯାତ୍ରାରେ ସାମିଲ ହେବା ଅବସରରେ ଶ୍ରୀ ପ୍ରଧାନ କଂଗ୍ରେସର ଅରାଜକତା ଏବଂ ଦୋମୁହାଁ ନୀତିକୁ କଡ଼ା ସମାଲୋଚନା କରିଛନ୍ତି।

ସ୍ୱାମୀଙ୍କୁ ପିଠିରେ ବୋହିବୋହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ପତ୍ନୀ

ବୁରହାନପୁର, ୨।୧୧ : ମଧ୍ୟପ୍ରଦେଶର ବୁରହାନପୁରରୁ ଦୁଇ ଦିନ ପୂର୍ବରୁ ଏକ ହୃଦୟ ବିଦାରକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଭିଡିଓରେ ବିନ୍ଦୁବାଇ ନାମକ ଜଣେ ମହିଳା ନିଜର ଦିବ୍ୟାଙ୍ଗ ସ୍ୱାମୀଙ୍କୁ ପିଠିରେ ବୋହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପହଞ୍ଚି ମହିଳା ଜଣକ ସ୍ୱାମୀଙ୍କ ପାଇଁ ଏକ ତିନିଚକିଆ ସାଇକେଲ ଏବଂ ଭତ୍ତା ଦାବି କରିଥିଲେ। ବିନ୍ଦୁବାଇଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା। ସେ ନିଜ ସ୍ୱାମୀଙ୍କୁ ପିଠିରେ ବୋହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ତାଙ୍କ ସ୍ୱାମୀ ସରକାରୀ ଯୋଜନାର କୌଣସି ସୁବିଧା ପାଉ ନଥିଲେ। ଏହି ଘଟଣା ପରେ ସରକାରୀ ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା।

ମାତ୍ର ୧୨ ବର୍ଷ ବୟସରେ ବନ୍ୟଜନ୍ତୁ ସୁରକ୍ଷା ଅଭିଯାନ ଆରମ୍ଭ କଲେ ବିଦେଶୀ ବାଳକ



ଲଣ୍ଡନ, ୨।୧୧ : ୧୨ ବର୍ଷ ବୟସରେ ସାଧାରଣତଃ ପିଲାମାନେ ନିଜ ଆଖପାଖର ପରିବେଶକୁ ବୁଝିବା ଆରମ୍ଭ କରନ୍ତି। ସାଙ୍ଗସାଥୀ ତିଆରି କରନ୍ତି, ଖେଳିବାର ନୂଆ ଉପାୟ ଖୋଜନ୍ତି ଏବଂ ଘର, ପରିବାର ଓ ସ୍କୁଲରେ ହେଉଥିବା ପରିବର୍ତ୍ତନ ସହ ନିଜକୁ ଖାପ ଖୁଆଇବା ଶିଖନ୍ତି। କିନ୍ତୁ ବ୍ରିଟେନର ଜଣେ ୧୨ ବର୍ଷୀୟ ବାଳକ ମଣିଷଙ୍କ ଦୁନିଆଠାରୁ ଅଲଗା ବନ୍ୟଜନ୍ତୁଙ୍କ ଜୀବନ ଓ ସେମାନଙ୍କ ଆଚରଣକୁ ଭଲ ଭାବେ ବୁଝିବା ସହ ସେମାନଙ୍କ ସୁରକ୍ଷା ପାଇଁ କାମ କରୁଛନ୍ତି। ଏହି ବାଳକ ହେଉଛନ୍ତି ବ୍ରିଟେନର କ୍ୟାମ୍ବରୱେଲରେ ରହୁଥିବା ଲିଓ ସୋର୍ଡେଲୋ-ସାଓ୍ୱାଲା। ସେ ନିଜେ ଏକ ବନ୍ୟଜନ୍ତୁ ସଂରକ୍ଷଣ ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଗତ ଅକ୍ଟୋବର ୨୯ ତାରିଖରେ ୱେଷ୍ଟମିନିଷ୍ଟର ପ୍ୟାଲେସରେ ଲିଓଙ୍କୁ 'BCyA MEDAL OF HONOR' ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଅନ୍ୟ ଯୁବ ପ୍ରତିଭାମାନେ ମଧ୍ୟ ଉପସ୍ଥିତ ଥିଲେ। ଦକ୍ଷିଣ ଲଣ୍ଡନର କ୍ୟାମ୍ବରୱେଲରେ ରହୁଥିବା ଏହି ୧୨ ବର୍ଷୀୟ ବାଳକ ନିଜ ପିଲାଦିନର ଏକ ବଡ଼ ଅଂଶ ସମାଜରେ ପରିବର୍ତ୍ତନ ଆଣିବା ଉଦ୍ୟମରେ ବିତାଇଛନ୍ତି। ବିଲୁପ୍ତପ୍ରାୟ ପ୍ରଜାତିଙ୍କ ଉପରେ ଭିଡିଓ ତିଆରି କରିବା, ସ୍କୁଲରେ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ କରିବା ଏବଂ ପ୍ରକୃତିକୁ ପୁଣି ତାହାର ମୂଳ ଜଙ୍ଗଲୀ ରୂପକୁ ଫେରାଇ ଆଣିବା ପ୍ରକଳ୍ପକୁ ସମର୍ଥନ କରିବା ତାଙ୍କ କାର୍ଯ୍ୟର ଅଂଶ। ଏହି କାମ ପାଇଁ ଲିଓଙ୍କୁ ଜାତୀୟ ସ୍ତରରେ ପରିଚୟ ମିଳିଛି। ବ୍ରିଟେନର ଅନ୍ୟତମ ପ୍ରସିଦ୍ଧ ପ୍ରକୃତିବିତ୍ ସାର୍ ଡେଭିଡ୍ ଆଟେନବରୋଙ୍କଠାରୁ ମଧ୍ୟ ତାଙ୍କୁ ବିଶେଷ ସମର୍ଥନ ମିଳିଛି।

ଦିଲ୍ଲୀ-ଏନସିଆର୍‌ରେ ସବୁଜ ବାଣ ଫୁଟାଇବାକୁ ସୁପ୍ରିମକୋର୍ଟଙ୍କ ଅନୁମତି



ନୂଆଦିଲ୍ଲୀ, ୨।୧୧ : ଦିଲ୍ଲୀ-ଏନସିଆରରେ ଦୀପାବଳିରେ ଅପେକ୍ଷାକୃତ କମ୍ ପ୍ରଦୂଷଣ କରୁଥିବା ସବୁଜ ବାଣ ଫୁଟାଇବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ଦିଲ୍ଲୀ-ଏନ୍‌ସିଆରରେ ଦୀପାବଳି ସମୟରେ ଦୁଇ ଦିନ ପାଇଁ ସବୁଜ ବାଣ ଫୁଟାଇବାକୁ ପାଇଁ ଅନୁମତି ପ୍ରଦାନ କରିଛନ୍ତି ଓ ଏଥିପାଇଁ ସମୟ ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ନଭେମ୍ବର ୭ ଓ ୮ତାରିଖ ସକାଳ ୬ଟାରୁ ୭ଟା ଘଣ୍ଟାଏ ପାଇଁ ଓ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇ ପାରିବେ। ୯ ତାରିଖରେ ପୁନର୍ବାର ବାଣ ଫୁଟାଇବା ଉପରେ ପ୍ରତିବନ୍ଧକ ଲାଗୁ ହେବ। ସୁପ୍ରିମକୋର୍ଟ 'ସାଇଲେନ୍ସ ଜୋନ୍' ଅଞ୍ଚଳ ବାଣ ନ ଫୁଟାଇବାକୁ ମଧ୍ୟ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ସ୍କୁଲ, କଲେଜ, ହସ୍ପିଟାଲ ଓ ବୃଦ୍ଧାଶ୍ରମ ପରି ଅଞ୍ଚଳଗୁଡ଼ିକ ଚାରିପାଖକୁ 'ସାଇଲେନ୍ସ ଜୋନ୍' ଘୋଷଣା କରିଛନ୍ତି। ଏହି ଅଞ୍ଚଳଗୁଡ଼ିକର ୩୦୦ ମିଟର ପରିଧି ମଧ୍ୟରେ କୌଣସି ପ୍ରକାରର ବାଣ ଫୁଟାଇବାକୁ ଅନୁମତି ଦିଆଯାଇ ନାହିଁ। ଏହି ଅଞ୍ଚଳଗୁଡ଼ିକୁ 'ନୋ-କ୍ରାକର ଜୋନ୍' ଘୋଷଣା କରାଯାଇଛି। କୋର୍ଟ କର୍ତ୍ତୃପକ୍ଷଙ୍କୁ ଏହି ଅଞ୍ଚଳକୁ ଚିହ୍ନିତ କରିବାକୁ ଓ 'ନୋ-କ୍ରାକର ଜୋନ୍' ବିଷୟରେ ସୂଚନା ସାର୍ବଜନୀନ ଭାବରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅସୁସ୍ଥ ବ୍ୟକ୍ତିମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବା ଉଚିତ୍ ନୁହେଁ ବୋଲି କହିବା ସହିତ କୋର୍ଟ ତାଙ୍କ ଆଦେଶରେ କର୍ତ୍ତୃପକ୍ଷଙ୍କୁ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଦୀପାବଳି ପୂର୍ବରୁ ନିଶ୍ୱାସ ନେବା ହେଲା ମୁସକିଲ୍; ଏକ୍ୟୁଆଇ ୩୫୦

ନୂଆଦିଲ୍ଲୀ, ୨/୧୧ : ଦୀପାବଳି ପୂର୍ବରୁ ଦିଲ୍ଲୀର ପବନ ଶ୍ୱାସରୁଦ୍ଧ ହୋଇଯାଇଛି। ଆଜି ସକାଳେ ରାଜଧାନୀର ଅନେକ ଅଞ୍ଚଳରେ ବାୟୁ ଅବସ୍ଥା ଅତ୍ୟନ୍ତ ଖରାପ ହୋଇଛି । ଏଥି ସହିତ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ମଧ୍ୟ ୩୫୦ ପାଖାପାଖି ପହଞ୍ଚିଛି । ସକାଳ ୭ଟା ପୂର୍ବରୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, ଅକ୍ଷରଧାମ ମନ୍ଦିର ଏବଂ ଆଇଟିଓ ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୪୯ ରେକର୍ଡ କରାଯାଇଛି । ସେହି ସମୟରେ ଇଣ୍ଡିଆ ଗେଟ୍ ଏବଂ ଜନପଥ ଆଖପାଖ ଅଞ୍ଚଳରେ ଏକ୍ୟୁଆଇ ୩୩୫ ଥିଲା । ଦିଲ୍ଲୀ-ଏନସିଆରରେ ପ୍ରଦୂଷଣର ମୁକାବିଲା ପାଇଁ ନଭେମ୍ବର ୧ରୁ ନୂତନ ପ୍ରତିବନ୍ଧକ ଲାଗୁ ହୋଇଛି। ତେବେ କଟକଣାର ପ୍ରଥମ ଦିନରେ ରବିବାର ଦିନ ବାୟୁର ଗୁଣବତ୍ତା ଖରାପ ବର୍ଗକୁ ଖସିଯାଇଥିଲା । ଦୀପାବଳି ପୂର୍ବରୁ ଯଦି ଏଭଳି ସ୍ଥିତି ଉପୁଜିଛି ତେବେ ଏହାପରେ ସ୍ଥିତି ଆହୁରି ସାଙ୍ଘାତିକ ହୋଇପାରେ । ୫୦% କାମ ଘରୁ, ପୁରୁଣା ଗାଡ଼ି ଉପରେ କଟକଣା- ବାୟୁ ପ୍ରଦୂଷଣ ରୋକିବା ଲାଗି ଦିଲ୍ଲୀ-ଏନସିଆରରେ ନଭେମ୍ବର ୧ ବା ଗତକାଲିଠାରୁ ନୂଆ କଟକଣା ଲାଗୁ ହୋଇଛି । ଏବେ ଦିଲ୍ଲୀ ବାହାରେ ପଞ୍ଜୀକୃତ ବିଏସ୍-୪ରୁ କମ୍ ମାନକର ଗାଡ଼ି ଜାତୀୟ ରାଜଧାନୀରେ ଚାଲିପାରିବ ନାହିଁ। ଏଥିସହିତ ସରକାରୀ ଏବଂ ଘରୋଇ ଅଫିସ୍ ଗୁଡ଼ିକରେ ୫୦ ପ୍ରତିଶତ କର୍ମଚାରୀ ଘରୁ କାମ କରିବେ । ପବ୍ଲିକ୍ ପାର୍କିଂରେ ଗାଡି ଛିଡା କରିବା ଫିକୁ ୨ଗୁଣା ବଢାଯାଇଛି ।

ମହାଦେବ ବେଟିଂ ଆପ୍ ମାମଲା
ସିବିଆଇ ହେପାଜତରେ ମୁଖ୍ୟ ଅଭିଯୁକ୍ତ

ନୂଆଦିଲ୍ଲୀ, ୨।୧୧ : ବହୁ କୋଟି ଟଙ୍କାର ମହାଦେବ ଅନଲାଇନ୍ ବେଟିଂ ଆପ୍ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସୌରଭ ଚନ୍ଦ୍ରାକରଙ୍କୁ ଓମାନରୁ ଭାରତ ଅଣାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅନ୍ୟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଙ୍କ ସହଯୋଗରେ ତାଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟା ସଫଳ କରିଛି। ରବିବାର ଏକ ସ୍ୱତନ୍ତ୍ର ସିବିଆଇ ଦଳ ଓମାନର ରାଜଧାନୀ ମସ୍କଟରୁ ତାଙ୍କୁ ଭାରତ ଆଣିଥିଲା। ସୋମବାର ତାଙ୍କୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ ଅଦାଲତରେ ହାଜର କରାଯିବା ପରେ ଛତିଶଗଡ଼ର ରାୟପୁର ନିଆଯାଇଛି। ସେଠାରେ ସିବିଆଇ ଓ ଅନ୍ୟ ତଦନ୍ତକାରୀ ସଂସ୍ଥା ତାଙ୍କୁ ଜେରା କରିବେ। ଚନ୍ଦ୍ରାକର ମହାଦେବ ଅନଲାଇନ୍ ବେଟିଂ ନେଟବର୍କର ପ୍ରମୁଖ ପରିଚାଳକ ବୋଲି ତଦନ୍ତକାରୀ ସଂସ୍ଥା ଅଭିଯୋଗ କରିଛି। ଏହି ମାମଲାରେ ସେ ଦୁଇଟି ସିବିଆଇ ମାମଲା ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଅର୍ଥ ହେରଫେର ମାମଲାରେ ଖୋଜା ଯାଉଥିଲେ। ଦୁଇଟି ସିବିଆଇ ମାମଲାରେ ଅଭିଯୋଗପତ୍ର ଦାଖଲ ହୋଇସାରିଥିବାବେଳେ ଇଡି ମଧ୍ୟ ଏହି ମାମଲାରେ ଅଦାଲତରେ ଅଭିଯୋଗ ଦାଖଲ କରିଛି। ସିବିଆଇ ଅନୁଯାୟୀ, ଛତିଶଗଡ଼ ସରକାରଙ୍କ ଅନୁରୋଧ ପରେ ମହାଦେବ ଅନଲାଇନ୍ ବେଟିଂ ମାମଲାର ତଦନ୍ତ ହାତକୁ ନିଆଯାଇଥିଲା। ଏହି ନେଟୱର୍କ ଭାରତ ବାହାରୁ ପରିଚାଳିତ ହେଉଥିଲା ଏବଂ ଦେଶର ବିଭିନ୍ନ ସ୍ଥାନରେ ଏହାର ଶାଖା ଓ ଫ୍ରାଞ୍ଚାଇଜ୍ ଭଳି ବ୍ୟବସ୍ଥା ଥିଲା। ଏହି ମାଧ୍ୟମରେ କ୍ରିକେଟ୍, ଫୁଟବଲ୍ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ବେଆଇନ ବାଜି ଲଗାଯାଉଥିଲା।

ମିକ୍ସର ମେସିନରେ ଲାଗିଗଲା ୧୧ କେଭିର ତାର : ୮ ଶ୍ରମିକ ମୃତ

ଜୟପୁର, ୨/୧୧ : ରାଜସ୍ଥାନର ଝୁନଝୁନୁ ଜିଲ୍ଲାରେ ବଡ଼ ଅଘଟଣ । ଏଠାରେ ଏକ ରାସ୍ତା କାମ ଚାଲିଥିବା ବେଳେ ୮ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି । ଏକ ମେସିନରେ ହାଇ ଭୋଲଟେଜ୍ କରେଣ୍ଟ ଆସିଯିବାରୁ ଏପରି ଅଘଟଣ ଘଟିଛି । ଏହାସହ ଅନ୍ୟ କିଛି ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ସୂଚନାନୁସାରେ, ଜିଲ୍ଲାର ଛାପୋଲୀ ସହରର ଏକ ଆବାସିକ ଅଞ୍ଚଳରେ ରାସ୍ତା କାମ ଚାଲିଥିଲା । ଏହି ରାସ୍ତା ଛାପୋଲୀରୁ କଦମ କୁଣ୍ଡକୁ ଯୋଡିଥାନ୍ତା । ଏଥିରେ ଅନେକ ଶ୍ରମିକ ନିୟୋଜିତ ହୋଇଥିଲେ । ରାସ୍ତା କାମରେ ବାଲି-ଗୋଡି ଏବଂ ସିମେଣ୍ଟ ମିକ୍ସର୍ ମେସିନର ବ୍ୟବହାର କରାଯାଇଥିଲା । ହଠାତ ଉପରେ ଯାଇଥିବା ୧୧କେଭିର ଏକ ତାର ସହ ମେସିନଟି ଲାଗି ଯାଇଥିଲା ।

ଇଣ୍ଡିମେଣ୍ଟ ଆନ୍ଦୋଳନର ଦିନକ ପରେ ଅମିତ ଶାହଙ୍କ ବୈଠକ

ନୂଆଦିଲ୍ଲୀ, ୨।୧୧ : ଏନଡିଏ ମେଣ୍ଟ ଅଧୀନରେ ଏନସିପି (ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି)ର ଦୁଇ ଗୋଷ୍ଠୀକୁ ଏକାଠି କରିବା ପାଇଁ ଉଦ୍ୟମ ଜାରି ରହିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଗତକାଲି ଇଣ୍ଡିମେଣ୍ଟ ପକ୍ଷରୁ ଆୟୋଜିତ ଆନ୍ଦୋଳନରେ ଏନସିପି (ଏସ୍ପି) ନେତା ଶରଦ ପାଓ୍ୱାର ଯୋଗ ଦେଇଥିଲେ। ଏହାର ଦିନକ ପରେ ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଜିତ ପାଓ୍ୱାରଙ୍କ ଗୋଷ୍ଠୀର କେତେକ ନେତା ଆଜି ଦିଲ୍ଲୀରେ ଶାହଙ୍କୁ ଭେଟିଛନ୍ତି। ଏହି ବୈଠକରେ ଅମିତ ଶାହ ଓ ବିଜେପିର ବରିଷ୍ଠ ନେତାମାନେ ଏନସିପିରେ ରହିଥିବା ଅନ୍ତଃକନ୍ଦଳର ସମାଧାନ କରିବାକୁ ଅଜିତ ପାଓ୍ୱାରଙ୍କ ଗୋଷ୍ଠୀର ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଏନଡିଏକୁ ଅଧିକ ସୁଦୃଢ଼ କରିବାକୁ ହେଲେ ପ୍ରଥମେ ଦଳ ଭିତରେ ଏକତା ବଜାୟ ରଖିବା ଆବଶ୍ୟକ ବୋଲି ସେମାନଙ୍କୁ କୁହାଯାଇଛି। ଏହି ବୈଠକରେ ଏନସିପିର ଦୁଇ ଗୋଷ୍ଠୀର ମିଶ୍ରଣ ସମ୍ପର୍କରେ ଆଲୋଚନା ହୋଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏନସିପିର ଅଳ୍ପ କେତେଜଣ ନେତା ଏହି ପ୍ରସ୍ତାବକୁ ସମର୍ଥନ କରୁଥିବା ଜଣାପଡ଼ିଛି।

ସ୍ପଷ୍ଟୀକରଣ ଦେଲେ ଧୀରେନ୍ଦ୍ର ଶାସ୍ତ୍ରୀ
କାହାର ଭାବନା ଆଘାତ ପାଇଥିଲେ କ୍ଷମା ପ୍ରାର୍ଥନା କରୁଛି

ନୂଆଦିଲ୍ଲୀ, ୨।୧୧ : ବାଗେଶ୍ୱର ଧାମର ପୀଠାଧୀଶ୍ୱର ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ନିଜର ଏକ ମନ୍ତବ୍ୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ଦିଆଯାଇଥିବା ଏକ ବିବୃତ୍ତିକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିବା ପରେ, ସେ ନିଜେ ସାମ୍ନାକୁ ଆସି ଏହାର ସ୍ପଷ୍ଟୀକରଣ ଦେଇଛନ୍ତି। ଧୀରେନ୍ଦ୍ର ଶାସ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ସେ କଦାପି ଭଗବାନ କୃଷ୍ଣଙ୍କ ବିରୋଧୀ ନୁହଁନ୍ତି ଏବଂ ଯଦି ତାଙ୍କ କଥାରେ କାହାର ଧାର୍ମିକ ଭାବନା ଆଘାତପ୍ରାପ୍ତ ହୋଇଥାଏ, ତେବେ ସେ ଏଥିପାଇଁ ନିଃସର୍ତ୍ତରେ କ୍ଷମା ପ୍ରାର୍ଥନା କରୁଛନ୍ତି।

ସୁଭାଷ ଚନ୍ଦ୍ରାଙ୍କ ବିରୋଧରେ ରୁଜୁ ହେଲା ମନିଲଣ୍ଡ୍ରିଂ ମୋକଦ୍ଦମା


ନୂଆଦିଲ୍ଲୀ, ୨।୧୧ : ଗଣମାଧ୍ୟମ ବ୍ୟବସାୟୀ ସୁଭାଷ ଚନ୍ଦ୍ରାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡ୍ରିଂ ମାମଲା ରୁଜୁ କରିଛି। ଅଧିକାରୀମାନେ ସୋମବାର ଏହି ସୂଚନା ଦେଇଛନ୍ତି। ମାମଲା ଲାଇଫ ଇନସ୍ୟୁରାନ୍ସ କର୍ପୋରେସନ ହାଉସିଂ ଫାଇନାନ୍ସ ଲିମିଟେଡ (ଏଲଆଇସିଏଚଏଫଏଲ)କୁ ୧,୩୨୨ କୋଟି ଟଙ୍କା କ୍ଷତିରେ ପକାଉଥିବା କଥିତ ଋଣ ଠକେଇ ସମ୍ପର୍କିତ।

ବର୍ଷିଲେ ବମ୍ବେ ହାଇକୋର୍ଟ ନିଃସର୍ତ୍ତ କ୍ଷମା ମାଗିଲେ ଅଭିନେତା ଇମ୍ରାନ



ନୂଆଦିଲ୍ଲୀ, ୨।୧୧ : ମୁମ୍ବାଇରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଏକ ବିକ୍ଷୋଭରେ ସାମିଲ ହେବା ପ୍ରସଙ୍ଗରେ ବଲିଉଡ୍ ଅଭିନେତା ଇମ୍ରାନ ଖାନଙ୍କ ଉପରେ ସୋମବାର ଖୁବ୍ ବର୍ଷିଛନ୍ତି ବମ୍ବେ ହାଇକୋର୍ଟ। କୋର୍ଟ ତାଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି, ଆପଣ ଜଣେ ଓସିଆଇ (ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆ) କାର୍ଡ ହୋଲଡର। ଆପଣ ଜଣେ ଭାରତୀୟ ନାଗରିକ ଭଳି ବ୍ୟବହାର କରିପାରିବ ନାହିଁ। ଆପଣ ଏସ୍‌ଆଇଆର (ସିଇସି) ଉପରେ କିଛି କହିପାରିବ ନାହିଁ। କୌଣସି ଆନ୍ଦୋଳନରେ ଅଂଶଗ୍ରହଣ କରିବା ପାଇଁ ଆପଣଙ୍କର କୌଣସି ଅଧିକାର ନାହିଁ। କୋର୍ଟରେ ଆପଣଙ୍କୁ ଏକ ସ୍ପଷ୍ଟ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡ଼ିବ। କୋର୍ଟ ଆହୁରି କହିଥିଲେ, ଯଦି ଜଣେ ଭାରତୀୟ ନାଗରିକ ଆମେରିକାରେ ଏହିଭଳି ବିକ୍ଷୋଭରେ ସାମିଲ ହୋଇଥାଆନ୍ତ, ତା'ହେଲେ ତାଙ୍କର ଅବସ୍ଥା କ'ଣ ହୋଇଥାଆନ୍ତା ଆପଣ କଳ୍ପନା କରନ୍ତୁ। ତାଙ୍କୁ ତତ୍‌କ୍ଷଣାତ୍ ବିମାନରେ ବସାଇ ଭାରତ ପଠାଇ ଦିଆଯାଇଥାଆନ୍ତା। ଇମ୍ରାନ ଖାନ ଅକ୍ଟୋବର ୧୦ ତାରିଖରେ ମୁମ୍ବାଇରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଏକ ବିକ୍ଷୋଭରେ ସାମିଲ ହେବା ପରେ ତାଙ୍କୁ ୨୮ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁମ୍ବାଇ ସ୍ଥିତ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ଏହି ନିର୍ଦ୍ଦେଶ ଦେଇଥିବା ବେଳେ ଇମ୍ରାନ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇମ୍ରାନଙ୍କ ଏହି ଆବେଦନ ଉପରେ ଶୁଣାଣି କରି ଆଜି ହାଇକୋର୍ଟ ତାଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ଡେମୋକ୍ରାଟମାନେ ଜିତିଲେ ସବୁ ବିଲକୁ ଭିଟୋ କରିବି: ଟ୍ରମ୍ପ



ୱାସିଂଟନ, ୨।୧୧ : ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଆସନ୍ତାକାଲି (ନଭେମ୍ବର ୩) ଅନୁଷ୍ଠିତ ହେବ। ଏହି ନିର୍ବାଚନ ଉପରେ ଆମେରିକା ସମେତ ବିଶ୍ୱର ରାଜନୈତିକ ଓ କୂଟନୈତିକ ମହଲର ନଜର ରହିଛି। ତେବେ ମତଦାନ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବୟାନ ଦେଇଛନ୍ତି। ଡେମୋକ୍ରାଟିକ୍ ପାର୍ଟି କଂଗ୍ରେସର ନିୟନ୍ତ୍ରଣ ହାସଲ କଲେ ଦଳ ପକ୍ଷରୁ ଆସୁଥିବା ସମସ୍ତ ବିଲକୁ ସେ ଭିଟୋ କରିବେ ବୋଲି କହିଛନ୍ତି। ଏପରି ସ୍ଥିତିରେ ତାଙ୍କୁ 'ମିଷ୍ଟର ଭିଟୋ' ଭାବେ ପରିଚିତ ହେବାକୁ ପଡ଼ିବ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ କହିବା ଅନୁଯାୟୀ, ଡେମୋକ୍ରାଟମାନେ କଂଗ୍ରେସର ନିୟନ୍ତ୍ରଣ ହାସଲ କଲେ ବିଭିନ୍ନ ବିଲ୍ ତାଙ୍କ ନିକଟକୁ ପଠାଇବେ। କିନ୍ତୁ ସେ ସେଗୁଡ଼ିକୁ ଭିଟୋ କରିଦେବେ। ଏହି ପ୍ରକ୍ରିୟା ଏକରୁ ଦୁଇ ମାସ ଚାଲିବା ପରେ ଉଭୟ ପକ୍ଷ ଆଲୋଚନା ମାଧ୍ୟମରେ ଏକ ସହମତିରେ ପହଞ୍ଚିବେ ବୋଲି ସେ ଆଶା ରଖିଛନ୍ତି। ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଆମେରିକା କଂଗ୍ରେସର ପ୍ରତିନିଧି ସଭାର ସମସ୍ତ ୪୩୫ଟି ଆସନ ଏବଂ ସିନେଟର ମୋଟ ୧୦୦ଟି ଆସନ ମଧ୍ୟରୁ ୩୫ଟି ଆସନ ପାଇଁ ମତଦାନ ହେବ। ଡେମୋକ୍ରାଟମାନେ ପ୍ରତିନିଧି ସଭାରେ ବିଜୟୀ ହେଲେ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାର ସମ୍ଭାବନା ରହିଛି। ତେବେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହେବା ପାଇଁ ସିନେଟରେ ବିଚାର ପ୍ରକ୍ରିୟା ପରେ ଉପସ୍ଥିତ ସଦସ୍ୟଙ୍କ ଅତିକମରେ ଦୁଇ-ତୃତୀୟାଂଶଙ୍କ ସମର୍ଥନ ଆବଶ୍ୟକ। ଏହି ନିର୍ବାଚନର ଫଳାଫଳ ଟ୍ରମ୍ପଙ୍କ ଶାସନର ଅବଶିଷ୍ଟ ଦୁଇ ବର୍ଷର ନୀତି, ବଜେଟ୍ ଓ ଆଇନ ପ୍ରଣୟନ ପ୍ରକ୍ରିୟା ଉପରେ ପ୍ରଭାବ ପକାଇବ। ତେଣୁ ଏହି ନିର୍ବାଚନକୁ ଟ୍ରମ୍ପ ପ୍ରଶାସନ ପାଇଁ ଏକ ବଡ଼ ରାଜନୈତିକ ପରୀକ୍ଷା ଭାବେ ଦେଖାଯାଉଛି।

ବାଂଲାଦେଶରେ ଉଗ୍ର ହେଲା ଶ୍ରମିକ ଆନ୍ଦୋଳନ
ଢାକାରେ ଭଙ୍ଗାରୁଜା ଓ ପୋଡ଼ାଜଳା

ଢାକା, ୨।୧୧ : ପ୍ରାୟ ୨୮ ମାସ ପରେ ବାଂଲାଦେଶରେ ପୁଣି ବ୍ୟାପକ ଜନ ଅସନ୍ତୋଷ ଦେଖାଦେଇଛି। ତେବେ ଏଥର ସତ୍ତା ପରିବର୍ତ୍ତନ ପାଇଁ ନୁହେଁ ବରଂ ଦରମା ବୃଦ୍ଧି ଦାବିରେ ପୋଷାକ ଶିଳ୍ପର ଲକ୍ଷ ଲକ୍ଷ କର୍ମଚାରୀ ରାସ୍ତାକୁ ଓହ୍ଲାଇଛନ୍ତି। ଅକ୍ଟୋବର ୩୧ରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଢାକା, ମିରପୁର, ଆଶୁଲିଆ, ସାଭାର ଓ ଗାଜିପୁର ଭଳି ଶିଳ୍ପାଞ୍ଚଳକୁ ବ୍ୟାପିଛି। ଆନ୍ଦୋଳନ ଯୋଗୁ ୫୨୯ଟି ପୋଷାକ କାରଖାନାରେ ଉତ୍ପାଦନ ବ୍ୟାହତ ହୋଇଛି। ଶ୍ରମିକଙ୍କ ଆନ୍ଦୋଳନ ଆଜି ଅନେକ ସ୍ଥାନରେ ଉଗ୍ର ରୂପ ନେଇଛି। ପୁଲିସ ସହ ସେମାନଙ୍କର ସଂଘର୍ଷ ହୋଇଛି। ଆନ୍ଦୋଳନକାରୀମାନେ ପୁଲିସ ଗାଡ଼ିରେ ନିଆଁ ଲଗାଇବା ସହ ଅନେକ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଏହାଦ୍ୱାରା ଦେଶର ପ୍ରମୁଖ ଶିଳ୍ପାଞ୍ଚଳରେ ଉତ୍ତେଜନା ବଢ଼ିଛି। କର୍ମଚାରୀମାନେ ମାସିକ ବେତନ ୧୨,୫୦୦ ବାଂଲାଦେଶୀ ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି ଦାବିରେ ଆନ୍ଦୋଳନ ଚଳାଇଛନ୍ତି। ମୁଦ୍ରାସ୍ଫୀତି, ଘରଭଡ଼ା, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦର ବୃଦ୍ଧି ଯୋଗୁଁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି ବୋଲି ଶ୍ରମିକମାନେ ମତ ଦେଇଛନ୍ତି।

ଆମେରିକା ଚାହିଁଲେ ଦୁଇଦିନ ମଧ୍ୟରେ ଖୋଲିବ ହର୍ମୁଜ୍: ଇରାନ



ତେହେରାନ, ୨।୧୧ : ଆସନ୍ତା ଦୁଇ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବାକୁ ଇରାନ ପ୍ରସ୍ତୁତ ଅଛି। ତେବେ ଏଥିପାଇଁ ଆମେରିକାକୁ ଇରାନର ସର୍ତ୍ତ ମାନିବାକୁ ପଡ଼ିବ। ଉଭୟ ଦେଶ ମଧ୍ୟରେ ମଧ୍ୟସ୍ଥିଙ୍କ ଜରିଆରେ ବାର୍ତ୍ତା ଆଦାନପ୍ରଦାନ ଜାରି ରହିଛି। ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍ମାଇଲ ବାଘାଇ ସୋମବାର ଏହି ସୂଚନା ଦେଇଛନ୍ତି। ବାଘାଇ କହିଛନ୍ତି, ଇରାନର ଦାବି ପୂରଣ ହେଲେ ହର୍ମୁଜ୍ ପ୍ରଣାଳୀରେ ସୁରକ୍ଷା ପୁନଃସ୍ଥାପନ ହେବା ସହ ଖୁବ୍ କମ୍ ସମୟ ମଧ୍ୟରେ ଆଲୋଚନା ଆରମ୍ଭ ହୋଇପାରିବ। ତେଣୁ ଇରାନର ସର୍ତ୍ତକୁ ଆମେରିକା ଗ୍ରହଣ କରିବା ଉପରେ ସବୁକିଛି ନିର୍ଭର କରୁଛି। ଇରାନର ଦାବି ମଧ୍ୟରେ ରହିଛି ସବୁ ଦିନପାଇଁ ଇରାନ ବିରୋଧରେ ଯୁଦ୍ଧ ବନ୍ଦ କରିବା, ବିଦେଶରେ ଜମା ଥିବା ଇରାନର ସମ୍ପତ୍ତି ଉପରୁ କଟକଣା ହଟାଇବା, ଇରାନର ତୈଳ କ୍ଷେତ୍ର ଉପରେ ଆମେରିକାର ଆର୍ଥିକ କଟକଣା ପ୍ରତ୍ୟାହାର କରିବା ଏବଂ ଇରାନର ବନ୍ଦରଗୁଡ଼ିକ ଉପରେ ଲାଗୁ ହୋଇଥିବା ଆମେରିକାର ସାମୁଦ୍ରିକ ଅବରୋଧ ହଟାଇବା। ସେହିଭଳି ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚି ମଧ୍ୟ କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପାଇଁ ଇରାନ ଓ ଓମାନ ମଧ୍ୟରେ ସହମତି ହୋଇଥିବା ନୂଆ ମାର୍ଗକୁ ଆମେରିକା ଗ୍ରହଣ କରିବା ଆବଶ୍ୟକ। ଏଥିସହ ଏହି ଅଞ୍ଚଳରେ ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ହ୍ରାସ କରିବାକୁ ମଧ୍ୟ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ପୁନର୍ବାର ଆକ୍ରମଣ କରିବା ନେଇ ଆଶଙ୍କା ବଢ଼ିଛି। ନଭେମ୍ବର ୩ ତାରିଖରେ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଇରାନ ଉପରେ ଆକ୍ରମଣ ହେବା ଆଶଙ୍କା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଗୋଟିଏ କିମ୍ବା ଦୁଇଟି ଟାର୍ଗେଟକୁ ନେଇ ଏବେ ବି ପଦକ୍ଷେପ ନେବା ବାକି ଅଛି ବୋଲି ମଧ୍ୟ କହିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଇରାନ ବିରୋଧରେ ଆକ୍ରମଣ ସପକ୍ଷରେ ଚାପ ପକାଉଥିବା ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ପାରସ୍ୟ ଉପସାଗର ଓ ଓମାନ ଉପସାଗରକୁ ସଂଯୋଗ କରୁଥିବା ହର୍ମୁଜ୍ ପ୍ରଣାଳୀ ବିଶ୍ୱର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ। ବିଶ୍ୱର ମୋଟ ତୈଳ ଯୋଗାଣର ପ୍ରାୟ ଏକ ପଞ୍ଚମାଂଶ ଏହି ମାର୍ଗ ଦେଇ ପରିବହନ ହୋଇଥାଏ। ତେଣୁ ଏହି ପ୍ରଣାଳୀ ଖୋଲିବା ନେଇ ଇରାନର ଘୋଷଣା ବିଶ୍ୱ ତୈଳ ବଜାର ଓ ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି।

CMYK

ଜଣେ ମହିଳାଙ୍କ ସମେତ ୩ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରରେ ବେଆଇନ୍ ଭାବେ ବ୍ୟବସାୟିକ ପରିମାଣର ଗଞ୍ଜେଇ ଚାଲାଣ ଓ ବିକ୍ରି କରୁଥିବା ଏକ ଆନ୍ତଃଜିଲ୍ଲା ନିଶା କାରବାର ନେଟୱାର୍କର ଜଣେ ମହିଳାଙ୍କ ସମେତ ୩ ଜଣ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ସର୍ବମୋଟ ୨୨କେଜି ବେଆଇନ୍ ଗଞ୍ଜେଇ, ନଗଦ ୨୬,୫୪୦/- ଟଙ୍କା ଏବଂ ଚାଲାଣରେ ବ୍ୟବହୃତ ଏକ ଧଳା ରଙ୍ଗର ହିରୋ ଡେଷ୍ଟିନି ସ୍କୁଟର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜ୍ଞାନରଂଜନ ଦାସ, ବର୍ଷା ପାତ୍ର ଓ ପ୍ରଣବ ଜେନା। ପୁଲିସ ଏମାନଙ୍କୁ ଆଜି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ଅପରାହ୍ନ ପ୍ରାୟ ୦୪.୧୧ ମିନିଟରେ ଖଣ୍ଡଗିରି ଥାନା ଆଇଆଇସିଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ ଜଣେ ମହିଳା ଓ ଜଣେ ଯୁବକ ଏକ ଧଳା ରଙ୍ଗର ଡେଷ୍ଟିନି ସ୍କୁଟରରେ ବିପୁଳ ପରିମାଣର ଗଞ୍ଜେଇ ଧରି ସରକନ୍ତରା ମଶାଣି ପଡ଼ିଆରେ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ଅପେକ୍ଷା କରିଛନ୍ତି। ଖବର ପାଇବା କ୍ଷଣି ପୋଲିସ ତୁରନ୍ତ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇ ସ୍ଥାନୀୟ ସାକ୍ଷୀମାନଙ୍କ ସହ ଘଟଣାସ୍ଥଳରେ ଅତର୍କିତ ଚଢ଼ାଉ କରିଥିଲା। ସରକନ୍ତରା ମଶାଣି ପଡ଼ିଆ କୋଣରେ ଛିଡ଼ା ହୋଇଥିବା ଅଭିଯୁକ୍ତ ଜ୍ଞାନରଞ୍ଜନ ଦାସ ଓରଫ୍ ରାଜା ଏବଂ ବର୍ଷା ପାତ୍ର ନାମ୍ନୀ ଯୁବତୀ ପୋଲିସଙ୍କୁ ଦେଖି ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଟିମ୍ ଉଭୟଙ୍କୁ କାବୁ କରିଥିଲା। ସ୍କୁଟର ଫୁଟ୍‌ରେଷ୍ଟ ଉପରେ ଏକ ଧୂସର ରଙ୍ଗର ଜରି ବସ୍ତା ରହିଥିଲା ଏବଂ ସେଥିରୁ ତୀବ୍ର ଗଞ୍ଜେଇ ଗନ୍ଧ ବାହାରୁଥିଲା। ଏନଡିପିଏସ୍ ଆକ୍ଟର ଧାରା ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ ପୂର୍ବକ ଗେଜେଟେଡ୍ ଅଫିସର ଏସିପି ଜୋନ୍-୩ ପ୍ରଶାନ୍ତ କୁମାର ସାହୁ ଏବଂ ସ୍ୱତନ୍ତ୍ର ସାକ୍ଷୀଙ୍କ ଉପସ୍ଥିତିରେ ଉକ୍ତ ବସ୍ତାକୁ ଓଜନ କରାଯାଇଥିଲା। ବସ୍ତାରୁ ୨୨ କେଜି ବେଆଇନ୍ ଗଞ୍ଜେଇ ଜବତ କରାଯାଇ ବିଧିବଦ୍ଧ ଭାବେ ସିଲ୍ କରାଯାଇଥିଲା। ଘଟଣାସ୍ଥଳରୁ ପୋଲିସ ୨୨ କେଜି ଗଞ୍ଜେଇ, ନଗଦ ୨୬,୫୪୦/- ଟଙ୍କା ଓ ଡେଷ୍ଟିନି ସ୍କୁଟର ଜବତ କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ ଯେ ସେମାନେ କନ୍ଧମାଳ ଅଞ୍ଚଳରୁ ଏହି ଗଞ୍ଜେଇ କ୍ରୟ କରି ଡୁମୁଡୁମା ଫେଜ୍-୨ ର ସ୍ଥାନୀୟ ଡିଲର୍ ପ୍ରଣବ କୁମାର ଜେନାକୁ ବିକ୍ରି କରିବାକୁ ଆସିଥିଲେ, ଯିଏ ଏହାକୁ ସ୍ଥାନୀୟ ଗ୍ରାହକଙ୍କୁ ଚଢ଼ା ଦରରେ ଖୁଚୁରା ବିକ୍ରି କରୁଥିଲା। ରାତିରେ ମହିଳା ଅଭିଯୁକ୍ତଙ୍କୁ ମହିଳା ଡେସ୍କରେ ରଖାଯାଇ ଆଜି ତା ୦୨.୧୧.୨୦୨୬ ସକାଳ ୦୬.୩୦ ମିନିଟରେ ଉଭୟ ଜ୍ଞାନରଞ୍ଜନ ଓ ବର୍ଷା ପାତ୍ରଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇଥିଲା। ପରବର୍ତ୍ତୀ ତଦନ୍ତ ବେଳେ ପୋଲିସ ଆଜି ସକାଳେ ଡୁମୁଡୁମା ମାର୍କେଟ୍ ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟ ରିସିଭର୍ ପ୍ରଣବ କୁମାର ଜେନାକୁ କାବୁ କରିଥିଲା ଏବଂ ସକାଳ ୧୦.୩୦ ମିନିଟରେ ତାକୁ ଗିରଫ କରାଯାଇଥିଲା। ସମସ୍ତ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ନିଶା ବେପାରୀ ଧରାପଡିଲା, ୨୧ କିଲୋ ଗଞ୍ଜେଇ ଜବତ

ଭୁବନେଶ୍ୱର(ନି.ପ୍ର) : କନ୍ଧମାଳ ଜିଲ୍ଲାରୁ ବେଆଇନ୍ ଭାବେ ବ୍ୟବସାୟିକ ପରିମାଣର ଗଞ୍ଜେଇ ଚାଲାଣ କରି ସାଲିଆ ସାହି ଅଞ୍ଚଳରେ ବିକ୍ରି କରିବାକୁ ଯାଉଥିବା ଜଣେ ନିଶା ବେପାରୀକୁ ମୈତ୍ରୀ ବିହାର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହରେକୃଷ୍ଣ ବଡତିଆ। ତା' ନିକଟରୁ ପୁଲିସ ୨୧ କେଜି ବେଆଇନ୍ ଗଞ୍ଜେଇ ଏବଂ ଚାଲାଣରେ ବ୍ୟବହୃତ ଏକ କଳା ରଙ୍ଗର ୟାମାହା ରେ' ଜେଡଆର୍ ସ୍କୁଟର ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଆଜି ପୂର୍ବାହ୍ନ ପ୍ରାୟ ୦୯.୫୮ ମିନିଟରେ ମୈତ୍ରୀ ବିହାର ଥାନା ପୋଲିସଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ ହରେକୃଷ୍ଣ ବଡ଼ତ୍ୟା ନାମକ ଜଣେ ଯୁବକ ଏକ କଳା ରଙ୍ଗର ୟାମାହା ସ୍କୁଟରରେ କନ୍ଧମାଳରୁ ଗଞ୍ଜେଇ ଧରି ଖୋର୍ଦ୍ଧା-ବରମୁଣ୍ଡା-ସିଆରପି-ଏକାମ୍ର କାନନ ରାସ୍ତା ଦେଇ ସାଲିଆ ସାହି ଅଞ୍ଚଳରେ ବେଆଇନ୍ ଭାବେ ବିକ୍ରି କରିବାକୁ ନେଇ ଆସୁଛି। ଖବର ପାଇବା ପରେ ପୋଲିସ ତୁରନ୍ତ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇ ସ୍ୱତନ୍ତ୍ର ଟିମ୍ ଗଠନ କରି ସାକ୍ଷୀଙ୍କ ସହ ଉକ୍ତ ରୁଟ୍‌ରେ ଜଗି ରହିଥିଲା। ପୂର୍ବାହ୍ନ ପ୍ରାୟ ୧୧.୧୫ ମିନିଟରେ ଏକାମ୍ର କାନନ ରୋଡ୍‌ରୁ ଏକାମ୍ର ବିହାର ଛକ ଆଡ଼କୁ ଆସୁଥିବା ସନ୍ଦିଗ୍ଧ ସ୍କୁଟରକୁ ପୋଲିସ ଟିମ୍ ଦେଖିବାକୁ ପାଇଥିଲା। ପୋଲିସଙ୍କୁ ଦେଖି ଅଭିଯୁକ୍ତ ସ୍କୁଟରର ବେଗ ବଢ଼ାଇ ଖସି ପଳାଇବାକୁ ଉଦ୍ୟମ କରିଥିଲା। ମାତ୍ର ପୋଲିସ ଟିମ୍ ପିଛା କରି ସାଲିଆ ସାହି ଆଦିବାସୀ ଗାଁ ନିକଟସ୍ଥ ହାତିଆଶୁଣୀ ଛକ ଓ ଏକାମ୍ର କାନନ ଛକ ମଝି ୨୦୦ ଫୁଟିଆ ରାସ୍ତାରେ ତାକୁ କାବୁ କରିଥିଲା। ଯାଞ୍ଚ ବେଳେ ସ୍କୁଟରର ପଛପଟେ ପ୍ଲାଷ୍ଟିକ୍ ଦଉଡ଼ିରେ ବନ୍ଧା ହୋଇଥିବା ଏକ ଧଳା ରଙ୍ଗର ଷ୍ଟ୍ରାଇପ୍ ଥିବା ଜରି ବସ୍ତା ମିଳିଥିଲା, ଯେଉଁଥିରୁ ତୀବ୍ର ଗଞ୍ଜେଇ ଗନ୍ଧ ବାହାରୁଥିଲା। ଏନଡିପିଏସ୍ ଆକ୍ଟର ଧାରା ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ ପୂର୍ବକ ଗେଜେଟେଡ୍ ଅଫିସର ଏସିପି ଜୋନ୍-୫ ଶ୍ରୀ ବିଶ୍ୱରଞ୍ଜନ ସେନାପତି ଏବଂ ସ୍ୱତନ୍ତ୍ର ସାକ୍ଷୀଙ୍କ ଉପସ୍ଥିତିରେ ଉକ୍ତ ବସ୍ତାକୁ ଓଜନ କରାଯାଇଥିଲା। ବସ୍ତାରୁ ସର୍ବମୋଟ ୨୧ କେଜି ବେଆଇନ୍ ଗଞ୍ଜେଇ ଜବତ କରାଯାଇ ବିଧିବଦ୍ଧ ଭାବେ ସିଲ୍ କରାଯାଇଥିଲା।

ଦୀପାବଳି ପାଇଁ କଟକ ପୁଲିସର କଡ଼ା ପ୍ରସ୍ତୁତି

ରାତି ୯ଟା ପରେ ବାଣ ଫୁଟାଇବା ମନା



କଟକ(ନିପ୍ର): ଦୀପାବଳି ଓ କାଳୀପୂଜାକୁ ନେଇ କଟକ ପୁଲିସର ଜୋରଦାର ପ୍ରସ୍ତୁତି । ଶାନ୍ତିଶୃଙ୍ଖଳା ସହ ପର୍ବ ପାଳନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । କଟକ ଡିସିପି ଋଷିକେଶ ଖିଲାରୀଙ୍କ ସୂଚନା ଅନୁସାରେ, ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ସମୟ ନିର୍ଦ୍ଧାରଣ ହୋଇଛି । ରାତି ୯ଟା ପରେ ବାଣ ଫୁଟାଇବା ଉପରେ କଟକଣା ରହିଛି। ନିର୍ଦ୍ଧାରିତ ନିୟମ ଉଲ୍ଲଂଘନ ନକରିବାକୁ ଡିସିପି ପରାମର୍ଶ ଦେଇଛନ୍ତି । କଟକ ସହରର ଗଳିକନ୍ଦି ଓ ଘନ ଜନବସତିକୁ ଦୃଷ୍ଟିରେ ରଖି ଅଗ୍ନିକାଣ୍ଡ ଭଳି ଅଘଟଣ ଏଡ଼ାଇବାକୁ ରକେଟ୍ ବାଣ ବ୍ୟବହାର ନ କରିବା ପାଇଁ ମଧ ପରାମର୍ଶ ଦିଆଯାଇଛି। ସେହିପରି ସୁରକ୍ଷା ଦୃଷ୍ଟିରୁ କଟକ ସହରର ୭ଟି ସ୍ଥାନରେ ବାଣ ଦୋକାନ ପାଇଁ ଖୋଲା ସ୍ଥାନ ଚିହ୍ନଟ କରାଯାଇଛି। ଅନ୍ୟପଟେ ବେଆଇନ ବାଣ କାରବାର ଉପରେ କଟକ ପୁଲିସର କଡ଼ା ନଜର । ଚୋରା ବାଣ ବିକ୍ରି, ବେଆଇନ ଭାବେ ବାଣ ଗଚ୍ଛିତ ରଖିବା ଓ ପରିବହନ ଅଭିଯୋଗରେ ପୁଲିସ ୮ଟି ମାମଲା ରୁଜୁ କରିଛି । ଏଥିସହ ପ୍ରାୟ ୪୦ ଲକ୍ଷ ଟଙ୍କାର ବାଣ ଓ ଦୁଇଟି କାର୍ ଜବତ କରାଯାଇଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି । ସୋମବାର କଟକ ବିଡ଼ାନାସୀରେ ଏକ ବେଆଇନ ବାଣ ଗୋଦାମ ଉପରେ ପୁଲିସ ଚଢ଼ାଉ ଜାରି ରଖିଛି। ଏହା ପୂର୍ବରୁ ବାରଙ୍ଗ ଓ ୪୨ ମୌଜା ଅଞ୍ଚଳରୁ ମଧ ବେଆଇନ ବାଣ ଜବତ କରାଯାଇଛି। ବେଆଇନ ବାଣ କାରବାର ବିରୋଧରେ ଆଗକୁ ମଧ ଚଢ଼ାଉ ଜାରି ରହିବ ବୋଲି ଡିସିପି ସୂଚନା ଦେଇଛନ୍ତି।

କାଠଯୋଡି କୂଳରେ ଗୌରୀ ସାହୁ ହତ୍ୟାକାଣ୍ଡ ଘଟଣା

୩ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ଜଳନ୍ଧର

କଟକ(ନିପ୍ର): ବାଦାମବାଡ଼ି ଥାନା ଅନ୍ତର୍ଗତ ରାଜାବଗିଚା ନିକଟ କାଠଯୋଡି କୂଳରେ ଗତ ମାସ ୭ ତାରିଖରେ କଳାହାଣ୍ଡି ଜିଲ୍ଲା ନର୍ଲା ଅଂଚଳର ଗୌରୀ ସାହୁ ହତ୍ୟାକାଣ୍ଡର ଅଭିଯୁକ୍ତ ଜଳନ୍ଧରକୁ କଟକ କମିଶନରେଟ ପୋଲିସ ୩ ଦିନିଆ ରିମାଣ୍ଡରେ ଆଣିଛି। ପୋଲିସ ୫ ଦିନ ରିମାଣ୍ଡ ଆବେଦନ କରିଥିବା ବେଳେ କୋର୍ଟ ୩ ଦିନ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ଏହିକ୍ରମରେ ସୋମବାର ଜଳନ୍ଧରକୁ ରିମାଣ୍ଡରେ ଅଣାଯିବା ପରେ ପୋଲିସ ତାକୁ ଘଟଣା ସ୍ଥଳକୁ ନେଇ ମର୍ଡର ସିନ ରିକ୍ରିଏସନ କରିବା ସହ ରକ୍ତଭିଜା ପୋଷାକ କେଉଁଠି ଫିଙ୍ଗିଛି, ଘଟଣା ଘଟାଇବା ପରେ କିଏ କିଏ ଆଶ୍ରୟ ଦେଇଥିଲେ ସେ ସମସ୍ତ ବିଷୟରେ ତଥ୍ୟ ହାସଲ କରିବ। ସୂଚନା ଯୋଗ୍ୟ ଯେ ଗତ ମାସ ୭ ତାରିଖ ସକାଳେ ଅଭିଯୁକ୍ତ ଗୌରୀଙ୍କୁ ଡାକ୍ତର ଦେଖାଇବା ବାହାନାରେ ବାଦାମବାଡ଼ି ବସ ଷ୍ଟାଣ୍ଡରୁ ଚାଲି ଚାଲି ରିଂ ବନ୍ଧରେ ରାଜାବଗିଚା କାଠଯୋଡ଼ି କୂଳ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଜଳନ୍ଧର ଏକ ଇଟାରେ ଗୌରୀର ମୁଣ୍ଡକୁ ଛେଚି ହତ୍ୟା କରିବା ପରେ ନଦୀ ବାଲିରେ ଛାଡି ପଳାଇଥିଲା । ପରେ ସ୍ଥାନୀୟ ଲୋକ ମୃତ ଦେହ ଦେଖି ସନ୍ଧ୍ୟାରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଏକ ମାମଲା ରୁଜୁ କରି ୩ଟି ଟିମ ଗଠନ କରି ଗୌରୀ ହାତରେ ଥିବା ଚିଟା ଲେଖାରୁ ଖିଅ ବାହାର କରି ଜଳନ୍ଧରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଯୁବକଙ୍କ ମୃତ୍ୟୁ ସନ୍ଦେହ ଘେରରେ

ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ଫତେଗଡ ଥାନା ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି। ଗ୍ରାମର ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ଏକମାତ୍ର ପୁଅ ସନ୍ତୋଷ ମଲ୍ଲିକ କଟକ ଆଠଗଡ ଥାନା ଆନନ୍ଦପୁର ଗ୍ରାମରେ ବିବାହ କରିଥିଲେ। ତାଙ୍କର ତିନି ବର୍ଷର ପୁଅଟିଏ ରହିଛି। ଅନ୍ତର୍ଯ୍ୟାମୀ ଭୁବନେଶ୍ୱର ଯାଇ ଅପରାହ୍ନରେ ଘରକୁ ଫେରିଥିଲେ। ଘର କବାଟ ଆଉଜା ହୋଇ ରହିଥିଲା। ସେ କବାଟ ଖୋଲି ଦେଖିଲେ ଯେ ତାଙ୍କର ପୁଅ ମରି ଶୋଇଛି ଓ ଘରେ ବୋହୂ ଓ ନାତି ନାହାନ୍ତି। ଭାପୁର ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଯୁବକଙ୍କୁ ଆଣିଥିଲେ। ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିବା ସହ ରାତି ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ପାଇଁ ସୋମବାର ଖଣ୍ଡପଡା ପଠାଇଥିଲେ । ମୃତ ଯୁବକଙ୍କ ବାପା ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ ମୋ ପୁଅର କିପରି ମୃତ୍ୟୁ ହୋଇଛି ତାହା ମୁଁ ଜାଣି ନାହିଁ ତେଣୁ,ଏହାର ତଦନ୍ତ କରାଯାଉ।

ଘର ତାଲାଭାଙ୍ଗି ଚୋରି, ଲୁଟେରା ଗିରଫ

ଭୁବନେଶ୍ୱର(ନି.ପ୍ର) : ଘରର ତାଲା ଭାଙ୍ଗି ନଗଦ ଟଙ୍କା, ସୁନା ମୁଦି ଓ ଦାମୀ ମୋବାଇଲ୍ ଫୋନ୍ ଚୋରି କରିଥିବା ଜଣେ ଚୋରକୁ ଭରତପୁର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଜ୍ଞାନବିଭୂ ନାୟକ। ତା' ନିକଟରୁ ଚୋରି ହୋଇଥିବା ନଗଦ ୧୦,୦୦୦/- ଟଙ୍କା, ଗୋଟିଏ ସୁନା ମୁଦି ଏବଂ ଏକ ଇନଫିନିକ୍ସ ସ୍ମାର୍ଟଫୋନ୍ ପୁଲିସ ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ରାତିରେ କେହି ଜଣେ ଦୁର୍ବୃତ୍ତ ଭରତପୁର ସ୍ଥିତ ଅଭିଯୋଗକାରୀ ଅସୀମ ଚନ୍ଦ୍ର ରାୟଙ୍କ ଘରର ତାଲା ଭାଙ୍ଗି ଭିତରେ ପଶି ନଗଦ ୪୦,୦୦୦/- ଟଙ୍କା, ଗୋଟିଏ ସୁନା ମୁଦି ଏବଂ ଏକ ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲା। ଆଜି ତା ୦୨.୧୧.୨୦୨୬ ସକାଳେ ଚୋରି ହୋଇଥିବା ଜାଣିବା ପରେ ଅଭିଯୋଗକାରୀ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ପାଇନଥିଲେ। ସ୍ଥାନୀୟ ଯୁବକ ମଣ୍ଟୁ ନାୟକଙ୍କ ଉପରେ ସନ୍ଦେହ ପ୍ରକାଶ କରି ସେ ଭରତପୁର ଥାନାରେ ଏତଲା ଦାୟର କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ତୁରନ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ହରପାର୍ବତୀ ସାହି ଯୁଥ୍ କ୍ଲବ୍ ନିକଟରେ ଚଢ଼ାଉ କରି ସନ୍ଦିଗ୍ଧ ଅଭିଯୁକ୍ତ ଜ୍ଞାନବିଭୁ ନାୟକ ଓରଫ୍ ମଣ୍ଟୁଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ତା' ନିକଟରୁ ଚୋରି ହୋଇଥିବା ଏକ ଇନଫିନିକ୍ସ ମୋବାଇଲ୍ ଫୋନ୍, ନଗଦ ୧୦,୦୦୦/- ଟଙ୍କା ଏବଂ ୧.୩୫ ଗ୍ରାମ୍ ଓଜନର ଗୋଟିଏ ସୁନା ମୁଦି ଉଦ୍ଧାର ହୋଇଥିଲା। ଉକ୍ତ ସାମଗ୍ରୀର କୌଣସି ବୈଧ ବିଲ୍ ବା ମାଲିକାନା ସମ୍ପର୍କିତ କାଗଜପତ୍ର ସେ ଦାଖଲ କରିପାରିନଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଅସୀମ ଚନ୍ଦ୍ର ରାୟଙ୍କ ଘରୁ ଚୋରି କରିଥିବା କଥା ସ୍ୱୀକାର କରିଛି। ଆଜି ଅଭିଯୁକ୍ତକୁ ୧୫ ଦିନିଆ ରିମାଣ୍ଡ ପାର୍ଥନା ସହିତ କୋର୍ଟ ଚାଲାଣ କରାଯାଇଛି।

ଅଭ୍ୟାସଗତ ଅପରାଧୀ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ଜେଏମଏଫସି-୩ କରୋନିକା ଘୋଷଙ୍କ ଅଦାଲତ ଆଜି ଏକ ବାଇକ୍ ଚୋରି ମାମଲାରେ ଅଭ୍ୟାସଗତ ଅପରାଧୀ ସନ୍ତୋଷ ବେହେରାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଶେଷ କଥା ହେଉଛି, ଏଫଆଇଆର ରୁଜୁ ହେବାର ମାତ୍ର ୨୦ଦିନ ମଧ୍ୟରେ ପୁଲିସର ତତ୍ପରତା ଯୋଗୁଁ ଅଦାଲତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ବିବରଣୀରୁ ପ୍ରକାଶ; ଗତ ୧୩.୧୦.୨୦୨୬ ତାରିଖ ପୂର୍ବାହ୍ନ ପ୍ରାୟ ୧୧.୩୦ ରେ ଅଭିଯୋଗକାରୀ ପାପୁ ମଲ୍ଲିକ ନୟାପଲ୍ଲୀ ଆହାର କେନ୍ଦ୍ରକୁ ଖାଇବାକୁ ଆସିଥିଲେ। ସେ ନିଜର ଗ୍ଲାମର ବାଇକ୍‌ଟିକୁ ବାହାରେ ପାର୍କିଂ କରିଥିଲେ, କିନ୍ତୁ ୧୨.୦୦ ଟାରେ ବାହାରକୁ ଆସିବା ବେଳକୁ ବାଇକ୍‌ଟି ନଥିଲା। ସେ ତୁରନ୍ତ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ଏସଆଇ ଶୁଭ୍ରାଂଶୁ ମହାପାତ୍ର ତୁରନ୍ତ ତଦନ୍ତ ଆରମ୍ଭ କରିଥିଲେ। ଦିନ ପ୍ରାୟ ୨.୫୦ ରେ ସିଆରପି ଛକ ନିକଟରେ ଚୋରି ବାଇକ୍ ଚଳାଇ ଆସୁଥିବା ବେଳେ ପୋଲିସ ଟିମ୍ ଅଭିଯୁକ୍ତକୁ ଅଟକାଇଥିଲା। ସେ ଗାଡ଼ି ଛାଡ଼ି ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ ପୋଲିସ ତାକୁ କାବୁ କରି ଗିରଫ କରିଥିଲା ଏବଂ ଚୋରି ବାଇକ୍ ଜବତ କରିଥିଲା। ପୋଲିସ ଏତଲା ଦିନ ଅର୍ଥାତ୍ ୧୩.୧୦.୨୦୨୬ ରେ ତାକୁ ଗିରଫ କରିଥିଲା ଏବଂ ପରଦିନ ୧୪.୧୦.୨୦୨୬ ରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲା। ଦ୍ରୁତ ବିଚାର ସମୟରେ ସରକାରୀ ଓକିଲ ଶ୍ରୀ କଳ୍ପତରୁ ସାହୁ ଏବଂ ସୁଶ୍ରୀ ଚିରନ୍ତନୀ ବାଗ ମୋଟ ୬ ଜଣ ସାକ୍ଷୀଙ୍କ ଜବାନବନ୍ଦି ରେକର୍ଡ କରିବା ସହ ୮ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଉପସ୍ଥାପନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର ଅଦାଲତ ଅଭିଯୁକ୍ତକୁ ବିଏନଏସ ର ଧାରା ୩୦୩(୨) ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଅଭିଯୁକ୍ତକୁ ୨,୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି ଏବଂ ଜୋରିମନା ଅନାଦେୟରେ ତାକୁ ୧ ମାସର ସାଧାରଣ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାସ୍ତାରେ ଯାତ୍ରୀଙ୍କୁ ଅଟକାଇ ଲୁଟ୍, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର) : ଭୋର ସମୟରେ ଅଟୋରିକ୍ସାରେ ଯାଉଥିବା ଜଣେ ମହିଳା ଯାତ୍ରୀଙ୍କୁ ଅଟକାଇ ବଳପୂର୍ବକ ସୁନା ଅଳଙ୍କାର ଓ ମୋବାଇଲ୍ ଫୋନ୍ ଲୁଟ୍ କରିଥିବା ଏକ ସଂଗଠିତ ଅପରାଧୀ ଗ୍ୟାଙ୍ଗର ଜଣେ କୁଖ୍ୟାତ ଲୁଟେରା ସମେତ ଚୋରା ସୁନା ଅଳଙ୍କାର ଲୁଚାଇ ରଖିଥିବା ତା'ର ସହଯୋଗୀକୁ ଖାରବେଳନଗର ଥାନା ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସନ୍ତୋଷ ନାୟକ ଓ ସୁନୀଲ ଦଳେଇ। ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ପ୍ରାୟ ୩୮ ଗ୍ରାମ ଓଜନର ସୁନା ଅଳଙ୍କାର (ଗୋଟିଏ ସୁନା ହାର, ୨ଟି ସୁନା ଚେନ୍, ଦୁଇ ଯୋଡ଼ା କାନ ଟପ୍, ଗୋଟିଏ କାନଫୁଲ, ଏକ ଯୋଡ଼ା ସୁନା ପଟା ଓ ନାକଫୁଲ) ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୩୦.୧୦.୨୦୨୬ ତାରିଖ ଭୋର ପ୍ରାୟ ୦୪.୩୦ ମିନିଟରେ ଅଭିଯୋଗକାରିଣୀ ହାଜେରା ଖାତୁନ୍ ନିଜ ସ୍ୱାମୀଙ୍କ ସହ ବାଣୀବିହାରରେ ବସ୍‌ରୁ ଓହ୍ଲାଇ ଏକ ଅଟୋରିକ୍ସା ଯୋଗେ ପିପିଲି ଅଭିମୁଖେ ଯାଉଥିଲେ। ଭୋର ପ୍ରାୟ ୦୫.୦୦ ଟାରେ ଜନପଥ ରୋଡ୍ ?ର ଗିରିଦୁର୍ଗା ମନ୍ଦିର ସମ୍ମୁଖରେ ଏକ ନାଲି ରଙ୍ଗର ହିରୋ ସ୍ପ୍ଲେଣ୍ଡର ଆଇ-ସ୍ମାର୍ଟ ବାଇକ୍ ?ରେ ଦୁଇ ଜଣ ଦୁର୍ବୃତ୍ତ ଆସି ଅଟୋକୁ ଅଟକାଇଥିଲେ। ସେମାନେ ମହିଳାଙ୍କ ହାତରୁ ବଳପୂର୍ବକ ପର୍ସ ଛଡ଼ାଇ ନେଇଥିଲେ। ମହିଳାଙ୍କ ସ୍ୱାମୀ ଏବଂ ଅଟୋ ଚାଳକ ପ୍ରତିବାଦ କରିବାରୁ ସେମାନଙ୍କୁ ଠେଲାପେଲା କରି ମାରଣାନ୍ତକ ଧମକ ଦେଇ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ପର୍ସ ଭିତରେ ବିପୁଳ ପରିମାଣର ସୁନା ଅଳଙ୍କାର ଓ ଏକ ଭିଭୋ ମୋବାଇଲ୍ ଫୋନ୍ ରହିଥିଲା। ଏନେଇ ଥାନାରେ ଏତଲା ହେବା ପରେ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି କେଦାରପଲ୍ଲୀ ବସ୍ତିର କୁଖ୍ୟାତ ଲୁଟେରା ସନ୍ତୋଷ ନାୟକ ଓରଫ୍ ରକେଟ୍ ଏବଂ ତା'ର ସହଯୋଗୀ ଆକାଶ ନାୟକ ଓରଫ୍ ଗୁଣ୍ଡା ଏହି ଲୁଟ୍ କରିଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତମାନେ ଲୁଟ୍ କରିଥିବା ସୁନା ଅଳଙ୍କାର ବିକ୍ରି କରିବା ପାଇଁ ସୁନୀଲ ଦଳେଇ ନାମକ ଅନ୍ୟ ଜଣେ ସହଯୋଗୀକୁ ଦେଇଥିଲେ। ଆଜି ତା ୦୨.୧୧.୨୦୨୬ ପୋଲିସ ମାଷ୍ଟର କ୍ୟାଣ୍ଟିନ୍ ସ୍ଥିତ 'ଆମ ବସ୍' ଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ସନ୍ତୋଷ ନାୟକ ଓରଫ୍ ରକେଟ୍ ଏବଂ ସୁନୀଲ ଦଳେଇଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଚୋରା ସୁନା ଅଳଙ୍କାର ଜବତ ହୋଇଥିଲା। ଅଭିଯୁକ୍ତ ସନ୍ତୋଷ ନାୟକ ଓରଫ୍ ରକେଟ୍ ର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣପଡିଛି ଯେ, ସେ ଜଣେ ଅଭ୍ୟାସଗତ କୁଖ୍ୟାତ ଲୁଟେରା ଓ ଦଣ୍ଡିତ ଅପରାଧୀ। ତା' ନାମରେ ରାଜଧାନୀର ବିଭିନ୍ନ ଥାନାରେ ୧୯ଟି ସାଂଘାତିକ ରାହାଜାନି ଓ ଚୋରି ମାମଲା ରହିଛି। ଆଜି ଦିନ ୧୨.୧୪ ମିନିଟରେ ଉଭୟଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଫେରାର୍ ଅଭିଯୁକ୍ତ ଆକାଶ ନାୟକ ଓରଫ୍ ଗୁଣ୍ଡାକୁ ଧରିବା, ଲୁଟ୍ ମୋବାଇଲ୍, ଗୋଟିଏ ମୁଦି ଏବଂ ଅପରାଧରେ ବ୍ୟବହୃତ ବାଇକ୍ ଜବତ କରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି।

ମହିଳାଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ନିଶାସକ୍ତ ଅବସ୍ଥାରେ ପଡ଼ୋଶୀଙ୍କୁ ଆକ୍ରମଣ ଉଦ୍ୟମ ବେଳେ ବାରଣ କରିବାରୁ ନିଜ ସ୍ତ୍ରୀଙ୍କ ମୁଣ୍ଡକୁ ନିର୍ମମ ଭାବେ ପିଟି ରକ୍ତାକ୍ତ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବାବୁ ନାୟକ। ପୁଲିସ ତାକୁ ଆଜି କୋର୍ଟ ଚାଲାଣ କରିଛି। ତେବେ ଆକ୍ରମଣରେ ଗୁରୁତର ଆହତ ମହିଳାଙ୍କ ମୁଣ୍ଡରେ ୧୮ଟି ଷ୍ଟିଚ୍ ପଡ଼ିଥିବା ଜଣାପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ରାତି ପ୍ରାୟ ୦୯.୦୦ ଟାରେ କାର୍ଗିଲ୍ ବସ୍ତି ତ୍ରିନାଥ ସାହି ସ୍ଥିତ ଅଭିଯୋଗକାରିଣୀ ଜୟନ୍ତୀ ନାୟକଙ୍କ ଘରକୁ ତାଙ୍କ ସ୍ୱାମୀ ଅଭିଯୁକ୍ତ ବାବୁ ନାୟକ ଅତ୍ୟଧିକ ମଦ୍ୟପାନ କରି ଆସିଥିଲା। ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜଣେ ପଡ଼ୋଶୀଙ୍କ ସହ ଝଗଡ଼ା କରି ଏକ ଲୁହା ରଡ୍‌ରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ପଡ଼ୋଶୀଙ୍କ ଜୀବନ ରକ୍ଷା କରିବା ପାଇଁ ଅଭିଯୋଗକାରିଣୀ ମଝିରେ ପଶି ନିଜ ସ୍ୱାମୀକୁ ବାରଣ କରିବାରୁ ଅଭିଯୁକ୍ତ ବାବୁ ନାୟକ ଉତକ୍ଷିପ୍ତ ହୋଇ ତାଙ୍କୁ ଟାର୍ଗେଟ୍ କରିଥିଲା। ସେ ନିଜ ସ୍ତ୍ରୀ ଅଚେତ ହୋଇ ତଳେ ପଡ଼ିଯିବା ପର୍ଯ୍ୟନ୍ତ ତାଙ୍କ ମୁଣ୍ଡକୁ କ୍ରମାଗତ ଭାବେ ନିର୍ଦ୍ଦୟ ଭାବେ ପିଟି ରକ୍ତାକ୍ତ କରିଦେଇଥିଲା। ପତ୍ନୀ ଏବଂ ପଡ଼ୋଶୀଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିବା ବେଳେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ତାଙ୍କ ମୁଣ୍ଡରେ ୧୮ଟି ଷ୍ଟିଚ୍ ପଡ଼ିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ମଦ୍ୟପାନ କରି ନିଜ ବୃଦ୍ଧ ପିତାଙ୍କୁ ମଧ ମାରିଦେବାକୁ ଧମକ ଦେଇଥିଲା। ଘଟଣା ସମ୍ପର୍କରେ ଏତଲା ପାଇବା ପରେ ଏୟାରପୋର୍ଟ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ତା ୦୨.୧୧.୨୦୨୬ ପୂର୍ବାହ୍ନରେ ଗୋପନୀୟ ସୂଚନା ଆଧାରରେ ପୋଲିସ ତ୍ରିନାଥ ମଣ୍ଡପ ନିକଟରେ ଚଢ଼ାଉ କରି ଶୋଇଥିବା ଅବସ୍ଥାରେ ଅଭିଯୁକ୍ତ ବାବୁ ନାୟକଙ୍କୁ କାବୁ କରିଥିଲା। ପଚରାଉଚରା ବେଳେ ସେ ନିଜ ଦୋଷ ସ୍ୱୀକାର କରିଛି। ଆଜି ଅପରାହ୍ନ ୦୧.୩୦ ମିନିଟରେ ଅଭିଯୁକ୍ତଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ପ୍ରଶାସନର ନିର୍ଦ୍ଦେଶକୁ ଖୋଲା ଚ୍ୟାଲେଞ୍ଜ !

ଠିପି ବନ୍ଦ ମଦ ଦୋକାନ ଆଗରେ ଚାଲିଛି ଚୋରା ବିକ୍ରି




ମାଲକାନଗିରି(ନିପ୍ର): ବାତ୍ୟା ଓ ପ୍ରବଳ ବର୍ଷାର ଆଶଙ୍କାକୁ ଦୃଷ୍ଟିରେ ରଖି ମଦ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ। ହେଲେ ଏହି ନିର୍ଦ୍ଦେଶକୁ କେତେ ଗୁରୁତ୍ୱ ଦିଆଯାଉଛି ? ପ୍ରଶାସନର ନିୟମ କେବଳ କାଗଜପତ୍ରରେ ସୀମିତ ରହିଯାଇଛି କି? ମାଲକାନଗିରି ସଦର ମହକୁମାର ଶୁକମା ରାସ୍ତା ପାର୍ଶ୍ୱରେ ଥିବା ଏକ ଠିପି ବନ୍ଦ ମଦ ଦୋକାନକୁ ନେଇ ଏଭଳି ସାଂଘାତିକ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କାରେ ଜିଲ୍ଲାର ମଦ ଦୋକାନଗୁଡ଼ିକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଅଭିଯୋଗ ହେଉଛି, ଶୁକମା ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ମଦ ଦୋକାନ ବାହାରେ କିଛି କର୍ମଚାରୀ ଲୁଚାଛପାରେ ଲୋକଙ୍କୁ ମଦ ବିକ୍ରି କରୁଛନ୍ତି। ଦୋକାନର ଠିପି ବନ୍ଦ, କିନ୍ତୁ ଭିତରେ ଓ ବାହାରେ କାରବାର ଚାଲିଥିବା ଅଭିଯୋଗ ପ୍ରଶାସନର ନିର୍ଦ୍ଦେଶ ପାଳନ ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଜିଲ୍ଲା ସଦର ମହକୁମାରେ ଯଦି ଏଭଳି ଭାବେ ନିୟମ ଉଲ୍ଲଂଘନ ହେଉଥିବା ଅଭିଯୋଗ ଆସୁଛି, ତେବେ ଦୁର୍ଗମ ଗାଁ ଓ ବ୍ଲକ ଅଞ୍ଚଳରେ ପରିସ୍ଥିତି କିପରି ଥିବ, ସେଠାରେ ନିର୍ଦ୍ଦେଶର ତଦାରଖ କିଏ କରୁଛି ? ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାହାର ନଜର ଅଛି। ବାତ୍ୟା ଓ ପ୍ରବଳ ବର୍ଷା ସମୟରେ ଜନସାଧାରଣଙ୍କ ସୁରକ୍ଷା ପ୍ରଶାସନର ପ୍ରଥମ ଦାୟିତ୍ୱ। ଏଭଳି ସମୟରେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବା ଅଭିଯୋଗ ଯଦି ସତ୍ୟ, ତେବେ ଏହା କେବଳ ନିୟମ ଉଲ୍ଲଂଘନ ନୁହେଁ, ବରଂ ପ୍ରଶାସନିକ ତଦାରଖ ବ୍ୟବସ୍ଥା ଉପରେ ମଧ ଏକ ବଡ଼ ପ୍ରଶ୍ନ। ଏବେ ପ୍ରଶ୍ନ ଉଠୁଛି, ପ୍ରଶାସନର ନିର୍ଦ୍ଦେଶକୁ ଖାତିର ନାହିଁ କାହିଁକି, ଏଭଳି ଅଭିଯୋଗ ଉପରେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ କେବେ ତଦନ୍ତ କରିବେ ? ଦୋଷୀଙ୍କ ବିରୋଧରେ କେବେ ହେବ କାର୍ଯ୍ୟାନୁଷ୍ଠାନ ଏବେ ସମସ୍ତଙ୍କ ନଜର ଜିଲ୍ଲା ପ୍ରଶାସନର ପଦକ୍ଷେପ ଉପରେ ରହିଛି।

ମହିଳା ଜେଲରଙ୍କୁ ଏକୁଟିଆ ହୋଟେଲକୁ ଡାକିବା ଘଟଣା

ପୂର୍ବତନ ଜେଲ ଡିଜିଙ୍କୁ ଘାରିଲା ଗିରଫ ଭୟ, ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ

କଟକ(ନିପ୍ର): ଜଣେ ପୂର୍ବତନ ମହିଳା ଜେଲରଙ୍କୁ ଯୌନ ନିର୍ଯାତନା ମାମଲାରେ ଫସିଥିବା ପୂର୍ବତନ ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ସୋମବାର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ତାଙ୍କ ସହଯୋଗୀ କୁଳଦୀପ ରଥ ମଧ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହି ଦୁଇ ଜଣଙ୍କ ନାଁରେ ଚୌଦ୍ୱାର ଥାନା ରୁଜୁ ହୋଇଛି ମାମଲା। ଏହି ଅଭିଯୋଗ ଆସିବା ପରେ ସୁଶାନ୍ତ କୁମାର ନାଥଙ୍କୁ ଗତକାଲି ସରକାର ଜେଲ୍ ଡିଜି ପଦରୁ ହଟାଇ ଓଏସ୍‌ଡି ଭାବେ ଗୃହ ବିଭାଗକୁ ବଦଳି କରିଛନ୍ତି। ଡିଜି ପାହ୍ୟାର ବରିଷ୍ଠ ଆଇପିଏସ୍ ଅଫିସର ସୁଶାନ୍ତ ନାଥଙ୍କ ବିରୋଧରେ ଏହିଭଳି ସାଂଘାତିକ ଅଭିଯୋଗ କରିଛନ୍ତି ଚୌଦ୍ୱାର ସର୍କଲ ଜେଲର ଜଣେ ପୂର୍ବତନ ମହିଳା ଜେଲର। ତାଙ୍କ ଅଭିଯୋଗ ଆଧାରରେ ଚୌଦ୍ୱାର ଥାନାରେ ଶ୍ରୀ ନାଥଙ୍କ ନାଁରେ ରୁଜୁ ହୋଇଛି ମାମଲା। ଏ ସଂପର୍କରେ କମିଶନରେଟ ପୁଲିସ ପକ୍ଷରୁ ଅକ୍ଟୋବର ୩୧ ତାରିଖରେ ଗୃହ ବିଭାଗକୁ ଅବଗତ କରାଯିବା ପରେ ଗତକାଲି ଶ୍ରୀ ନାଥଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଦିଆଯାଇଥିଲା। ଚୌଦ୍ୱାର ଜେଲ୍‌ର ଉକ୍ତ ପୂର୍ବତନ ମହିଳା ଜେଲର୍ ଅଭିଯୋଗ କରିଛନ୍ତି ଯେ କୁଳଦୀପ ରଥ ନାମକ ଜଣେ ବ୍ୟକ୍ତି ଜେଲ୍ ପରିଦର୍ଶନରେ ଆସିଥିବା ବେଳେ ନିଜକୁ ଡିଜି (ଜେଲ)ଙ୍କ ବନ୍ଧୁ ଭାବେ ପରିଚୟ ଦେଇଥିଲେ ଓ ତାଙ୍କ ମୋବାଇଲ ଫୋନ୍ ନମ୍ବର ନେଇଥିଲେ। ପରେ କୁଳଦୀପ ରଥ ତାଙ୍କ ପାଖକୁ ଇମୋଜି ସହିତ ଏମିତି କିଛି ମେସେଜ୍ ପଠାଇଥିଲେ, ଯେଉଁଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ। ୨୦୨୫ ଅଗଷ୍ଟ ୨୯ ଓ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ କୁଳଦୀପ ରଥ ତାଙ୍କୁ ଏକ ହୋଟେଲକୁ ଏକୁଟିଆ ଆସିବାକୁ ନିମନ୍ତ୍ରଣ କରିଥିଲେ। ସେଠାରେ ଡିଜି ତାଙ୍କୁ ଏକାକୀ ଭେଟିବାକୁ ଚାହୁଁଥିବା ସେ କହିଥିଲେ। ତେବେ ପୂର୍ବତନ ମହିଳା ଜେଲର ଏହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଫଳସ୍ୱରୂପ ସୁଶାନ୍ତ କୁମାର ନାଥ ତାଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ତାଙ୍କର ସେହି ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ ସହିତ ଯୋଡ଼ିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୭/୮ ତାରିଖରେ ହୋଇଥିବା ବୈଠକରେ ସେ ତାଙ୍କୁ କହିଥିଲେ, 'ତୁମେ ଯଦି ମୋତେ ଭେଟିବାକୁ ଆସିଥାଆନ୍ତ, ତା'ହେଲେ ଏସବୁର ସମ୍ମୁଖୀନ ହୋଇନଥାନ୍ତ।' ଏହି ପୂର୍ବତନ ମହିଳା ଜେଲର୍ ଆହୁରି ଅଭିଯୋଗ କରିଛନ୍ତି ଯେ ଚୌଦ୍ୱାର ଜେଲ୍‌ର ପୂର୍ବତନ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସେ ଦେଇଥିବା ଏଫଆଇଆରକୁ ପ୍ରତ୍ୟାହାର କରିନେବାକୁ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ ସୁଶାନ୍ତ କୁମାର ନାଥ। ଏହା ସହିତ ତାଙ୍କୁ ଚାକିରିରୁ ବାହାର କରିଦେବାକୁ ତଥା ଶାରୀରିକ କ୍ଷତି ପହଞ୍ଚାଇବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସୁଶାନ୍ତ ନାଥଙ୍କ ବିରୋଧରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ପଦବୀର ଅପବ୍ୟବହାର, ଅପରାଧିକ ଧମକ ଓ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ ଆସିବା ପରେ ଆକ୍ସନ ମୁଡ୍‌କୁ ଆସିଥିଲେ ରାଜ୍ୟ ସରକାର। ତାଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି। ଗୋଟିଏ ପଟେ ଯୌନ ନିର୍ଯାତନା ଭଳି ସଂଗୀନ ଅଭିଯୋଗରେ ଛନ୍ଦି ହୋଇପଡ଼ିଥିବା ସୁଶାନ୍ତ ନାଥଙ୍କୁ ଲାଗିଛି ଆଉ ଏକ ଝଟକା। ସଂସଦୀୟ କମିଟି ପକ୍ଷରୁ ଓଡ଼ିଶାର ଜେଲ୍ ସୁରକ୍ଷା ନେଇ ଉଦବେଗ ପ୍ରକାଶ କରାଯିବା ସହ ଏ ସମ୍ବନ୍ଧରେ ଆସନ୍ତାକାଲି ହାଜର ପାଇଁ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ସୁଶାନ୍ତ ନାଥଙ୍କୁ ନୋଟିସ୍ କରିଛନ୍ତି। ୨୦୨୫ ଅକ୍ଟୋବର ୨ ତାରିଖରେ ଚୌଦ୍ୱାର ସର୍କଲ ଜେଲରୁ ଦୁଇ ବିହାରୀ କଏଦୀ ଚମ୍ପଟ ମାରିବା ପରେ ଜେଲ ସୁରକ୍ଷା ନେଇ ଉଠିଥିଲା ପ୍ରଶ୍ନ। ପରେ ପରେ ସନ୍ଦେହ ଘେରରେ ଥିବା ପୂର୍ବତନ ଚୌଦ୍ୱାର ଜେଲ ଅଧୀକ୍ଷକ ସୁଜିତ ରାଉଳ ଗିରଫ ଘଟଣା ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଥିଲା। ଏହାରି ଭିତରେ ଖୋଲାଖୋଲି ଭାବେ ସୁଜିତ ରାଉଳଙ୍କୁ ଜେଲ ଡିଜି ସୁଶାନ୍ତ ନାଥ ସୁରକ୍ଷା ଦେଉଥିବା ସାଂସଦ ସୁଜିତ କୁମାର ଅଭିଯୋଗ କରିଥିଲେ।

ବସ୍ ସାଇଡ୍ ମାରିବାରୁ ଓଲଟିଲା ପିକ୍‌ଅପ୍ ଭ୍ୟାନ୍



ସାଲେପୁର(ନିପ୍ର): କଟକ-ଚାନ୍ଦବାଲି ରାସ୍ତାର ନାନ୍ଦୋଳଗଡ଼ା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଜଗତପୁରରୁ ପଟ୍ଟାମୁଣ୍ଡାଇ ଅଭିମୁଖେ କୁରକୁରେ ବୋଝେଇ କରି ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଏକ ବସ୍ ସାଇଡ୍ ମାରିବାରୁ ନାନ୍ଦୋଳଗଡା ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ତେବେ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଉକ୍ତ ରାସ୍ତାରେ ସଦାସର୍ବଦା ଛୋଟ ଓ ବଡ ଯାନବାହନ ଚଳାଚଳ କରିଥାଏ, ଗାଡି ଚାଳକମାନଙ୍କ ବେପରୁଆ ଓ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଏପରି ଦୁର୍ଘଟଣାମାନ ଘଟୁଛି। ଖବର ପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

୪୨୭ ବନ୍ୟା ବିପନ୍ନ ପରିବାରକୁ ରିଲିଫ୍ ବଣ୍ଟନ

ରମ୍ଭା,୨/୧୧(ନିପ୍ର): ବନ୍ୟା ବିପନ୍ନଙ୍କ ଦୁଃଖ ସମୟରେ ସହାୟତାର ହାତ ବଢ଼ାଇଛନ୍ତି ସ୍ୱେଚ୍ଛାସେବୀ। ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ୍‌ର ପୋଇରାସି ପଞ୍ଚାୟତ ଅନ୍ତର୍ଗତ ଏନ୍. ବରପଲ୍ଲୀ ଏବଂ ପୁରୁଷୋତ୍ତମପୁର ବ୍ଲକ୍‌ର ବାଗଦେଇ ଛକ ଓ କାର୍ଗିଲ ବସ୍ତିର ୪୨୭ଟି ବନ୍ୟା ପ୍ରଭାବିତ ପରିବାରକୁ ନିଜସ୍ୱ ଉଦ୍ୟମ ଓ ଆର୍ଥିକ ସହଯୋଗରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଅଭିଯାନରେ ବିପନ୍ନ ପରିବାରଙ୍କୁ ଚୁଡ଼ା, ଚିନି, ବିସ୍କୁଟ୍, ମହମବତୀ, ଦିଆସିଲି, ପାନୀୟ ଜଳ ଓ ସାନିଟାରୀ ନ୍ୟାପକିନ୍ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ



ଅସୁସ୍ଥ ବ୍ୟକ୍ତିଙ୍କୁ ଔଷଧ ଓ ଓଆରଏସ୍ ବଣ୍ଟନ କରାଯାଇଥିଲା। ବିପର୍ଯ୍ୟୟ ସମୟରେ ଖାଦ୍ୟ ଓ ପାନୀୟ ଜଳ ସହ ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ମାନବୀୟ ସେବା କାର୍ଯ୍ୟରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟକର୍ମୀ ଡି. ଦେବହରି ରେଡ୍ଡୀ, ସୁଧାକର ପାଣିଗ୍ରାହୀ, ସାନୁଜ ପଟ୍ଟନାୟକ, ବାହିନୀପତି ପଟ୍ଟନାୟକ, ସୁରୋଜ ଚନ୍ଦ୍ର ପଣ୍ଡା, ବାସୁଦେବ ଗୌଡ଼, ଅଜିତ୍ ପଣ୍ଡା, ସହଦେବ ସାହୁ, ୟୁ. ଚୈତନ୍ୟ, ପ୍ରଦୀପ ଓଁକାର, ଆଁ. ସୁନୀତା, ପ୍ରିୟବ୍ରତ ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ କୁନି ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏଥିସହ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଓ ଛତ୍ରପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଆର୍ଥିକ ସହଯୋଗ ସହ ରିଲିଫ୍ ବଣ୍ଟନରେ ସାମିଲ ହୋଇଥିଲେ। ବିଭିନ୍ନ ଜିଲ୍ଲା ସମେତ ମୁମ୍ବାଇରେ କାର୍ଯ୍ୟରତ ବ୍ୟକ୍ତିମାନେ ମଧ୍ୟ ଏହି ମହତ୍ କାର୍ଯ୍ୟ ପାଇଁ ଅର୍ଥ ସହାୟତା ଯୋଗାଇଥିଲେ।

ପୂର୍ବତଟ ରେଳପଥରେ ବୃଦ୍ଧି ପାଉଛି ଟିକେଟ୍ ବୁକିଂ



ଭୁବନେଶ୍ୱର, ୨/୧୧(ପିଆଇବି): ପୂର୍ବତଟ ରେଳପଥ ନିଜ ଅଧିକାର କ୍ଷେତ୍ରର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ସ୍ୱତନ୍ତ୍ର ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ଟିକେଟ୍ ଅନୁଶାସନକୁ ପ୍ରୋତ୍ସାହିତ କରିବା ସହ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ ପ୍ରୟାସକୁ ଆହୁରି ତୀବ୍ର କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଯାତ୍ରୀମାନଙ୍କୁ ବୈଧ ଟିକେଟ୍ କ୍ରୟ ପାଇଁ ଉତ୍ସାହିତ କରିବା, ରେଳ ନିୟମର ଅନୁପାଳନ ସୁନିଶ୍ଚିତ କରିବା ଏବଂ ରେଳ ରାଜସ୍ୱର ସୁରକ୍ଷା କରିବା। ଏହି ଅଭିଯାନରେ ରେଳପଥର ବାଣିଜ୍ୟ ବିଭାଗର କର୍ମଚାରୀମାନେ ସମନ୍ୱିତ ଭାବେ ଟିକେଟ୍ ଯାଞ୍ଚ କରିବା, ଅନିୟମିତତା ଚିହ୍ନଟ କରିବା ଏବଂ ବୈଧ ଟିକେଟ୍ ବିନା ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ନିୟମିତ ଏବଂ ସୁନିର୍ଦ୍ଦିଷ୍ଟ ଟିକେଟ୍ ଯାଞ୍ଚ ଯାତ୍ରା ପୂର୍ବରୁ ଟିକେଟ୍ କ୍ରୟର ଗୁରୁତ୍ୱକୁ ସୁଦୃଢ଼ କରିବା ସହ ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି। ଟିକେଟ୍ ଯାଞ୍ଚ ଅଭିଯାନ ପରିପ୍ରେକ୍ଷୀରେ ଭୁବନେଶ୍ୱର ଓ ସମ୍ବଲପୁର ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଅନରିଜର୍ଭଡ୍ ଟିକେଟିଂ ସିଷ୍ଟମ୍ ମାଧ୍ୟମରେ ଟିକେଟ୍ ବୁକିଂ କାର୍ଯ୍ୟକଳାପରେ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ବିଶେଷ ଭାବେ, ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଦିନ ଟିକେଟ୍ ବୁକିଂରେ ୨୯ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି, ଯାହା ଯାଞ୍ଚ ଅଭିଯାନ ସମୟରେ ଟିକେଟ୍ କ୍ରୟ ପ୍ରବୃତ୍ତିରେ ସକାରାତ୍ମକ ପରିବର୍ତ୍ତନକୁ ସୂଚିତ କରୁଛି। ପୂର୍ବ ତଟ ରେଳପଥର ବାଣିଜ୍ୟ ବିଭାଗ ଜୋନ୍‌ର ପ୍ରମୁଖ ଷ୍ଟେସନଗୁଡ଼ିକରେ ସମନ୍ୱିତ ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକଙ୍କ ଦଳ ସହିତ ମୁଖ୍ୟାଳୟ ଏବଂ ଡିଭିଜନଗୁଡ଼ିକର ବାଣିଜ୍ୟ ବିଭାଗୀୟ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ, ତଦାରଖକୁ ସୁଦୃଢ଼ କରିଛି ଏବଂ ଟିକେଟ୍ ନିୟମର ପ୍ରଭାବଶାଳୀ ପ୍ରବର୍ତ୍ତନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଛି।

ବିଚ୍ ରାସ୍ତାରେ ଓକିଲ ସଂଘ ସଭାପତିଙ୍କୁ ଆକ୍ରମଣ

ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

ଅନୁଗୋଳ, ୨/୧୧(ନିପ୍ର): ଅନୁଗୋଳ ଓକିଲ ସଂଘର ସଭାପତି ଦିଲ୍ଲୀପ ସାହୁଙ୍କୁ ସୋମବାର ସକାଳେ ସହରର ଜଣେ ଯୁବକ ଅତର୍କିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀ ତାଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତଣ୍ଟି ଚିପି ଧରିଥିବା ଶ୍ରୀ ସାହୁ ଅଭିଯୋଗ



କରିଛନ୍ତି। ଘଟଣା ପରେ ଶ୍ରୀ ସାହୁ ଅନୁଗୋଳ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ସତ୍ତ୍ୱେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିନଥିବାରୁ ଓକିଲମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଅପରାହ୍ନ ପ୍ରାୟ ୩ଟାରୁ ଓକିଲ ସଂଘର ସମସ୍ତ ସଦସ୍ୟ ଟାଉନ୍ ଥାନା ଘେରାଉ କରି ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ଖବର ଲେଖାଯିବା ସୁଦ୍ଧା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅନୁଗୋଳ ଜିଲ୍ଲାର ଆଇନଶୃଙ୍ଖଳା ସ୍ଥିତି ଉପରେ ଓକିଲ ସଂଘ ପ୍ରଶ୍ନ ଉଠାଇଛି। ଜିଲ୍ଲାରେ ଚୋରି, ରାହାଜାନି, ଡକାୟତି, ଦୁଷ୍କର୍ମ ଓ ହତ୍ୟା ଭଳି ଅପରାଧ ଘଟୁଥିବା ସତ୍ତ୍ୱେ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ସଂଘ ଅଭିଯୋଗ କରିଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ ନକରିବା ପର୍ଯ୍ୟନ୍ତ ଥାନା ଘେରାଉ ଜାରି ରହିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି।

ଫଳପୁରରେ ଉଦ୍‌ଘାଟିତ ହେଲା ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

ଧାମନଗର, ୨/୧୧(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଫଳପୁରଠାରେ ନୂତନ ଭାବେ ନିର୍ମିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପସ୍ୱାସ୍ଥ୍ୟ କେନ୍ଦ୍ର)ର ଗୃହ ପ୍ରବେଶ ଓ ଶୁଭାରମ୍ଭ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ଏକ ଜରାଜୀର୍ଣ୍ଣ ଗୃହରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଥିବାରୁ ରୋଗୀ ଓ ସାଧାରଣ ଲୋକେ ବିଭିନ୍ନ ସମସ୍ୟା ଭୋଗୁଥିଲେ। ଏହାର ସମାଧାନ ପାଇଁ ପ୍ରାୟ ଚାରିବର୍ଷ ପୂର୍ବେ ନୂତନ କୋଠା ନିର୍ମାଣ ନିମନ୍ତେ ଶିଳାନ୍ୟାସ ହୋଇଥିଲା। ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପୂଜାର୍ଚ୍ଚନା ସହ ବିଧିବଦ୍ଧ ଭାବେ ଏହାର ଗୃହ ପ୍ରବେଶ କରାଯାଇଛି। ଏହି ଅବସରରେ ସ୍ଥାନୀୟ ସରକାରୀ କର୍ମଚାରୀ, ଆଶାକର୍ମୀ ଓ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ରୋଗୀଙ୍କୁ ଓଆରଏସ୍ ପ୍ରଦାନ କରାଯିବା ସହ ରକ୍ତଚାପ ମାପ କରାଯାଇଥିଲା। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଦ୍ୱାରା ଫଳପୁର ସମେତ ଆଖପାଖ ଅଞ୍ଚଳର ଲୋକେ, ବିଶେଷକରି ମହିଳା ଓ ମାତୃମାନେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ। ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ଅଞ୍ଚଳବାସୀ ସରକାର ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ ନିମନ୍ତେ ବୃହତ୍ ଶିବିର ଆୟୋଜନ

କଟଣୀ, ୨/୧୧(ନିପ୍ର): ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ ରେଳବାଇର ଅବସରପ୍ରାପ୍ତ କର୍ମଚାରୀ ଓ ପାରିବାରିକ ପେନ୍‌ସନ୍ ପ୍ରାପ୍ତକାରୀଙ୍କ ସୁବିଧା ନିମନ୍ତେ ଖୋର୍ଦ୍ଧାରୋଡ୍‌ଠାରେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ଏକ ବୃହତ୍ ଶିବିର ଆୟୋଜନ କରାଯାଇଛି । ଏହି ପଦକ୍ଷେପ ଦେଶବ୍ୟାପୀ ଆୟୋଜିତ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ୫.୦ର ଏକ ଅଂଶବିଶେଷ। ଏହି ଅଭିଯାନ ୦୧ ନଭେମ୍ବର ୨୦୨୬ ଠାରୁ ୩୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଚାଲୁ ରହିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅବସରପ୍ରାପ୍ତ ରେଳ କର୍ମଚାରୀ ଓ ପାରିବାରିକ ପେନ୍‌ସନ୍



ପ୍ରାପ୍ତକାରୀ ସହଜରେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ କରିବାର ସୁବିଧା ଯୋଗାଇବା ଏବଂ ସେମାନଙ୍କ ପେନ୍‌ସନ୍‌ର ନିରବଚ୍ଛିନ୍ନ ପ୍ରଦାନ ସୁନିଶ୍ଚିତ କରିବା।ମଣ୍ଡଳ ଅଧୀନରେ ବିଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିବା ପେନ୍‌ସନ୍ ପ୍ରାପ୍ତକାରୀଙ୍କ ସୁବିଧା ଓ ଅଧିକ ଅଂଶଗ୍ରହଣକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ସ୍ଥାନଗୁଡ଼ିକରେ ମଧ୍ୟ ଶିବିର ଆୟୋଜନ କରାଯିବ।ବ୍ରହ୍ମପୁର ରେଳବାଇ ସଂସ୍ଥାନ: ୦୪ ନଭେମ୍ବର ୨୦୨୬, ବାଲୁଗାଁ ବିଶ୍ରାମଗୃହ ୧୦ ନଭେମ୍ବର ୨୦୨୬, ପୁରୀ ସମ୍ମିଳନୀ କକ୍ଷ: ୧୨ ନଭେମ୍ବର ୨୦୨୬, ଭୁବନେଶ୍ୱର ରନିଂ ରୁମ୍: ୧୩ ନଭେମ୍ବର ୨୦୨୬, କଟକ ରେଳବାଇ ସଂସ୍ଥାନ: ୧୭ ନଭେମ୍ବର ୨୦୨୬, ପାରାଦୀପ ଏରିଆ ମ୍ୟାନେଜେର ସମ୍ମିଳନୀ କକ୍ଷ: ୧୯ ନଭେମ୍ବର ୨୦୨୬, ଅନୁଗୁଳ ସମ୍ମିଳନୀ କକ୍ଷ: ୨୧ ନଭେମ୍ବର ୨୦୨୬, ଭଦ୍ରକ ରେଳପଥ ରକ୍ଷଣାବେକ୍ଷଣ କାର୍ଯ୍ୟାଳୟ: ୨୭ ନଭେମ୍ବର ୨୦୨୬, କେନ୍ଦୁଝରଗଡ଼ ରେଳବାଇ ସଂସ୍ଥାନ: ୩୦ ନଭେମ୍ବର ୨୦୨୬. ପେନ୍‌ସନ୍ ପ୍ରାପ୍ତକାରୀ ଏବଂ ପରିବାର ପେନ୍‌ସନ୍ ପ୍ରାପ୍ତକାରୀ ମାନଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ସ୍ଥାନରେ ଆୟୋଜନ କରାଯାଉଥିବା ଶିବିରରେ ଯୋଗଦେବାକୁ କୁହାଯାଇଅଛି ।

ପୂର୍ବତଟ ରେଳପଥର ଆୟୋଜିତ ହେବ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦

ଭୁବନେଶ୍ୱର, ୨/୧୧(ପିଆଇବି): ପୂର୍ବତଟ ରେଳପଥ ପକ୍ଷରୁ ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀ ମାନଙ୍କ ପାଇଁ ୧ ନଭେମ୍ବରରୁ ୩୦ ନଭେମ୍ବର, ୨୦୨୬ ପର୍ଯ୍ୟନ୍ତ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦ ଆୟୋଜନ କରାଯିବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ସହଜ ଓ ସୁବିଧାଜନକ କରିବା ସହ ପେନସନଭୋଗୀ ମାନଙ୍କ ପାଇଁ ଅଧିକ ସୁଲଭ କରିବା। ପୂର୍ବ ତଟ ରେଳପଥ ଅଧୀନରେ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସମେତ ଖୋର୍ଦ୍ଧା ରୋଡ, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏହି ଶିବିର ଗୁଡ଼ିକରେ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନେ ଡିଜିଟାଲ ମାଧ୍ୟମରେ ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଖୋର୍ଦ୍ଧା ରୋଡ ଡିଭିଜନ ଅଧୀନରେ ବ୍ରହ୍ମପୁର, ବାଲୁଗାଁ, ପୁରୀ, ଭୁବନେଶ୍ୱର, କଟକ, ପାରାଦୀପ, ଅନୁଗୁଳ, ଭଦ୍ରକ ଏବଂ କେନ୍ଦୁଝରଗଡ଼ରେ ଶିବିର ଆୟୋଜନ କରାଯିବ। ରାୟଗଡ଼ା ଡିଭିଜନ ଅଧୀନରେ ଡିଆରଏମ୍ (ପର୍ସୋନେଲ୍) କାର୍ଯ୍ୟାଳୟ, ରାୟଗଡ଼ା ସମେତ କୋରାପୁଟ, ଜୟପୁର ଏବଂ ଆରକୁର ନିର୍ଦ୍ଧାରିତ କାର୍ଯ୍ୟାଳୟଗୁଡ଼ିକରେ ଶିବିର ଅନୁଷ୍ଠିତ ହେବ। ସମ୍ବଲପୁର ଡିଭିଜନ ଅଧୀନରେ ରେଢ଼ାଖୋଲ, ବଲାଙ୍ଗୀର, ଟିଟିଲାଗଡ଼, ମହାସମୁନ୍ଦ ଏବଂ କଣ୍ଟାବାଞ୍ଜିରେ ଶିବିର ଆୟୋଜନ କରାଯିବ। ଏହା ସହିତ ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ କ୍ୟାରେଜ ରିପେୟାର ୱର୍କସପ୍ ଏବଂ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଅଧୀନରେ ପିସିପିଓ/ପିଏଫଏ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନରେ ମଧ୍ୟ ଶିବିର ଆୟୋଜନ କରାଯିବ। ୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ଅତି ବରିଷ୍ଠ ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ଶିବିରକୁ ଆସୁଥିବା ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଆଧାର କାର୍ଡ, ପେନସନ ପେମେଣ୍ଟ ଅର୍ଡର, ବ୍ୟାଙ୍କ ପାସବୁକ୍ ଏବଂ ଆଧାର କାର୍ଡ ସହ ସଂଯୁକ୍ତ ମୋବାଇଲ ଫୋନ୍ ସାଙ୍ଗରେ ଆଣିବାକୁ ଅନୁରୋଧ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କର ପରିବାର ପେନସନଭୋଗୀମାନଙ୍କୁ ସୁଗମ, ଦକ୍ଷ ଏବଂ ପେନସନଭୋଗୀ ଅନୁକୂଳ ସେବା ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରଖିଛି।

ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ

ଭୁବନେଶ୍ୱର,୨।୧୧(ନିପ୍ର): ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ବିପଦସଂକୁଳ ଓ ପ୍ରଭାବିତ ଅଞ୍ଚଳରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ଜଳସେଚନ ଭିତ୍ତିଭୂମି ଓ ବନ୍ୟା ନିୟନ୍ତ୍ରଣ ବନ୍ଧର ମରାମତି ସହ ନଦୀଗୁଡ଼ିକର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଇଛି। ସର୍ବୋଚ୍ଚ ଯନ୍ତ୍ରୀ-ତଥା-ସ୍ୱତନ୍ତ୍ର ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଆ ?ବି ବେସିନ୍, ଜେନେରାଲ୍ ମ୍ୟାନେଜର, ଓସିସି ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହ ହନୁମାନପାଲି ନିକଟସ୍ଥ ହିରାଧରାଭାଟି ଆନିକଟଠାରେ ଧୋଇଯାଇଥିବା ଋଷିକୁଲ୍ୟା ବନ୍ୟା ନିୟନ୍ତ୍ରଣ ବନ୍ଧ ଓ ମୁଖ୍ୟ କେନାଲର ଆରମ୍ଭିକ ଅଂଶ ପରିଦର୍ଶନ କରିଥିଲେ। ରମଣାଦୀ ମୁଖ୍ୟ କେନାଲର ଆ ?ଡି ୧୪,୩୫୦ ମିଟରଠାରେ କ୍ଷତିଗ୍ରସ୍ତ ସର୍ଭିସ୍ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ରତଙ୍ଗ ଗ୍ରାମ ନିକଟରେ ବଡ଼ନଦୀର ଡାହାଣ ପାର୍ଶ୍ୱ ବନ୍ଧରେ ସୃଷ୍ଟି ହୋଇଥିବା ଘାଇ ବନ୍ଦ କରାଯାଇଛି। ଘୋଡ଼ାହାଡ଼ ନଦୀର ଡାହାଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ବନ୍ଧର ଖଇରାବେଠୀ ନିକଟସ୍ଥ ଆରଡି ୧୫,୪୦୦ ମିଟର ଏବଂ ହିଞ୍ଜିଳିକାଟୁ ବ୍ଲକ୍‌ର ବୈଚବଣିଆ ନିକଟସ୍ଥ ଆରଡି ୨୧,୩୬୦ ମିଟରଠାରେ ମରାମତି କାର୍ଯ୍ୟ ଜାରି ରହିଛି।

୪ରେ ବୌଦ୍ଧଠାରେ ସୁବର୍ଣ୍ଣପୁର ଜିଲ୍ଲାର ପେନସନ ଅଦାଲତ

ଅବସରକାଳୀନ ପ୍ରାପ୍ୟ ଓ ପେନସନ ସମ୍ବନ୍ଧୀୟ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ

ସୋନପୁର, ୨/୧୧(ନିପ୍ର): ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବକେୟା ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟର ତ୍ୱରିତ ସମାଧାନ ନିମନ୍ତେ ଆସନ୍ତା ନଭେମ୍ବର ୪ ତାରିଖରେ ବୌଦ୍ଧଠାରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେବ। ଏହି ଅଦାଲତରେ ଜିଲ୍ଲାର ଦୀର୍ଘଦିନ ଧରି ବିଚାରାଧୀନ ପେନସନ ମାମଲା, ଅବସରକାଳୀନ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ଓ ଅନ୍ୟାନ୍ୟ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ଏଥିସହ ଅବସର ଗ୍ରହଣ ଦିନ ହିଁ ପେନସନ, ଗ୍ରାଚୁଇଟି ଓ ଭବିଷ୍ୟନିଧି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ଏହି ଅଦାଲତରେ ଅଧକ୍ଷତା କରିବେ। ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ପେନସନ ଅନୁମୋଦନକାରୀ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗଦେବେ। ସୁବର୍ଣ୍ଣପୁର ଜିଲ୍ଲାର ଯେଉଁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କିମ୍ବା ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କ ପେନସନ ଓ ଅନ୍ୟାନ୍ୟ ପ୍ରାପ୍ୟ ବକେୟା ରହିଛି, ସେମାନେ ଆବଶ୍ୟକ କାଗଜପତ୍ର ସହ ନଭେମ୍ବର ୪ ତାରିଖ ଅପରାହ୍ନ ୨ଟା ୩୦ରୁ ୫ଟା ୩୦ ମଧ୍ୟରେ ବୌଦ୍ଧଠାରେ ଉପସ୍ଥିତ ରହି ନିଜ ଅଭିଯୋଗ ଜଣାଇପାରିବେ। ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପେନସନ ଦାବିଦାରଙ୍କୁ ଅନୁରୋଧ କରାଯାଇଛି।

ଭୂସ୍ଖଳନରେ ନିଖୋଜ ୧୨ଜଣଙ୍କର

ଏଯାଏ ମିଳୁନି ପତ୍ତା

କନ୍ଧମାଳ,୨।୧୧: ଗିଡ଼ିପାବାଲି ଭୂସ୍ଖଳନରେ ୧୨ ନିଖୋଜ ଘଟଣା, ଚିନ୍ତାରେ ପରିବାର । ଛାତିଥରା ଭୂସ୍ଖଳନରେ ନିଶ୍ଚିହ୍ନ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଗ୍ରାମରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ତେବେ ଏଯାବତ ୧୨ଜଣ ନିଖୋଜଙ୍କ ପତ୍ତା ମିଳିପାରି ନାହିଁ। ଦିନ ରାତି ପ୍ରୟାସ ଜାରି ରଖିଛନ୍ତି ଉଦ୍ଧାରକାରୀ ଟିମ୍ । ଛାତିଥରା ଭୂସ୍ଖଳନରେ ନିଶ୍ଚିହ୍ନ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଗ୍ରାମରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ତେବେ ଏଯାବତ ୧୨ ଜଣ ନିଖୋଜଙ୍କ ପତ୍ତା ମିଳିପାରି ନାହିଁ । ସାରା ରାଜ୍ୟର ଫୋକସ୍‌ରେ ଏହି ଅଚିହ୍ନା ଗାଁ । ଆଜି ଚର୍ଚ୍ଚାର କେନ୍ଦ୍ର ପାଲଟିଥିବା ବେଳେ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମବାହିନୀଠାରୁ ଆରମ୍ଭ କରି ଏସ୍‌ଓଜି, ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ସାମିଲ ହୋଇଛନ୍ତି ।

କଲେଜରେ ତାଲା ପକାଇଲେ ଛାତ୍ରଛାତ୍ରୀ

ଭାପୁର,୨/୧୧(ନିପ୍ର): ଯୁକ୍ତ ୨ କଲେଜରେ ପୁନଃନାମଲେଖା ଫି’ ଫେରସ୍ତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହାର ପ୍ରତିବାଦରେ ସୋମବାର ଭାପୁର ବ୍ଲକ ଟିକିରିପଡ଼ାସ୍ଥିତ ପ୍ରହଲ୍ଲାଦ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରଛାତ୍ରୀମାନେ କଲେଜରେ ତାଲା ପକାଇଥିଲେ। ସୂଚନା ଅନୁଯାୟୀ, ରାଜ୍ୟ ସରକାର କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ ନେଇ ଘୋଷଣା କରିଥିଲେ ମଧ୍ୟ ଦୁଇଟି ଶିକ୍ଷାବର୍ଷ ବିତିଯାଇଥିଲେ ମଧ୍ୟ ଏହା ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟକାରୀ ହୋଇନାହିଁ। ଗତ ଜୁନ୍ ମାସରେ ଛାତ୍ରଛାତ୍ରୀମାନେ ପୁନଃନାମଲେଖା କରିଥିବାବେଳେ ଜୁଲାଇ ୭ ତାରିଖରେ ଶିକ୍ଷା ବିଭାଗ ପକ୍ଷରୁ ମାଗଣା ପୁନଃନାମଲେଖା ସମ୍ପର୍କିତ ଚିଠି ଜାରି ହୋଇଥିଲା। ତେବେ ପୂର୍ବରୁ ଦାଖଲ ହୋଇଥିବା ନାମଲେଖା ଫି’ ଫେରସ୍ତ ସମ୍ପର୍କରେ ଚିଠିରେ ସ୍ପଷ୍ଟ ନିର୍ଦ୍ଦେଶ ନଥିବାରୁ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି। ଅନ୍ୟପକ୍ଷରେ, ଘରୋଇ କଲେଜ କର୍ତ୍ତୃପକ୍ଷ ନାମଲେଖା ଫି’ ଅନ୍ୟ କାର୍ଯ୍ୟରେ ଖର୍ଚ୍ଚ କରିଦେଇଥିବାରୁ ଅର୍ଥ ଫେରସ୍ତ କରିବାରେ ଅସମର୍ଥ ହୋଇଥିବା ଜଣାପଡ଼ିଛି।

ବାତ୍ୟା ‘ମୁରାସୁ’ ପ୍ରଭାବରେ ଗଜପତିରେ ପ୍ରବଳ ବର୍ଷା ଆଶଙ୍କା

ପାରଳାଖେମୁଣ୍ଡି, ୨/୧୧(ନିପ୍ର): ବାତ୍ୟା ‘ଅର୍ଣ୍ଣବ’ର କ୍ଷୟକ୍ଷତିରୁ ଗଜପତି ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ମୁକୁଳି ନଥିବା ବେଳେ ପୁଣି ବାତ୍ୟା ‘ମୁରାସୁ’ ଲୋକଙ୍କ ଚିନ୍ତା ବଢ଼ାଇଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ବାତ୍ୟାର ପ୍ରଭାବରେ ନଭେମ୍ବର ୩ ଓ ୪ ତାରିଖରେ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାତ୍ୟା ପ୍ରଭାବରେ ମୋହନା, ଆର. ଉଦୟଗିରି, ନୂଆଗଡ଼, ରାୟଗଡ଼ା ଓ ଗୁମ୍ମା ବ୍ଲକର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ସହ ମାଟି ଓ ପଥର ଧସିବାର ଆଶଙ୍କା ରହିଛି। ସେହିପରି ତଳିଆ ଅଞ୍ଚଳରେ ଜଳବନ୍ଦୀ ଓ ବନ୍ୟା ପରିସ୍ଥିତି ଉପୁଜିପାରେ। ପୂର୍ବ ବାତ୍ୟା ଯୋଗୁଁ ମାଟି ଦୁର୍ବଳ ହୋଇଥିବାରୁ ଭୂସ୍ଖଳନର ବିପଦ ଅଧିକ ରହିଥିବା ଆଶଙ୍କା କରାଯାଉଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଜିଲ୍ଲାର କେତେକ ସ୍ଥାନରେ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ଲଗାଣ ବର୍ଷା ଯୋଗୁଁ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହେବାର ମଧ୍ୟ ଆଶଙ୍କା ରହିଛି। ଜିଲ୍ଲାରେ ଚିହ୍ନଟ ହୋଇଥିବା ପ୍ରାୟ ୧୫୦ଟି ଭୂସ୍ଖଳନପ୍ରବଣ ସ୍ଥାନ ଉପରେ ପ୍ରଶାସନ ନଜର ରଖିଛି। ବିପଦସଙ୍କୁଳ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ, ପାନୀୟ ଜଳ ଓ ଔଷଧ ମହଜୁଦ ରଖିବାକୁ ପଦକ୍ଷେପ ନିଆଯାଇଛି।

୧୬ ବ୍ୟବସାୟୀଙ୍କୁ ଠେଲାଗାଡ଼ି ବଣ୍ଟନ

କଣ୍ଟିଲୋ, ୨/୧୧(ନିପ୍ର): ଖଣ୍ଡପଡ଼ା ଅଞ୍ଚଳର ଗରିବ ଓ ଉଠା ବ୍ୟବସାୟୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଜାତୀୟ ଅଣ୍ଡା ସମନ୍ୱୟ ସମିତି ପକ୍ଷରୁ ୧୬ ଜଣଙ୍କୁ ଠେଲାଗାଡ଼ି ବଣ୍ଟନ କରାଯାଇଛି। ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ମୁଖ୍ୟ ଡ. ଅଜିଲ କୁମାର ଉପସ୍ଥିତ ରହି ହିତାଧିକାରୀଙ୍କୁ ଠେଲାଗାଡ଼ି ପ୍ରଦାନ କରିଥିଲେ। ଏହାଦ୍ୱାରା ହିତାଧିକାରୀମାନେ ବିଭିନ୍ନ ବ୍ୟବସାୟ କରି ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିପାରିବେ ବୋଲି ଶ୍ରୀ ପଣ୍ଡା ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ସଂଗଠକ ଜିତେନ୍ଦ୍ର କୁମାର କାଟିଆ, ଯୁବ ବ୍ୟବସାୟୀ ସୌମ୍ୟରଞ୍ଜନ ସାହୁ, ସମ୍ବିତ କୁମାର ସାହୁ, ନୟାଗଡ଼ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସତ୍ୟେନ୍ଦୁ ଶେଖର ମିଶ୍ର ଓ ପରମେଶ୍ୱର ମହାନ୍ତି ସହଯୋଗ କରିଥିଲେ। ବେକାର ଯୁବକ-ଯୁବତୀ ଓ ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BONAI
Email:- rwd.bonai@yahoo.com
25001/1428/2627
Letter No. 4195 Date. 31.10.2026

CANCELLATION OF TENDER

Tender invited by this Office vide Bid Identification No. ONLINE-EEBNI-14 of 2026-27, Letter No- 4036 Dtd- 16.10.2026 , 01 (One) nos is hereby cancelled due to unavoidable circumstances.

1. S/R to Excise Inspector Quarter at Koida

Superintending Engineer
Rural Works Division, Bonai
OIPR 25001/25200/1/26-27/0021

GOVERNMENT OF ODISHA
OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION
e-mail: dfo.parlakhemundi@odisha.gov.in
8001/432/2627

INVITATION FOR BIDS (IFB)

Letter No. 5911 / Dtd. 29-10-2026 /

TENDER CALL NOTICE

INVITATION FOR BIDS (IFB)

E-Procurement Bid Identification No.PKD -02/2026-27

1.	Name of work	:-	Construction of Buildings
2.	No. of works	:-	02 Nos.
3.	No. of covers	:-	Single Cover
4.	Estimated Cost	:-	Rs. 12,76,000/-
5.	Period of Completion	:-	Three Calendar Months
6.	Date & Time of availability of bid documents in portal	:-	From 30.10.2026 to 05.00 PM to dated 10.11.2026.
7.	Last date/ time for receipt of bids in the portal	:-	Up to 5.00 PM of 10.11.2026.
8.	Date of opening of bid documents	:-	At 11.30 A.M. of 11.11.2026.
9.	Class of Contractor	:-	"C" & "D" Class Contractor
10.	Name and address of officer inviting Bid	:-	Divisional Forest Officer, Paralakhemundi Division, Paralakhemundi.

Further, details can be seen from the e-Procurement portal www.tenderodisha.gov.in. The Addendum / Corrigendum if any will be hosted in the website only.

Divisional Forest Officer,
Paralakhemundi Division.
OIPR 8001/8148/1/26-27/0002

AFFIDAVIT

By virtue of an Affidavit sworn before the Executive Magistrate, Bhubaneswar, Vide Affidavit No.: 26/ 31/10/2026, Dated 31/10/2026, I **Nirada Kumar Samantaray**, aged about 60 Years, S/o: Late Aparti Samantaray, Permanent Resident of Vill: Malipada, PO: Malipada, P.S: Chandaka, Dist.: Khordha, PIN-751029, Odisha declare that my name is misprinted as **Nirad Kumar Samantaray** in my daughter's (Nancy Ray) matric Certificate. Nirada Kumar Samantaray and **Nirad Kumar Samantaray** is one and same person.

ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତକଲେ ଟିପିଏସ୍‌ଓଡିଏଲ୍ ସିଇଓ

ବିଦ୍ୟୁତ୍ ଯୋଗାଣର ଶୀଘ୍ର ପୁନଃସ୍ଥାପନ ଉପରେ ଗୁରୁତ୍ୱ, ୬,୫୦୦ କର୍ମଚାରୀ ନିୟୋଜିତ

ବ୍ରହ୍ମପୁର, ୨/୧୧(ନିପ୍ର): ବାତ୍ୟା ‘ଅର୍ଣ୍ଣବ’ ପରବର୍ତ୍ତୀ ବର୍ଷା ଓ ବନ୍ୟାରେ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍)ର ସିଇଓ ଅମିତ କୁମାର ଗର୍ଗ। ସେ ବରିଷ୍ଠ ଅଧିକାରୀଙ୍କ ସହ ଗଞ୍ଜାମ ଜିଲ୍ଲାର ଆସିକା, ଶେରଗଡ଼ ଓ ସାନଖେମୁଣ୍ଡି ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହ ପୁନଃସ୍ଥାପନ କାର୍ଯ୍ୟର ତଦାରଖ କରିଥିଲେ। ଗସ୍ତ ସମୟରେ ଶ୍ରୀ ଗର୍ଗ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ବାତ୍ୟା ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସେମାନେ ସାମ୍ନା କରିଥିବା ସମସ୍ୟା



ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସହ ଆଲୋଚନା କରି କ୍ଷେତ୍ରସ୍ତରରେ ସେମାନେ ସାମ୍ନା କରୁଥିବା ସମସ୍ୟା ଓ ଆହ୍ୱାନ ବିଷୟରେ ଅବଗତ ହୋଇଥିଲେ। ବିଦ୍ୟୁତ୍ ଯୋଗାଣ ଶୀଘ୍ର ସ୍ୱାଭାବିକ କରିବା ପାଇଁ ବିଭିନ୍ନ ଦଳ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଇଥିଲେ। ଟିପିଏସ୍‌ଓଡିଏଲ୍ ?ର ଆଠଟି ଜିଲ୍ଲାର କାର୍ଯ୍ୟକ୍ଷେତ୍ରରେ ବ୍ୟାପକ ଭାବେ ବିଦ୍ୟୁତ୍ ପୁନଃସ୍ଥାପନ କାର୍ଯ୍ୟ ଜାରି ରହିଛି। ଦକ୍ଷିଣ ଓଡ଼ିଶାର ଅନେକ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ଅନ୍ୟ ପ୍ରଭାବିତ ସ୍ଥାନଗୁଡ଼ିକରେ ମରାମତି କାର୍ଯ୍ୟ ଚାଲିଛି। ଜଳବନ୍ଦୀ, ରାସ୍ତାରେ ଉପୁଡ଼ି ପଡ଼ିଥିବା ଗଛ ଓ ଆବର୍ଜନା ଏବଂ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରିବାର ଆହ୍ୱାନ ସତ୍ତ୍ୱେ କ୍ଷେତ୍ରୀୟ ଦଳଗୁଡ଼ିକ ନିରନ୍ତର ଭାବେ ମରାମତି କାର୍ଯ୍ୟରେ ନିୟୋଜିତ ଅଛନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ